ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସେମିରେ ଦକ୍ଷିଣ ଆଫ୍ରିକା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ–୩୩ • ସଂଖ୍ୟା–୩୦ • ୨୭ ଫେବୃଆରୀ ୨୦୨୬, ଶୁକ୍ରବାର • ଭୁବନେଶ୍ୱର • Vol -33 • Issue-30 • 27th February 2026, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ନୂଆଦିଲ୍ଲୀରେ ଓଡ଼ିଶା ଭବନର ନୂତନ ବିଲ୍ଡିଂ ପାଇଁ ଶିଳାନ୍ୟାସ

# ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟ୍‌ରେ ହେବ ଓଡ଼ିଶା ଭବନ

ଭୁବନେଶ୍ୱର/ନୂଆଦିଲ୍ଲୀ, ୨୬।୨

ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀଠାରେ ନୂତନ ଓଡ଼ିଶା ଭବନର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ଭବନର ନିର୍ମାଣ ଶୈଳୀରେ ଓଡିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ।

ସୂଚନାଯୋଗ୍ୟ ଯେ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ ଫ୍ଲୋର ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ଏକଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ।

ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡିଶା ଭବନ ନିର୍ମାଣ ହେବ। ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ (ପୃଷ୍ଠା ୭ରେ)

## ଟି୨୦ ବିଶ୍ୱକପ୍ : ସୁପର-୮ ମୁକାବିଲା

# ଜିମ୍ବାୱେକୁ ୭୨ ରନ୍‌ରେ ହରାଇଲା ଭାରତ

ଚେନ୍ନାଇ, ୨୬।୨



ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପୁରୁଷ ଟି୨୦ ବିଶ୍ୱକପ୍-୨୦୨୬ର ସୁପର-୮ ରାଉଣ୍ଡରେ ଗୁରୁବାର ଜିମ୍ବାୱେକୁ ଭାରତ ୭୨ ରନ୍‌ରେ ପରାସ୍ତ କରିଛି। ୨୫୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଜିମ୍ବାୱେ ୬ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଛି। ଜିମ୍ବାୱେ ପାଇଁ ବ୍ରାଏନ୍ ବେନ୍ନେଟ ସଂଘର୍ଷ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଶେଷ ପର୍ଯ୍ୟନ୍ତ ଖେଳିଥିଲେ। ସେ ୫୯ଟି ବଲ୍ ସାମ୍ନା କରିଥିଲେ। ୮ଟି ଚୌକା ଓ ୬ଟି ଛକା ବଳରେ ସେ ୯୭ ରନ୍ ସଂଗ୍ରହ କରିଥିଲେ।

ଭାରତର ବିଜୟରେ ଉଭୟ ବ୍ୟାଟର ଏବଂ ବୋଲରଙ୍କ ଚମକ୍‌ପ୍ରଦ ପ୍ରଦର୍ଶନ ଥିଲା। ଭାରତୀୟ ବୋଲର ଅର୍ଶଦୀପ ସିଂହ ୩ଟି ୱିକେଟ୍ ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଏବଂ ଶିଭମ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ଚେନ୍ନାଇର ଏମ୍.ଏ ଚିଦାମ୍ବରମ୍ ଷ୍ଟାଡିୟମରେ ଜିମ୍ବାୱେର ଅଧିନାୟକ ସିକନ୍ଦର ରଜା ଟସ୍ ଜିଣି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଭାରତୀୟ ଟିମ୍ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଭାରତ ୪ଟି ୱିକେଟ୍ ହରାଇ ୨୫୬ ରନ୍ ସଂଗ୍ରହ କରିଥିଲା।

ଟି-୨୦ ବିଶ୍ୱକପ୍-୨୦୨୬ରେ କୌଣସି ଟିମ୍‌ର ଏହା ହେଉଛି ସର୍ବାଧିକ ସ୍କୋର। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୫୦ ରନ୍ ସଂଗ୍ରହ କରିଥିଲେ। ସେହିପରି ଅଭିଷେକ ଶର୍ମା ୫୫ ରନ୍ କରିଥିବା ବେଳେ ଯୁବ କ୍ରିକେଟ୍‌ର ତିଲକ ବର୍ମା ମଧ୍ୟ ଅପରାଜିତ ୪୪ ରନ୍ ସଂଗ୍ରହ କରିଥିଲେ।

ଭାରତୀୟ ଟିମ୍‌ର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ସଂଜୁ ସାମସନ ଏବଂ ଅଭିଷେକ ଶର୍ମା ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ। ସଂଜୁ ସାମସନ ୨୪ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସଂଜୁଙ୍କୁ ବ୍ଲେସିଂ ମୁଜାରବାନି ରୟାନ ବର୍ଲଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହା ପରେ ଇଶାନ କିଶନ ଏବଂ ଅଭିଷେକ ଶର୍ମା ଦ୍ୱିତୀୟ ୱିକେଟ୍ ପାଇଁ ୭୨ ରନ୍ ଭାଗିଦାରୀ କରିଥିଲେ। ଏହି ଭାଗିଦାରୀ ସମୟରେ ଅଭିଷେକ ଶର୍ମା ୨୬ଟି ବଲ୍ ଖେଳି ଅର୍ଦ୍ଧଶତକ ପୂରା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଭିଷେକ ପ୍ରଥମ ଥର ୫୦ ରନ୍ ଅତିକ୍ରମ କରିଛନ୍ତି।

## କାନାଡା ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଆଜି

ନୂଆଦିଲ୍ଲୀ, ୨୬।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣ କ୍ରମେ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଶୁକ୍ରବାର ଠାରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଭାରତକୁ ଏକ ସରକାରୀ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ଏହା ପ୍ରଧାନମନ୍ତ୍ରୀ କାର୍ନିଙ୍କର ପ୍ରଥମ ସରକାରୀ ଭାରତ ଗସ୍ତ ହେବ । ଶୁକ୍ରବାର ପ୍ରଧାନମନ୍ତ୍ରୀ କାର୍ନି ମୁମ୍ବାଇରେ ପହଞ୍ଚିବେ । ଆଗାମୀ ଦୁଇ ଦିନ ମଧ୍ୟରେ, ସେ (ପୃଷ୍ଠା ୭ରେ)

## ଏନ୍‌ସିଇଆରଟି ବହିରେ ତ୍ରୁଟି: ପ୍ରଧାନମନ୍ତ୍ରୀ କ୍ଷୁବ୍ଧ, ଦୁଃଖ ପ୍ରକାଶ କଲେ ଶିକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ, ୨୬।୨



ଏନ୍‌ସିଇଆରଟିର ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଥିବା ନ୍ୟାୟିକ ଦୁର୍ନୀତି ବିଷୟକୁ ନେଇ ସମଗ୍ର ଦେଶରେ ହଇଚଇ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ କଡା ଭାବେ ଭର୍ତ୍ସନା କରିବା ସହ ବହିରେ ଥିବା ବିଷୟବସ୍ତୁ ଉପରେ ରୋକ ଲଗାଇ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ପ୍ରକାଶ ପୂର୍ବରୁ ଏହି ପ୍ରସଙ୍ଗ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୁ ଆସିଥିଲା।

ଏନସିଇଆରଟି ବହିରେ ଥିବା ବିବାଦୀୟ ବିଷୟକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଘଟଣା ପାଇଁ ଦାୟୀ ବ୍ୟକ୍ତି ବିଶେଷଙ୍କୁ ଉତ୍ତରଦାୟୀ କରିବାକୁ ମଧ୍ୟ ସେ କହିଥିଲେ ବୋଲି ଆଜି ସରକାରୀ ସୂତ୍ରରେ କୁହାଯାଇଛି।

ସରକାରୀ ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ବହିରେ ନ୍ୟାୟପାଳିକା ସହ ଜଡ଼ିତ ଦୁର୍ନୀତି ପ୍ରସଙ୍ଗକୁ ସାମିଲ କରାଯିବା କଥାକୁ ବିରୋଧ କରିଥିଲେ। ସେହିପରି ବିଷୟର ଯର୍ଥାଥ ତଥା ଏହାକୁ ମଞ୍ଜୁରୀ ଦିଆଯିବା ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ।

ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନସିଇଆରଟିର ବିବାଦୀୟ ୮ମ ଶ୍ରେଣୀ ସାମାଜିକ ବିଜ୍ଞାନ ବହିରେ ଥିବା ବିଷୟବସ୍ତୁକୁ ସୁପ୍ରିମକୋର୍ଟ ବ୍ୟାନ କରିବା ସହ ଅଦାଲତ ଅବମାନନା ନୋଟିସ ଜାରି କରିବା ପରେ ମୁହଁ ଖୋଲିଛନ୍ତି । ଏନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ସରକାର ସଂପୂର୍ଣ୍ଣ ଭାବେ କୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ କରିବେ ବୋଲି କହିଛନ୍ତି।

ଜାମସେଦପୁରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ "ଆମେ ନ୍ୟାୟପାଳିକାଙ୍କୁ ସମ୍ମାନ କରୁ। କୋର୍ଟ ଯାହା ବି କହିଛନ୍ତି କିମ୍ବା ଯାହା ବି କହିବେ, ଆମେ ଏହାକୁ ଅନୁପାଳନ କରିବୁ। ଯାହା ସବୁ ଘଟିଛି ସେଥିପାଇଁ ମୁଁ ଅତ୍ୟନ୍ତ ମର୍ମାହତ। ମୁଁ ପୂରା ଘଟଣାରେ ମୋର ଦୁଃଖପ୍ରକାଶ କରୁଛି।"

## ବିଜ୍ଞପ୍ତି ଜାରି ସହ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୬।୨

ନ୍ୟୁଜ୍ ବ୍ୟୁରୋ



ଗୁରୁବାର ରାଜ୍ୟ ସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ମାର୍ଚ୍ଚ ୫ ଯାଏ ନାମାଙ୍କନ ଦାଖଲ ପ୍ରକ୍ରିୟା ହେବ। ୬ରେ ଯାଞ୍ଚ କରାଯିବ। ମାର୍ଚ୍ଚ ୯ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ୧୬ରେ ନିର୍ବାଚନ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଓଡ଼ିଶାର ୪ ଆସନ ସମେତ ୧୦ ରାଜ୍ୟର ୩୭ ଆସନ ପାଇଁ ନିର୍ବାଚନ ହେବ।

ରାଜ୍ୟସଭା ନିର୍ବାଚନ ପାଇଁ ଉଭୟ ବିଜେଡ଼ି ଏବଂ ବିଜେପି ପକ୍ଷରୁ ପ୍ରାର୍ଥୀ ଚୟନ ଏକପ୍ରକାର ଚୂଡ଼ାନ୍ତ ହୋଇ ସାରିଛି। ବିଜେଡ଼ିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକ ଗୁରୁବାର ନବୀନ ନିବାସ ଠାରେ ସଭାପତି ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ପ୍ରାର୍ଥୀ ଚୟନ ଉପରେ ଆଲୋଚନା ହୋଇଥିଲା। ତେବେ ରାଜ୍ୟସଭା ପ୍ରାର୍ଥୀ ଘୋଷଣା ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନେବେ ବୋଲି ବୈଠକ ପରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପିଏସି ପକ୍ଷରୁ ନବୀନ ପଟ୍ଟନାୟକଙ୍କୁ ପ୍ରାର୍ଥୀ ଚୟନର ଦାୟିତ୍ୱ ଦିଆଯାଇଛି ଏବଂ ଯାହା ନିଷ୍ପତ୍ତି ହେବ ସମସ୍ତେ ତାହାକୁ ମାନିବେ ବୋଲି ସ୍ଥିର ହୋଇଛି। ଅନ୍ୟପକ୍ଷରେ ବିଜେପି ରାଜ୍ୟସଭାପତି ମନମୋହନ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ମହାରାଷ୍ଟ୍ରରେ ଆୟୁର୍ବେଦ ଓ ଯୋଗ ପରମ୍ପରାର ଗୁରୁତ୍ୱ ଉପରେ ଆଲୋକପାତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଜୟପୁରରେ ଅଖିଳ ଭାରତୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ଶୁଭାରମ୍ଭ।
- ସ୍ୱାସ୍ଥ୍ୟ ଓ ସୁସ୍ଥତା ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ବୃହତ ସହଭାଗିତା।
- ଯୁବପିଢ଼ି ପାଇଁ ନୂତନ ଶିକ୍ଷା ଓ ଚାକିରି ସୁଯୋଗ ସୃଷ୍ଟି : ଉନ୍ନତିର ନୂତନ ଆଶା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୬,୧୦୨ (-୮୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୬୦ (-୮୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨, ୦୭୭ (-୬୫)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୯୫ (+୦)

## ସାରା ଦେଶରେ ଯାତ୍ରୀ ଟର୍ମିନାଲର କ୍ଷମତା ବୃଦ୍ଧି ପାଇଁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୬।୨

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦେଶର ପ୍ରମୁଖ ଯାତ୍ରୀବାହୀ ଟ୍ରେନ୍ ଟର୍ମିନାଲଗୁଡ଼ିକର କ୍ଷମତା ବୃଦ୍ଧି ଯୋଜନାର ସମୀକ୍ଷା କରିଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ରେଳ ବୋର୍ଡ ଅଧିକାରୀ ଏବଂ ସମ୍ପୃକ୍ତ ଜୋନାଲ ରେଳବାଇକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରେଳବାଇ କ୍ରମାଗତ ଭାବରେ କ୍ଷମତା ବୃଦ୍ଧି କରିବା ଏବଂ ପ୍ରମୁଖ ସ୍ଥାନ, ବିଶେଷ କରି ବଡ଼ ସହରଗୁଡ଼ିକରେ ଭିଡ଼ କମ କରିବା, ଟ୍ରେନ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ତଥା ଯାତ୍ରୀଙ୍କ ସୁବିଧାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବା ପାଇଁ ଟର୍ମିନାଲ ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟ କରୁଛି। କ୍ଷମତା ବୃଦ୍ଧିରେ ପ୍ଲାଟଫର୍ମର ସମ୍ପ୍ରସାରଣ, ଚଳାଚଳ କ୍ଷେତ୍ର, ପ୍ରବେଶ-ପ୍ରସ୍ଥାନ ସ୍ଥାନ, ଯାତ୍ରୀ ସୁବିଧା ଏବଂ ଉନ୍ନତ ଟ୍ରାଫିକ ପ୍ରବାହ ପରିଚାଳନା ଆଦି ଅନ୍ତର୍ଭୁକ୍ତ।

ମନ୍ତ୍ରୀ ଦେଶବ୍ୟାପୀ ୭୬ଟି ରେଳ ଷ୍ଟେସନରେ ଅତିରିକ୍ତ ଯାତ୍ରୀ ଭିଡ଼କୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ବିଶେଷକରି ଉତ୍ସବ ଏବଂ ଯାତାୟାତ ସମୟରେ ବିକଶିତ ହୋଲ୍ଡିଂ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି ହୋଲ୍ଡିଂ କ୍ଷେତ୍ରଗୁଡ଼ିକୁ ବ୍ୟବସ୍ଥିତ ଭାବରେ ଭିଡ଼ ପ୍ରବାହକୁ ନିୟନ୍ତ୍ରଣ କରିବା, ସୁରକ୍ଷା ବୃଦ୍ଧି କରିବା ଏବଂ ଷ୍ଟେସନ (ପୃଷ୍ଠା ୭ରେ)

## ଘୋଡ଼ାନାଚ କଳାକାର ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କ ପରଲୋକ

### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଚୌଦ୍ୱାର, ୨୬।୨

ନ୍ୟୁଜ୍ ବ୍ୟୁରୋ



ବିଶିଷ୍ଟ ଘୋଡ଼ାନାଚ କଳାକାର ଡ. ଉଚ୍ଛବ ଚରଣ ଦାସଙ୍କ ଗୁରୁବାର ପରଲୋକ ହୋଇଯାଇଛି । ଅସୁସ୍ଥତା କାରଣରୁ ଚୌଦ୍ୱାରର ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଯାଇଛି। କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୨୧ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରୀ ଦାସଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରିଥିଲେ । ପାରମ୍ପରିକ ଘୋଡ଼ାନାଚକୁ ଉଜ୍ଜୀବିତ ରଖିବାରେ ତାଙ୍କର ବିଶେଷ ଅବଦାନ ଥିଲା ।

ଉଲ୍ଲେଖ ଥାଉ କି ଟାଙ୍ଗି ମଣିଆ ଗାଁରେ ଡ. ଦାସଙ୍କ ଜନ୍ମ। କିନ୍ତୁ ପିଲାଟି ବେଳୁ ସେ କଟକଜିଲ୍ଲା ଚୌଦ୍ୱାରରେ ରହି ପାଠ ପଢୁଥିଲେ। ଅଷ୍ଟମ ଶ୍ରେଣୀରେ ପଢ଼ିବା ସମୟରେ ଘୋଡ଼ାନାଚ କରିବାକୁ ସଂକଳ୍ପ ନେଇଥିବା ଏହି କଳାକାର ବର୍ଷସାରା କିଭଳି ଘୋଡ଼ାନାଚ ପ୍ରଦର୍ଶନ ହୋଇପାରିବ, ଗାଁଠାରୁ ବିଦେଶ, ଯେଭଳି ଘୋଡ଼ାନାଚ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ, ସେ ନେଇ ଅହରହ ଉଦ୍ୟମ ଜାରି ରଖିଥିଲେ ।

ମାଟ୍ରିକ୍ ପାସ୍ କରିବା ପରେ ୧୯୬୪ ମସିହାରେ ଘୋଡ଼ାନାଚ ଶିଖାଇବା ପାଇଁ ଏକ ଅନୁଷ୍ଠାନ ଆରମ୍ଭ କରିଥିଲେ। ସେ ସମୟରେ ଘରର ଅର୍ଥାଭାବ ଥିଲା। ଘୋର ଆର୍ଥିକ ସଂକଟ ଦେଇ ଗତି କରୁଥିଲା ପରିବାର। ଏଣୁ ପାଠ ପଢ଼ିବା ସହ ପାନ ଦୋକାନ କରିଥିଲେ। କଲେଜ ସାରି ଫେରିବା (ପୃଷ୍ଠା ୭ରେ)

## ଓଡ଼ିଶାରେ ପହଞ୍ଚିଲେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ଭୁବନେଶ୍ୱର, ୨୬।୨

ନ୍ୟୁଜ୍ ବ୍ୟୁରୋ

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଟ୍ରିବ୍ୟୁନାଲ ଅଧକ୍ଷ ଜଷ୍ଟିସ ବେଲା ଏମ. ତ୍ରିବେଦୀଙ୍କ ନେତୃତ୍ୱରେ ୯ଜଣିଆ ଟିମ୍ ଝାରସୁଗୁଡ଼ାରେ ପହଞ୍ଚିଛନ୍ତି। ଶୁକ୍ରବାର ଏହି ଟିମ୍ ହୀରାକୁଦ ବନ୍ଧ ସ୍ଲୁଇସ୍ ଗେଟ୍ ଏବଂ ବିଭିନ୍ନ ଅଞ୍ଚଳ ଗସ୍ତ କରି ସ୍ଥିତିର ଅନୁଧ୍ୟାନ କରିବେ ବୋଲି ଜଣାପଡିଛି।

ଟ୍ରିବ୍ୟୁନାଲ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ଟ୍ରିବ୍ୟୁନାଲ ସଦସ୍ୟ ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ଇନ୍ଦ୍ରମିତ୍ କୌର କୋଚର ନିଜ ପରିବାର ସହ ଆସିଥିବା ଜଣାପଡ଼ିଛି ।

## ଏକାଳ ପଖାଳ



ମହାନଦୀ କଥା ବୁଝିବା ପାଇଁକି
ରାଇଜେ ପହଞ୍ଚେ ଦଳ
ବୁଲିବୁଲି ସବୁ ଭଲକି ଦେଖିକି
ଦେବେ ସମାଧାନ ଫଳ
ଅଛେଦିନ୍, ଭଲ ବେଳ
ଏଇ କଥା ଟିକେ ଭାଗ୍ୟରେ ଯୁଟିଲେ
ବଦଳିବ ବେଳକାଳ।

# ୨୦୨୬ର ପ୍ରଥମ ଶକ୍ତିଶାଳୀ ବାତ୍ୟା 'ହୋରାସିଓ'



ନୂଆଦିଲ୍ଲୀ, ୨୬।୨

ବର୍ତ୍ତମାନ ବଙ୍ଗୋପସାଗରରେ ଲଘୁଚାପ ଯୋଗୁ ତେଲଙ୍ଗାନା ରାଜ୍ୟରେ ବର୍ଷା ହେଉଛି। ଭାରତ ମହାସାଗରରେ ହୋରାସିଓ ନାମକ ଏକ ବଡ଼ ଘୂର୍ଣ୍ଣିଝଡ଼ ସୃଷ୍ଟି ହୋଇଥିବାରୁ ଲୋକମାନେ ଭୟଭୀତ ହୋଇପଡ଼ିଛନ୍ତି। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି, ଏହା ଏପର୍ଯ୍ୟନ୍ତ ବର୍ଷର ସବୁଠାରୁ ବିପଦପୂର୍ଣ୍ଣ ଘୂର୍ଣ୍ଣିଝଡ଼, ଘଣ୍ଟା ପ୍ରତି ୨୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଅଛି। ତେବେ ପାଣିପାଗ ବିଭାଗ କହିଛି, ଏହା ଭାରତ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଦକ୍ଷିଣ ପଶ୍ଚିମ ଭାରତ ମହାସାଗରରେ ଏହି ବାତ୍ୟାଟି ରହିଛି।

ହାଇଦ୍ରାବାଦ ପାଣିପାଗ କେନ୍ଦ୍ର କହିଛି, ବର୍ଷା ଜାରି ରହିବ। ସାଙ୍ଗାରେଡ୍ଡି, ରଙ୍ଗାରେଡ୍ଡି, ମେଡକ ଏବଂ କାମାରେଡ୍ଡି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡ଼ଘଡ଼ି ଏବଂ ବିଜୁଳି ସହିତ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗ ସତର୍କ କରାଇ କହିଛି, କିଛି ଅଞ୍ଚଳରେ ଘଡ଼ଘଡ଼ି ଏବଂ ବିଜୁଳି ସହିତ ହାଲୁକା ବର୍ଷା ହୋଇପାରେ। ବିଶେଷକରି, କୁଥବୁଲ୍ଲାପୁର, କୁକଟପାଲି, ସେରିଲିଙ୍ଗାମପାଲି, (ପୃଷ୍ଠା ୭ରେ)

## ଓଡ଼ିଶା ସୂଚନା କମିଶନଙ୍କ ରେକର୍ଡ ସଂଖ୍ୟକ ଫଇସଲା

ଭୁବନେଶ୍ୱର, ୨୬।୨

ନ୍ୟୁଜ୍ ବ୍ୟୁରୋ

ବିଗତ ଦଶ ମାସରେ ୧୨୯୨୮ଟି ମାମଲା ଫଇସଲା କରି ଓଡ଼ିଶା ସୂଚନା କମିଶନ ଏକ ଐତିହାସିକ ରେକର୍ଡ ହାସଲ କରିଛନ୍ତି। ବିଚାରାଧୀନ ମାମଲା ସଂଖ୍ୟା ୨୨୬୧୧ ରୁ ୯୬୮୩ କୁ ହ୍ରାସ ପାଇଛି । ନୂତନ ସରକାରଙ୍କ ଦ୍ୱାରା ରାଜ୍ୟ ମୁଖ୍ୟ ସୂଚନା ଅଧିକାରୀ ଏବଂ ତିନି ଜଣ ନୂତନ ସୂଚନା କମିଶନରଙ୍କ ନିଯୁକ୍ତି ପରେ ସୂଚନା କମିଶନର ଫଇସଲାର ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବଶ୍ୟକ ସୂଚନା ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ କମିଶନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମାମଲାଗୁଡିକର ଦ୍ରୁତ ନିଷ୍ପତ୍ତି ତଥା ଅନାବଶ୍ୟକ ସ୍ଥଗିତତା ଏଡାଇବା ଉପରେ ମଧ୍ୟ କମିଶନ ଧ୍ୟାନ ଦେଇଛନ୍ତି।

୨୦୨୧ ଏବଂ ୨୦୨୨ ବର୍ଷର ସମସ୍ତ ବିଚାରାଧୀନ ମାମଲାର ଫଇସଲା ହୋଇଥିବାବେଳେ ୨୦୨୩ ଏବଂ ୨୦୨୪ ବର୍ଷର ଅଳ୍ପ କିଛି ମାମଲା ଫଇସଲା ହେବାକୁ ବାକି ଅଛି। କମିଶନ ଏବେ ୨୦୨୫ ଏବଂ ୨୦୨୬ ରେ ଦାଖଲ ହୋଇଥିବା ନୂତନ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ମାମଲାରେ କମିଶନ (ପୃଷ୍ଠା ୭ରେ)

32 YEARS

# ସମ୍ବାଦ କଳିକା

ଭୁବନେଶ୍ୱର, ୨୭ ଫେବୃୟାରୀ ୨୦୨୬ ଶୁକ୍ରବାର








## ପ୍ରବାସୀ ଶ୍ରମିକ ଓ ବାଲ୍ୟ ବିବାହ ଉପରେ ସଚେତନତା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ବାଲ୍ୟ ବିବାହ ବନ୍ଦ କରିବା ଓ ପ୍ରବାସୀ ଶ୍ରମିକଙ୍କୁ ସଚେତନତା କରାଇବା ପାଇଁ ଏକ କାର୍ଯ୍ୟକ୍ରମ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଶ୍ରମ ଅଧିକାରୀ ଆଶୁତୋଷ ପଟେଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ପରିଡା, ଆଇନଜୀବୀ ସଂଗ୍ରାମ କେଶରୀ ଦାଣ୍ଡୁଆ, ସ୍ଥାନୀୟ ସରପଞ୍ଚ ସମାଜସେବୀ ପବିତ୍ର ପରିଡା ପ୍ରମୁଖ ଉପସ୍ଥିତ ରହି ପ୍ରବାସୀ ଶ୍ରମିକ ଯେଉଁମାନେ ବିଦେଶେ କାର୍ଯ୍ୟ କରନ୍ତି, ସେମାନେ ଯିବା ପୂର୍ବରୁ ସେମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଜଣାଇ ପଞ୍ଜିକରଣ କରିବା ଏବଂ ପ୍ରବାସୀ ଆଇନ୍ ସମ୍ପର୍କରେ ସଚେତନତା କରାଇଥିଲେ । ଜିଲ୍ଲାରେ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ କରି ସୁସ୍ଥ ସମାଜ ଗଠନ କରିବା ଉପରେ ସମସ୍ତେ ଶପଥ ନେଇଥିଲେ । ବାଲ୍ୟ ବିବାହ ଆଇନ୍ ଉପରେ ଉପସ୍ଥିତ ଥିବା ସମସ୍ତ ଲୋକଙ୍କୁ ଆଇନ୍‌ର ସମସ୍ତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

## କେନ୍ଦ୍ରାପଡା ପୌରାଞ୍ଚଳରୁ ହଟାଗଲା ବେଆଇନ୍ ବ୍ୟାନର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବିନା ଅନୁମତିରେ ବେଆଇନ୍ ଭାବେ ଲଗାଯାଇଥିବା ବ୍ୟାନର ଓ ପୋଷ୍ଟରକୁ ପୌର ପ୍ରଶାସନ ଦ୍ୱାରା ବାହାର କରିଦିଆଯାଇଛି । ରାସ୍ତା କଡରେ ବିଭିନ୍ନ ଛକ, କାନ୍ଥ ଓ ଗଛ ଗୁଡିକରେ ବଡ ବଡ କଣ୍ଟା ବାଡେଇ ବାଉଁଶ ପୋତି ବିଭିନ୍ନ ରାଜନୈତିକ ଦଳ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବଡ ବଡ ଦୋକାନୀଙ୍କ ବ୍ୟାନରଗୁଡିକ ନିଜ ମନ ମୁତାବକ ଲଗାଇଥିଲେ । ପୌର ସଂସ୍ଥାରୁ ଏମାନେ କୌଣସି ଅନୁମତି ନେଇନଥିବାରୁ ଅଭିଯୋଗ ହେବାପରେ ପୌର ପ୍ରଶାସନ କର୍ମଚାରୀ ଏହାକୁ ବାହାର କରିଦେଇଛନ୍ତି ।

# ଜନଜାତିଙ୍କ କଳାକୃତି ବିଶ୍ୱ ବଜାରରେ ପହଞ୍ଚାଇବାକୁ ପ୍ରୟାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଜନଜାତି କଳାକୁ ବାଟ ଦେଖାଉଛି କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) । ଏହାର ମାଧ୍ୟମ ସାଜିଛନ୍ତି ସହର ଉପକଣ୍ଠ ବାଦପୁର ଟାଟା କଲୋନୀର ସୁକାନ୍ତି ଦାସ । ଓଡ଼ିଶାର ଜନଜାତି (ଗୋଣ୍ଡ, ଜୁଆଙ୍ଗ, ଲାଞ୍ଜିଆ) ଆଦି ବର୍ଗର ସ୍ୱତନ୍ତ୍ର କଳାକୃତି ବା ସଉରା ଆର୍ଟକୁ ବିଶ୍ୱ ବଜାରରେ ପହଞ୍ଚିବା ପାଇଁ ସୁକାନ୍ତି ବ୍ୟବହାର କରୁଛନ୍ତି ଏଆଇ । ଜନଜାତୀୟ କଳାର ବିକାଶ ପାଇଁ ଅତ୍ୟାଧୁନିକ ଏଆଇର ବ୍ୟବହାର କରି ସେ ଏଆଇର ସ୍ୱାବଲମ୍ବୀ ହୋଇଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଏବଂ ସଦ୍ୟ ଶେଷ ହୋଇଥିବା ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଭାଗ ନେଇ ଏଆଇ ବ୍ୟବହାରର ଅନ୍ୟାନ୍ୟ ଦିଗଗୁଡ଼ିକ ବିଷୟରେ ଶିକ୍ଷା ଲାଭ କରିଥିବା ସୁକାନ୍ତି କହିଛନ୍ତି । ସେ ପ୍ରସ୍ତୁତ କରିଥିବା ବିଭିନ୍ନ କଳାକୃତିକୁ ପ୍ରଦର୍ଶନ କରି ଅତିଥିଙ୍କ ଠାରୁ ପ୍ରଶଂସା ପାଇଥିବା କହିଛନ୍ତି । ବାଦପୁର ଟାଟା କଲୋନୀର ସୁକାନ୍ତି ଦାସ । ଶଶୀଭୂଷଣ ରଥ ମହିଳା ସ୍ୱୟଂଶାସିତ କଲେଜରୁ ହୋମ୍ ସାଇନ୍ସରେ ଯୁକ୍ତ ତିନି ପଢିଛନ୍ତି । ସ୍ୱାମୀ ଅଜିତ୍ ଦାସ ଓ ଝିଅ ସାନ୍‌ଭୀଙ୍କୁ ନେଇ ତାଙ୍କ ପରିବାର । ୨୦୨୧ରେ ଟାଯା ସୃଜନିକା ଗ୍ରୁପ୍‌ର ସଦସ୍ୟ ହୋଇ ସଉରା ଆର୍ଟ ତାଲିମ୍ ନେଇଥିଲେ । ଏହି ଚିତ୍ରକଳାକୁ ବିକଶିତ କରିବା ଭିନ୍ନ ରୂପ ଦେବା ପାଇଁ ଏଆଇର ବ୍ୟବହାର ଆରମ୍ଭ କରିଥିଲେ ସୁକାନ୍ତି । ଏଆଇ ସାହାଯ୍ୟରେ ପ୍ରତିଦିନ ନୂଆ ନୂଆ ଆର୍ଟ କରିବା ଆରମ୍ଭ କରିଥିଲେ । ଏବେ ଏହା ଦେଶର କୋଣ ଅନୁକୋଣରେ ପହଞ୍ଚିବା ସହ ପଡ଼ୋଶୀ ଦେଶ ନେପାଳ ଓ ଭୁଟାନ୍ ପର୍ଯ୍ୟନ୍ତ ପହଞ୍ଚିସାରିଛି । ଏଆଇ ଦ୍ୱାରା ବିକଶିତ ସଉରା ଆର୍ଟ ୫୦ରୁ ୬୦ ଦେଶରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି । କେବଳ ଆର୍ଟ କରିବାକୁ ଏଆଇ ବ୍ୟବହାର କରୁଛନ୍ତି ତା ନୁହେଁ, ଝିଅକୁ ଇଂରାଜୀ ଓ ଅନ୍ୟାନ୍ୟ ବିଷୟ ପଢ଼ାଇବାରେ ମଧ୍ୟ କୃତ୍ରିମ ବୁଦ୍ଧିମତାର ସାହାଯ୍ୟ ନେଉଛନ୍ତି । ଏହାକୁ ଅନନ୍ୟ ଟୁଲ୍ ଭାବେ ବର୍ଣ୍ଣନା କରିବା ସହ ସଠିକ୍ ଦିଗରେ ଏହାର ବ୍ୟବହାର ଯେକୌଣସି ବ୍ୟକ୍ତିଙ୍କୁ ସହଜରେ ସ୍ୱାବଲମ୍ବୀ କରିପାରିବ ବୋଲି ସୁକାନ୍ତି କହିଛନ୍ତି ।

## ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆରକ୍ଷୀ ଅଧିକାରୀଙ୍କୁ ଦାବିପତ୍ର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବିବାଦୀୟ ଏପଷ୍ଟିନ ଫାଇଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କ୍ୟାବିନେଟ ମନ୍ତ୍ରୀ ହରଦୀପ ସିଂ ପୁରିଙ୍କ ନାମ ଆସିବା ସାରା ଦେଶ ପାଇଁ ଲଜ୍ଜାର ବିଷୟ ପାଲଟିଛି । ତତ୍‌ସହିତ କ୍ୟାବିନେଟ୍ ମନ୍ତ୍ରୀ କିରନ ରିଜୁ ଏବଂ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ଅରୁଚିକର ଶବ୍ଦ ପ୍ରୟୋଗ କରିଥିବାରୁ ଗିରଫ କରିବା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାଗଣ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ଦେବା ସହ ଟାଉନ୍ ହଲ୍ ଛକ ଠାରୁ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ମହମ୍ମଦ ଅବଦୁଲ ୱାହିଦ, ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ବିଦ୍ୟାଧର ବାରିକ, ଶୁଭନାରାୟଣ ନାୟକ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଧନଞ୍ଜୟ ସୂତାର, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ପ୍ରହଲ୍ଲାଦ ବିଶ୍ୱାଳ, ବୃନ୍ଦାବନ ପ୍ରଧାନ, ମନମୋହନ ଗୋଛାୟତ, ଦେବୀ ପ୍ରସାଦ ପରିଡା, ସରୋଜ କୁମାର ପ୍ରଧାନ, ସୌଭାଗ୍ୟ ବିଶ୍ୱାଳ, ଦିଲ୍ଲିପ କୁମାର ମାହାର, ପବିତ୍ର ମନ୍ତ୍ରୀ , କାର୍ଯ୍ୟକାରୀ ସଦସ୍ୟ ଦୀପକ ପଶାୟତ, ବିଜୟ ବେହେରା, କୋଷାଧକ୍ଷ ବିଶ୍ୱଜିତ ପୋଥାଳ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ପାରାଦ୍ୱୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ପୃଷ୍ଟି, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରା ନନ୍ଦ ଲେଙ୍କା, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ୍, ଯୁବ କଂଗ୍ରେସ ଜାତୀୟ ସଂଯୋଜକ ସତ୍ୟବ୍ରତ ଦାସ, ଯୁବ ନେତା ପ୍ରିତମ ପରିଜା, ବରିଷ୍ଠ କଂଗ୍ରେସ ନେତା ମହନି ଚରଣ ରାଉତ, ନାରାୟଣ ନାୟକ, ନିହାର ରଞ୍ଜନ ଦାସ, ଜିଲ୍ଲା ନରେଗା ସଂଯୋଜକ ଅଭିଜିତ ସାହୁ, ଦୀପକ ଦାସ, ପ୍ରବୀର ସାହୁ, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ସ୍ୱାଇଁ, ମହମ୍ମଦ ଇସମାଇଲି, ପ୍ରଦିପ୍ତ ଶତପଥୀ, ଅବିନାଶ ମଲ୍ଲିକ, ଦୁଃଖିଶ୍ୟାମ ଦାସ, ଦେବ ପ୍ରସାଦ ମହାପାତ୍ର, ଅଭିଷେକ ବଳ, ସେକ୍ ହିଦାୟତ ଅଲ୍ଲୀ, ହିଫଜୁର ରେହେମାନ, ବ୍ରଜ କିଶୋର ମଲ୍ଲିକ, ସୟଦ ସାୟକ ରସୁଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ ।

## ଚାଉଳ ଯୋଗାଣ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାରେ ଏଫ୍‌ସିଆଇକୁ ୨୦୨୪-୨୫ ବର୍ଷ ପାଇଁ କେଏମ୍‌ଏସ୍ ଚାଉଳ ଯୋଗାଣ ପ୍ରକ୍ରିୟା ୬ ଫେବୃୟାରୀରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ସମସ୍ୟା ଉପରେ ସୁବର୍ଣ୍ଣପୁର ଜିଲ୍ଲାର ରାଇସ୍ ମିଲର୍ସ ସଂଘ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆସୋସିଏସନ୍ ପକ୍ଷରୁ ଲିଖିତ ଭାବେ ଜଣାଇଛନ୍ତି ଯେ ୨୦୨୪-୨୫ର ରବି ମାସରେ ୧୮, ୮୨,୯୯୨.୪୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରଯାଇଥିବା ବେଳେ ୮, ୬୩,୯୩୧.୨୩ କ୍ୱିଣ୍ଟାଲ ଚାଉଳ ଯୋଗାଇଛନ୍ତି ଯାହା ପ୍ରାୟ ୬୭% ଏବଂ ୪,୧୬,୫୦୩.୬୨ କ୍ୱିଣ୍ଟାଲ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗାଣ କରିନାହାନ୍ତି । ପୂର୍ବ କାର୍ଯ୍ୟଦକ୍ଷତାକୁ ଦେଖିଲେ ୨୦୨୪-୨୫ ବର୍ଷର ଶତ ପ୍ରତିଶତ ଚାଉଳ ଯୋଗାଣ ପାଇଁ ଆଉ ୩ ମାସ ସମୟ ଲାଗିବ । ଭାରତ ସରକାର ୨୦୨୬ ଏପ୍ରିଲ ସୁଦ୍ଧା ୨୦୨୪-୨୫ର ସିଏମ୍‌ଆର୍ ଯୋଗାଣ ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି । କିନ୍ତୁ ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାର ଏଫ୍‌ସିଆଇକୁ ଚାଉଳ ଯୋଗାଣ ୬ ଫେବୃୟାରୀରୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି । ଯେତେବେଳେ ଆମର ପଡ଼ୋଶୀ ଜିଲ୍ଲା ବରଗଡ଼ ଏବଂ ସମ୍ବଲପୁରରେ ଏଫ୍‌ସିଆଇ ଚାଉଳ ଯୋଗାଣ ନିୟମିତ ଭାବରେ ଜାରି ରହିଛି । ଏହି ସମ୍ପର୍କରେ ଫେବୃୟାରୀ ୧୬ ତାରିଖରେ ସୁବର୍ଣ୍ଣପୁରର ସିସିଏସ୍‌ଓଙ୍କୁ ମିଲର୍ସ ପ୍ରତିନିଧିତ୍ୱ ଦାଖଲ କରିଥିଲେ ଏବଂ ମିଲର ସଂଘର ସଦସ୍ୟମାନେ ଓଏସ୍‌ସିଏସ୍‌ସି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକଙ୍କୁ ଭେଟିଥିବା ବେଳେ ସେ କହିଥିଲେ ଯେ ଚାଉଳ ବିତରଣ ଗୋଟିଏ ସପ୍ତାହ ମଧ୍ୟରେ ପୁଣି ଆରମ୍ଭ ହେବ । ରାଜ୍ୟ ସ୍ତରରେ ୧୬ ତମ ପ୍ରୁଡେଣ୍ଟ ପ୍ଲାନ୍ କମିଟି ବୈଠକ ଫେବୃୟାରୀ ୨୦ରେ ହୋଇଥିଲାବେଳେ ଏଫ୍‌ସିଆଇ ଚାଉଳ ବିତରଣ ଲକ୍ଷ୍ୟ ୮ଟି ଜିଲ୍ଲାକୁ ଦିଆଯାଇଛି କିନ୍ତୁ ସେଥିରେ ସୁବର୍ଣ୍ଣପୁର ଜିଲ୍ଲାର ନାଁ ନଥିବା ଦୁର୍ଭାଗ୍ୟ ବୋଲି ସଂଘ ମତ ରଖିଛି । ମିଲର୍ ସମୂହ ଜିଲ୍ଲା ପ୍ରଶାସନକୁ ରାଜ୍ୟ ସରକାରଙ୍କୁ ଧାନ ସଂଗ୍ରହ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ ମାତ୍ର ୨୦୨୫-୨୬ ବର୍ଷ ପାଇଁ ଖରିଫରେ ୩୭,୬୮,୪୦୩.୨୧ କ୍ୱିଣ୍ଟାଲ ଧାନ ସଫଳତାର ସହ ସଂଗ୍ରହ କରାଯାଇଛି । ଧାନ ମିଲିଂ କାର୍ଯ୍ୟ ଆରମ୍ଭ ହୋଇନାହିଁ ଏବଂ ଗୋଦାମ୍ ଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଭର୍ତ୍ତି ଥିବା କହିଛନ୍ତି । ୨୦୨୫-୨୬ ବର୍ଷ ପାଇଁ ରବି ଫସଲ ମେ, ୨୦୨୬ରୁ ଖୁବ୍‌ଶୀଘ୍ର ଆରମ୍ଭ ହେବ ଏବଂ ଆମ ପାଖରେ ଧାନ ରଖିବା ପାଇଁ ଏବେ କୌଣସି ଜାଗା ନାହିଁ । ଧାନର ଗୁଣବତ୍ତା ହ୍ରାସ ପାଇବା ସହିତ, ଆମର ଚାଉଳ ମିଲ୍ ବନ୍ଦ ହେବା ଦ୍ୱାରା ପ୍ରତ୍ୟେକ ଚାଉଳ ମିଲ୍ ସହିତ ଜଡିତ ପାଞ୍ଚ ହଜାରରୁ ଅଧିକ ପରିବାରଙ୍କ ଜୀବିକା ମଧ୍ୟ ଖୁବ୍ ପ୍ରଭାବିତ ହେଉଛି ବୋଲି କହିଥିଲେ । ତେଣୁ ଜିଲ୍ଲାପାଳଙ୍କୁ ଓ ବିଭାଗୀୟ ଉପରିସ୍ଥ ସମସ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଯାହା ଦ୍ୱାରା ଏଫ୍‌ସିଆଇକୁ ସିଏମ୍‌ଆର୍ ବିତରଣ ଶୀଘ୍ର ପୁନଃ ଆରମ୍ଭ ହୋଇପାରିବ । ଯଦି ଆସନ୍ତା ସପ୍ତାହ ମଧ୍ୟରେ ଚାଉଳ ବିତରଣ ପୁନଃ ଆରମ୍ଭ ନହୁଏ ତେବେ ସଂଘର ଆଗାମୀ ଏକ୍ସନ୍ ବା କାର୍ଯ୍ୟପନ୍ଥା ଉପରେ ଯାହା ନିଷ୍ପତି ହେବ ଆମେ ମିଡିଆଙ୍କୁ ଜଣାଇବୁ ବୋଲି ରାଇସ୍ ମିଲର୍ସ ଆଶିଷ ବାବୁ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖିଛନ୍ତି । ପ୍ରକାଶଥାଉ କି ଯେ ୨୦୦୮/୨୦୧୦ରେ ଏଭଳି ପରିସ୍ଥିତି ସୃଷ୍ଟି ହେବାରୁ ରାଇସ୍ ମିଲ୍ ସବୁ ବୁଡିଯାଇଥିଲା ଓ ସରକାରଙ୍କୁ ଚାଉଳ ଦେଇନପାରିଥିବାରୁ ସରକାର ସବୁ ମିଲ୍ ଗୁଡ଼ିକ ରେଡ କରିଥିଲେ । ସେଥିପାଇଁ ସରକାର ଯେ କୌଣସି ଜାଗାରେ ଯେ କୌଣସି ପ୍ରକାରେ ଚାଉଳ ଦେବାକୁ କହିବେ ଆମେ ଚାଉଳ ଦେବାକୁ ପ୍ରସ୍ତୁତ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ସାମ୍ବାଦିକ ସମ୍ମିଳନୀ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

୨୭ତାରିଖ ଦିନ ପୂର୍ବାହ୍ନ ୧୦.୦୦ ଘଟିକାରୁ ମଡେଲ୍ ଡିଗ୍ରି ମହାବିଦ୍ୟାଳୟ ଠାରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିକଶିତ ଭାରତ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜନ ଓ ଅନୁଷ୍ଠିତ କରିବା ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲାପାଳ, ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସ୍ଥିତ ମିନି ସମ୍ମିଳନୀ କକ୍ଷ ଠାରେ ଅଧ୍ୟକ୍ଷ, ମଡେଲ ଡିଗ୍ରୀ ମହାବିଦ୍ୟାଳୟ ସୋନପୁର, ଦେବାଶିଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସେ ସୂଚନା ଦେଇ କହିଥିଲେ ଯେ ସୁବର୍ଣ୍ଣପୁର ଜିଲ୍ଲାର ୧୮ ରୁ ୨୫ ବର୍ଷ ବୟସ୍କ ପ୍ରାୟ ୨୦୦ ଯୁବ ପ୍ରତିଯୋଗୀ ଓ ଛାତ୍ର ଛାତ୍ରୀ ଭାଗ ନେବାର ବ୍ୟବସ୍ଥା ରହିଛି । ଏହି ବିକଶିତ ଭାରତ ଜାତୀୟ ଯୁବ ସଂସଦ ରେ 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଆଲୋଚନାର ବିଷୟବସ୍ତୁ ରହିଥିବା ବେଳେ ପ୍ରତିଯୋଗୀମାନେ ଏହି ବିଷୟ ବସ୍ତୁ ଉପରେ ନିଜସ୍ୱ ମତ ରଖିବେ ବୋଲି ସ୍ଥିର ହୋଇଛି । ଏହି ବିକଶିତ ଭାରତ ଜାତୀୟ ଯୁବ ସାଂସଦକୁ ସଫଳ ଭାବେ ଆୟୋଜନ କରିବା ନିମନ୍ତେ କାର୍ଯ୍ୟସୂଚୀ ଓ ଆଲୋଚ୍ୟ ବିଷୟ ବସ୍ତୁକୁ ସୁବର୍ଣ୍ଣପୁର ଜିଲ୍ଲା ସମସ୍ତ ମହାବିଦ୍ୟାଳୟ ମାନଙ୍କୁ ଚିଠି ମାଧ୍ୟମରେ ଜଣାଇବା ସଂଗେ ସଂଗେ ସୋନପୁର ସହିତ ସମସ୍ତ ପଞ୍ଚାୟତ ସମିତି ମୁଖ୍ୟାଳୟ ମାନଙ୍କର ଛକ ଜାଗା ମାନଙ୍କରେ ପୋଷ୍ଟର ଲଗାଇ ବହୁଳ ପ୍ରଚାର ଓ ପ୍ରସାର କରାଯିବ ବୋଲି ସୂଚନା ଦେଇଥିଲେ । ଏହି ବିକଶିତ ଭାରତ ଜାତୀୟ ଯୁବ ସାଂସଦରେ ଶ୍ରେଷ୍ଠ ୫ ଜଣ କୃତି ଛାତ୍ରଛାତ୍ରୀ ଓ ଯୁବକ ମାନଙ୍କୁ ରାଜ୍ୟସ୍ତରକୁ ମନୋନୀତ କରାଯିବ । ଏହି ସମ୍ମିଳନୀରେ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତି ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ସୁବର୍ଣ୍ଣପୁର ଜିଲ୍ଲାର ଯୁବକମାନଙ୍କୁ ଏହି ଜାତୀୟ ଯୁବ ସାଂସଦ ବହୁ ସଂଖ୍ୟାରେ ଯୋଗଦାନ କରି ଭାରତ ବିକାଶରେ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ । ଏହି ବିକଶିତ ଭାରତ ଜାତୀୟ ଯୁବ ସଂସଦର କାର୍ଯ୍ୟକ୍ରମକୁ ସମସ୍ତ ସମ୍ବାଦ ପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର କରିବା ପାଇଁ ଉପସ୍ଥିତ ସମସ୍ତ ସାମ୍ବାଦିକଙ୍କୁ ମଡେଲ୍ କଲେଜ୍ ଅଧ୍ୟକ୍ଷ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଡକ୍ଟର ସନ୍ତୋଷ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଏବଂ ମୋ ଭାରତ ଅଧିକାରୀ କୃପାସିନ୍ଧୁ ସାଙ୍କ ସମେତ ଅନେକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିଲେ ।

## ସଡ଼କ ସୁରକ୍ଷା ଓ ମଟର ଯାନ ଆଇନ୍ ସମ୍ପର୍କରେ ସଚେତନତା




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଦୁହୁରିଆ ସ୍ଥିତ ଅର୍କ ଏକାଡେମୀରେ ସଡକ ସୁରକ୍ଷା, ସଡକ ଦୁର୍ଘଟଣା ଓ ମଟର ଯାନ ଆଇନ୍ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆଇନ୍‌ସେବା ପ୍ରାଧିରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଡକ ପରିବହନ ଅଧିକାରୀ (ଆରଟିଓ) ଲୋକନାଥ ମେହେର, ଡିଏସ୍‌ପି ଗୋପୀନାଥ ପ୍ରଧାନ, କଲେଜ ଅଧ୍ୟକ୍ଷ ଅଣୁଜ କୁମାର ପ୍ରଧାନ, ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, କଲେଜ ସମ୍ପାଦକ ଆଦିତ୍ୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଡକ ସୁରକ୍ଷା, ମଟର ଯାନ ଦୁର୍ଘଟଣା କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଟ୍ରାଫିକ୍ ନିୟମକୁ ମାନିବା, ମଟର ସାଇକେଲ ଚଲାଇବା ବେଳେ ହେଲ୍‌ମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା ଇତ୍ୟାଦି ଉପରେ ଯୁବ ପିଢିଙ୍କୁ ସଚେତନତା କରାଯାଇଥିଲା । ସଭା ଶେଷରେ ଶ୍ରୀକାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଗଡ଼ ବନଖଣ୍ଡ ବିଭାଗ ପକ୍ଷରୁ ନିଆଁରା କାର୍ଯ୍ୟକ୍ରମ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗ୍ରୀଷ୍ମ ଋତୁରେ କିପରି ଭାବେ ଜଙ୍ଗଲକୁ ସୁରକ୍ଷା କରାଯିବ ଓ ଜଙ୍ଗଲରେ କିଭଳି ନିଆଁ ନଲାଗିବ ସେଥିପାଇଁ ସାଢ଼େ ତିନି ମାସ ଧରି ଜଙ୍ଗଲ ନିଆଁ ସଚେତନତା ରଥ ଶୁଭାରମ୍ଭ କରାଯାଇଛି । ବରଗଡ଼ ଜିଲ୍ଲାର ୧୨ଟି ବ୍ଲକର ଗାଁରୁ ସହରଯାଏ ସବୁଠି ଏହି ସଚେତନତା ରଥ ବୁଲି ବୁଲି ଲୋକଙ୍କୁ ସଚେତନ କରାଇବ । ବରଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ଛଅଟି ସୁସଜ୍ଜିତ ସଚେତନତା ରଥକୁ ଉଦଘାଟନ କରିଥିଲେ ବରଗଡ଼ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ଏସିଏଫ୍ ହରମୋହନ ରଥ, ଏସିଏଫ୍ ହରିଶଙ୍କର ନାଏକ । ଜଙ୍ଗଲ ନିଆଁ ଏକ ମନୁଷ୍ୟକୃତ ବିପତ୍ତି । ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା । ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା । ଗଛ ବଞ୍ଚିଲେ ପୃଥିବୀ ବଞ୍ଚିବ । ଆପଣଙ୍କର ସଚେତନତା ଜଙ୍ଗଲ ସୁରକ୍ଷା ଏଭଳି ସଚେତନତା ବାର୍ତ୍ତା ନେଇ ଗାଁଗାଁ ବୁଲିବ ଏହି ସଚେତନତା ରଥ । ଏବର୍ଷ ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ୬୦ ଜଣିଆ ସ୍କ୍ୱାର୍ଡ ଗଠନ କରାଯାଇଛି । ଆସନ୍ତା ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା ରଥ ସମଗ୍ର ବରଗଡ଼ ଜିଲ୍ଲା ପରିକ୍ରମା କରି ଲୋକଙ୍କୁ ସଚେତନ କରିବ ।

## ଶିଶୁଙ୍କୁ ଉତ୍ତମ ବ୍ୟବହାର ଓ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ




**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପୋଲିସ ସଭାଗୃହ ପରିସରରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନରେ କାର୍ଯ୍ୟ କରୁଥିବା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ବିଭାଗ ତରଫରୁ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ଅଂଶୀଦାର ପ୍ରମୁଖଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମ୍ମିତ କୁମାର ମାଝୀ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ, ଅନ୍ୟତମ ଅତିଥି ରୂପେ କିଶୋର ନ୍ୟାୟ ପରିଷଦର ସରକାରୀ ଅଭିଯୋକ୍ତା ଅଞ୍ଜୁ ରାଉତ, ଆଇନସେବା ପ୍ରାଧିକରଣର ଅତିରିକ୍ତ ସ୍ଥାୟୀ ଅଧିବକ୍ତା ଡ଼. ତାପସ କୁମାର ମହାନ୍ତି, ପୂର୍ବତନ ଜେଜେବି ସଦସ୍ୟ ଅଧିବକ୍ତା ବନମାଳୀ ଜେନା, ଜେଜେବି ସଦସ୍ୟ ବେଣୁଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ୱାବଧାନରେ ଶିଶୁ ସୁରକ୍ଷା ୟୁନିଟ୍‌ର ବରିଷ୍ଠ ଆଇନ୍ ଅଧିକାରୀ ସୁବ୍ରତ ଦାସଙ୍କ ମଞ୍ଚ ସଂଯୋଜନାରେ ବିଷୟ ବିଶାରଦ ରୂପେ ପୂର୍ବତନ ଶିଶୁକଲ୍ୟାଣ ସମିତି, ଅନୁଗୁଳର ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦାନ କରି ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ବିଭିନ୍ନ ଅଂଶୀଦାର ମାନଙ୍କ ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାରେ ଶିଶୁ ମାନଙ୍କ ପାଇଁ ପ୍ରାବଧାନତା ସମ୍ପର୍କରେ ଆଲୋକପାତ କରିଥିଲେ । ଶିଶୁଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ତାଙ୍କ ପାଇଁ ଶିଶୁ ମିତ୍ର ପରିବେଶ ସୃଷ୍ଟି କରିବାପାଇଁ ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ବିଭିନ୍ନ ଥାନାର ଶିଶୁ ମଙ୍ଗଳ ଅଧିକାରୀ, ଉପକାରାଗର, ରେଳ ବିଭାଗର ପୋଲିସ ଅଧିକାରୀ, ପ୍ୟାନେଲ୍ ଅଧିବକ୍ତା, ବିଭିନ୍ନ ପରାମର୍ଶଦାତା, ସଖୀ ସେଣ୍ଟର, ଶକ୍ତି କେନ୍ଦ୍ର, ଚାଇଲ୍ଡ ହେଲ୍ପ ଲାଇନ୍‌ର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶିଶୁ ମାନଙ୍କ ପାଇଁ ଆଇନ୍‌ର ବ୍ୟବସ୍ଥା, ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁଙ୍କୁ କିପରି ସାମାଜିକ ସ୍ରୋତରେ ସାମିଲ କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରିଣୀ (ଅଣ-ଆନୁଷ୍ଠାନିକ) ସ୍ୱାଗତିକା ବାରିକ, ସୁବାଶିଷ ମିଶ୍ର, କୁଳଦୀପ ଜେନା, ଦମୟନ୍ତୀ ଦାଶ ସମେତ ଚାଇଲ୍ଡ ଲାଇନ୍‌ର ଟିମ୍ ସଦସ୍ୟ ଲକ୍ଷ୍ମୀକାନ୍ତ ସେଠୀ, ଚନ୍ଦ୍ରକାନ୍ତ ଗୋଛାୟତ, ପରାମର୍ଶଦାତା ଲକ୍ଷ୍ମଣ ଜେନା, ପରିଦର୍ଶକ ଦିଗ୍ ବିଜୟ ମହାନ୍ତି, କାହ୍ନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଶ୍ରୀମତୀ ବାରିକଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

### ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେବ ଓଲଚିକି ଶତାବ୍ଦୀ ସମାରୋହ

## ଦୁବାଇରେ କାର୍ଯ୍ୟକ୍ରମ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଓଲଚିକି ଲିପି ଶତବାର୍ଷିକୀ ସମାରୋହ ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେବାକୁଯାଉଛି । ଆଜିର ଆଧୁନିକ ଯୁବପିଢ଼ି ମାନଙ୍କ ମଧ୍ୟରେ ଆଦର୍ଶ ସୃଷ୍ଟି କରିବା ନିମନ୍ତେ ଦୁବାଇରେ ଏପ୍ରିଲ ୧୧ ଓ ୧୨ରେ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏନେଇ ପ୍ରସ୍ତୁତି ଜୋର୍‌ଦାର୍ ଆରମ୍ଭ ହୋଇଛି । ରାଇରଙ୍ଗପୁରର ଦାଣ୍ଡବୋଷ ସ୍ଥିତ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟି ସଦସ୍ୟମାନେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ଭେଟି ଆଲୋଚନା କରିଛନ୍ତି । ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁ ୧୯୨୫ରେ 'ଓଲଚିକି' ଲିପି ସୃଷ୍ଟି କରିଥିଲେ । ସାନ୍ତାଳୀ ଭାଷା କୋଷ ପାଇଁ ଉକ୍ତ ଅବଦାନ ସଦା ସ୍ମରଣୀୟ ଅଟେ । ଓଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଏକଶତ ବର୍ଷ ପୂର୍ତ୍ତି ଅବସରରେ ତାଙ୍କ ସ୍ମୃତି ଚାରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ତେବେ ଅନ୍ତର୍ଜାତୀୟ ସ୍ତରରେ ଦୁବାଇର ବୁର୍ଜ ଖଲିଫା ଠାରେ ଶତାବ୍ଦୀ ସମାରୋହ ଆୟୋଜନ ନେଇ ପ୍ରସ୍ତୁତି ଜାରି ରହିଛି । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୀବନୀକୁ ନେଇ ଓଲଚିକି ଭାଷାରେ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି । ଏହାସହିତ ଶତ ବର୍ଷ ପାଳନ ଅବସରରେ ଯଥୋଚିତ ସମ୍ମାନ ପ୍ରଦାନ କରିବାକୁ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଯାହାକି ଆର୍ନ୍ତଜାତିକ ସ୍ତର ତାଙ୍କ ନାମକୁ ସଦା ଉଜ୍ଜୀବିତ କରି ରଖିବ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସବିଶେଷ ଆଲୋଚନା କରିଛନ୍ତି । ଓଡ଼ିଶା ସମେତ ଝାରଖଣ୍ଡ, ବିହାର, ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟରେ ବସବାସ କରୁଥିବା ସାନ୍ତାଳ ଲୋକେ ଯୋଗଦାନ କରିବେ । ଯାହାକୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ ଶ୍ରୀ ସୋରେନଙ୍କ ସହ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସର୍ଭେ ଅଫ୍ ଇଣ୍ଡିଆ ଦ୍ୱାରା ଓଲଚିକି ଲିପିରେ ଅନୁବାଦିତ ଝାଡ଼ଖଣ୍ଡର ମାନଚିତ୍ର ଓ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଶତବାର୍ଷିକୀ କାର୍ଯ୍ୟକ୍ରମ ସାନ୍ତାଳୀ ଭାଷା ଓ ଓଲଚିକି ଲିପିର ସଂରକ୍ଷଣ ଏବଂ ପ୍ରଚାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ସାନ୍ତାଳୀ ସମ୍ପ୍ରଦାୟର ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରଚାର କରିବାରେ ସହାୟକ ହେବ । ଉକ୍ତ ବୈଠକ ଲେଖକ ଚୁନିୟାନ ମୁର୍ମୁ, ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ କୋଷାଧ୍ୟକ୍ଷ ଆନ୍ତ ଆଲୋକ ବାସ୍କେ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ମୂର୍ଚ୍ଛା ରୋଗରେ ଯୁବକ ମୃତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା ରେଙ୍ଗାଭାଟି ଗ୍ରାମର ଜରାହୁ ଗଣ୍ଡ (୩୫)ରବିବାର ରାତିରେ ଘରୁ ବାହାରି କେଉଁଆଡେ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରି ମଧ୍ୟ ପାଇପାରିନଥିଲେ । ବୁଧବାର ସକାଳୁ ଦେଖିବାକୁ ପାଇଥିଲେ ଘର ଠାରୁ ପ୍ରାୟ ଏକ କିଲୋମିଟର ଦୂର ଗ୍ରାମ୍ୟ ଜଙ୍ଗଲରେ ପଡିରହିଛି ଜରାହୁର ମୃତ ଶରୀର । ରାଇଘର ଥାନାରେ ଲିଖିତ ଜଣାଇବା ପାରେ ପୋଲିସ ଘଟଣା ସ୍ଥଳକୁ ଯାଇ ମୃତ ଶରୀର ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପୋଲିସ ସୂତ୍ରରୁ ପ୍ରକାଶ ଯେ ଜରାହୁର ମାନସିକ ବିକୃତି ପୂର୍ବରୁ ଥିଲା । ଏହିପରି ପୂର୍ବରୁ ଜରାହୁ ଘରୁ ଦୁଇ ତିନ ଥର ବାହାରେ ବୁଲି ଘରକୁ ଫେରେ କିନ୍ତୁ ଏଥର ତାର ମୂର୍ଚ୍ଛା ରୋଗଥିବା କାରଣରୁ ରୋଗ ବାହାରିବା ସମୟରେ କେହି ପାଖରେ ନଥିବା କାରଣରୁ ଶନିବାର ରାତିରେ ତାର ମୃତ୍ୟୁ ହୋଇଥିବା ପ୍ରକାଶ କରିଛି । ଏହି ଘଟଣାକୁ ନେଇ ରାଇଘର କେଶ୍ ୧୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏଏସ୍‌ଆଇ ମନୋରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ।

## ଜନଗଣନା ପୂର୍ବ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ ଶିବିର

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଡ଼ିଆରଡ଼ିଏର ସମ୍ମିଳନୀ କକ୍ଷ ଠାରେ ଆଗାମୀ 'ଡିଜିଟାଲ୍ ଜନଗଣନା ୨୦୨୭' ପାଇଁ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଜିଲ୍ଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ-ତଥା-ଚାର୍ଜ ଅଫିସର ଏବଂ ଜନଗଣନା ସହାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧାନ ବ୍ୟବସ୍ଥା' ଏବଂ ଏଚ୍‌ଏଲ୍‌ବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷ କରି ତଥ୍ୟ ସଂଗ୍ରହ, ରିଅଲ୍-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲ୍‌ରେ ଡାଟା ଏଣ୍ଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ଦିଆଯାଇଥିଲା । ଦ୍ୱିତୀୟ ଦିନରେ ଚାର୍ଜ ଅଫିସର, ଗଣନାକାରୀ ଏବଂ ସୁପରଭାଇଜର ମାନଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା । ଏଥିସହ 'HLO ମୋବାଇଲ୍ ଆପ୍' ମାଧ୍ୟମରେ ସ୍ୱୟଂ ଜନଗଣନା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ ହେଉଛି ଜନଗଣନା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଜିଟାଲାଇଜ୍ କରିବା ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା । ଏହାଦ୍ୱାରା ୨୦୨୭ ଜନଗଣନା କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହୋଇପାରିବ । ଏହି କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତଙ୍କ ସନ୍ଦେହ ଦୂର କରିବା ସହ ଆଗାମୀ ଦିନରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧଙ୍କ ଧାରଣା:ଅବସର ପରେ ମଧ୍ୟ ମିଳୁନାହିଁ ପେନ୍‌ସନ୍



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଅବସର ପରେ ମଧ୍ୟ ପେନ୍‌ସନ୍ ଟଙ୍କା ଗଣ୍ଡାକ ମିଳୁନାହିଁ । ପେନ୍‌ସନ୍ ଟଙ୍କା ପାଇଁ ବାରମ୍ବାର ସରକାରୀ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି । ଏହାପରେ ମଧ୍ୟ ସମାଧାନ ନହେବାରୁ ବୃଦ୍ଧ ଜଣକ ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ବୃଦ୍ଧ ଜଣକ ହେଲେ ଅବସରପ୍ରାପ୍ତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସୁଭାଷ ଚନ୍ଦ୍ର ମହାନ୍ତ । ଅବସର ପରେ ନିଜର ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇବାରୁ ବଞ୍ଚିତ ରହିଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ ଜଣାଇବା ପରେ ମଧ୍ୟ ପେନ୍‌ସନ୍ ଟଙ୍କା ମିଳୁନାହିଁ । ବାର୍ଦ୍ଧକ୍ୟ ଅବସ୍ଥାରେ ପେନ୍‌ସନ୍ ଟଙ୍କା ନମିଳିବାରୁ ପରିବାର ପ୍ରତିପୋଷଣ ଓ ଔଷଧ ନିମନ୍ତେ ମଧ୍ୟ ଟଙ୍କା ମିଳୁନାହିଁ । ଯାହାକୁ ନେଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପେନ୍‌ସନ୍ ଟଙ୍କା ପାଇଁ ଗତ ଡିସେମ୍ବର ମାସରେ ସେ ସିଡିଏମ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସିଡିଏମ୍‌ଓ ତାଙ୍କୁ ଭେଟି ଆଲୋଚନା କରିଥିଲେ । ସପ୍ତାହକ ମଧ୍ୟରେ ତାଙ୍କର ସମସ୍ୟାକୁ ସମାଧାନ କରି ପେନ୍‌ସନ୍ ଟଙ୍କା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାର ଦୁଇ ମାସ ପରେ ମଧ୍ୟ କୌଣସି ସମାଧାନ ହେଲାନାହିଁ । ତେଣୁ ବୃଦ୍ଧ ଜଣକ ନ୍ୟାୟ ପାଇବା ନିମନ୍ତେ ଧାରଣାରେ ବସିଛନ୍ତି ।

## କଣ୍ଟାବାଞ୍ଜି ଜେଏମ୍‌ଏଫ୍‌ସି କୋର୍ଟର ସରକାରୀ ଓକିଲ ଭାବେ ବିବେକ ଶର୍ମାଙ୍କ ନିଯୁକ୍ତି



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ପ୍ରେସ୍ କ୍ଲବ କଣ୍ଟାବାଞ୍ଜିର ଆଇନ୍ ପରାମର୍ଶଦାତା ଆଇନଜୀବୀ ବିବେକ ଶର୍ମାଙ୍କୁ କଣ୍ଟାବାଞ୍ଜି ଜେଏମ୍‌ଏଫ୍‌ସି କୋର୍ଟର ସରକାରୀ ଓକିଲ ଭାବେ ଓଡ଼ିଶା ସରକାର ପକ୍ଷରୁ ନିଯୁକ୍ତି ମିଳିଥିବାରୁ ପ୍ରେସ୍ କ୍ଲବ କଣ୍ଟାବାଞ୍ଜି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ସମ୍ବର୍ଦ୍ଧନା ଅବସରରେ ପ୍ରେସ୍ କ୍ଲବ ସଭାପତି ପ୍ରଭଜିତ ସିଂ ସାଲୁଜା, ସମ୍ପାଦକ ସୁରୁଦାସ ବାଗ, କୋଷାଧ୍ୟକ୍ଷ କମଲଜିତ ସିଂ ମଖିଜା, ଉପ-ସଭାପତି ମନୋଜ ଶର୍ମା, ଅଫିସ ସମ୍ପାଦକ ବିଶିକେସନ ମାଝୀ, ପରାମର୍ଶଦାତା ଆଶିଷ ଖଇତାନ ସହ ସଦସ୍ୟ କମଳ ଅଗ୍ରୱାଲ ଓ ଅମିତ ଶର୍ମା ଉପସ୍ଥିତ ଥିଲେ । ଏହି ଅବସରରେ ସଭ୍ୟମାନେ ବିବେକ ଶର୍ମାଙ୍କ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇ ସଫଳ କାର୍ଯ୍ୟକାଳ କାମନା କରିଥିଲେ ।

## କେସିସିର ଯୁବ କର୍ମଚାରୀଙ୍କ ପରଲୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟ୍‌ର ଯୁବ କର୍ମଚାରୀ ସେକ୍ କମରୁଲ୍ ହକ୍ (୩୮)ଙ୍କ ପରଲୋକ ହୋଇଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଡହାଟ ଗ୍ରାମର ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ଼ଃ ସେକ୍ ସମସୁରଙ୍କ ପୁତ୍ର ସେକ୍ କମରୁଲ୍ ଦୀର୍ଘଦିନ ହେଲା ଶଯ୍ୟାଶାୟୀ ଥିଲେ । ଏକ ଘରୋଇ ନର୍ସିଂହୋମ୍‌ରେ ତାଙ୍କର ପରଲୋକ ହୋଇଯାଇଛି । ପରଲୋକର ଖବରପାଇ କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟର ସଭାପତି ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରି ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି ।

## ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ

**ବାଲେଶ୍ୱର, ନ୍ୟୁଜ୍**



ବାଲେଶ୍ୱର ସ୍ଥିତ ଅଡିଟୋରିୟମ୍ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱର ଏବଂ ଜିଲ୍ଲା ବିପର୍ଯ୍ୟାୟ ପରିଚାଳନା କର୍ତ୍ତୃପକ୍ଷ ବାଲେଶ୍ୱର ମିଳିତ ସହଯୋଗରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କିତ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ଜନିତ ପରିସ୍ଥିତିରେ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନେ ସଜାଗ ରହିବା ସହିତ ଏସମ୍ପର୍କରେ ସୂଚନା ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ସମୟରେ ବନାଗ୍ନି, ଜୀବଜନ୍ତୁଙ୍କ ସୁରକ୍ଷା ଓ ଜଙ୍ଗଲ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ପାଇଁ ଜିଲ୍ଲା ବନ୍ୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକରେ ଜଳ ବିରତି ପାଇଁ ଜଳ ଘଣ୍ଟିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଜଳ ଉଠେଇବା ଏବଂ ଜଳର ସୁପରିଚାଳନା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାନୀୟ ଜଳ, ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା, ଅଗ୍ନିଶମ ସେବା, ବିଦ୍ୟାଳୟ, ପରିବହନ, ପ୍ରାଣୀ ସମ୍ପଦ ସହ ଅନ୍ୟାନ୍ୟ ବିଭାଗର ପଦକ୍ଷେପ ଉପରେ ବିସ୍ତୃତ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଗ୍ରାମାଞ୍ଚଳରେ ପାନୀୟଜଳ ସମ୍ପର୍କିତ ଅଭିଯୋଗ ପାଇବାର ୨୪ଘଣ୍ଟା ମଧ୍ୟରେ ନଳକୂଅ କାର୍ଯ୍ୟକ୍ଷମ କରିବା, ଯେଉଁଠି ନଳକୂପର ବ୍ୟବସ୍ଥା ହୋଇପାରୁନାହିଁ ସେହି ଅଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେଭଳି ପଞ୍ଚାୟତ, ଏନ୍‌ଏସି ପୌରପରିଷଦ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜନଗହଳି ଅଞ୍ଚଳରେ ଜଳଛତ୍ର ଖୋଲିବା, ପିଏଚ୍‌ସି, ସିଏଚ୍‌ସି ଉପଖଣ୍ଡ ଓ ସଦର ଡାକ୍ତରଖାନାରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କୋଠରୀ ବ୍ୟବସ୍ଥା, ଯଥେଷ୍ଟ ପରିମାଣର ଓଆର୍‌ଏସ୍ ଏବଂ ଆବଶ୍ୟକ ଔଷଧ ମହଜୁଦ୍ ରକ୍ଷା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା । ଶ୍ରମିକମାନେ ଯେପରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ କାର୍ଯ୍ୟ ନକରନ୍ତି ତାହା ଦେଖିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଧ୍ୟାନ ଦେବାକୁ ଟିପିଏନ୍‌ଓଡିଏଲ୍ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଗ୍ରୀଷ୍ମପ୍ରବାହ ସମୟରେ ହେଉଥିବା କାଳବୈଶାଖୀର ମୁକାବିଲା ନିମନ୍ତେ ସତର୍କ ରହିବ ପାଇଁ ଜିଲ୍ଲାପାଳ ଏନ୍.ଡି.ଆର୍.ଏଫ୍ ଓ ଓଡ୍ରାଫ୍ ବାହିନୀକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗ୍ରୀଷ୍ମପ୍ରବାହ ଏବଂ କାଳବୈଶାଖୀର ସଠିକ୍ ତଥ୍ୟ ଗୁଡିକର ଆଦାନ ପ୍ରଦାନ ନିମନ୍ତେ ସତର୍କ ଆପ୍‌ର ବ୍ୟବହାର କରିବା ଲାଗି ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ଜନସାଧାରଣ ମାନଙ୍କର ଗ୍ରୀଷ୍ମପ୍ରବାହ ସମ୍ବନ୍ଧୀୟ ଅଭିଯୋଗ ଗୁଡିକର ଶୁଣାଣି ନିମନ୍ତେ ଜିଲ୍ଲା ଜରୁରୀ କାଳୀନ ନିୟନ୍ତ୍ରଣ କକ୍ଷର ଟୋଲ୍ ଫ୍ରି ନମ୍ବର (୧୦୭୭) ଓ ବ୍ଲକ ନିୟନ୍ତ୍ରଣ କକ୍ଷର ଜରୁରୀ କାଳୀନ ନମ୍ବର ଗୁଡିକର ଡିସ୍‌ପ୍ଲେକରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ କୁମାର ସିଂ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଉପଜିଲ୍ଲାପାଳ, ନୀଳଗିରି, ଅତିରିକ୍ତ ପ୍ରକଳ୍ପ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର, ପୌରପାଳିକା ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଆପଦମିତ୍ର ସ୍ୱେଚ୍ଛାସେବୀ, ସିଭିଲ୍ ଡିଫେନ୍ସ, ଅଗ୍ନିଶମ ବିଭାଗ ଅଧିକାରୀ, ବାଲେଶ୍ୱର, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ବାଲେଶ୍ୱର, ଅବନୀକାନ୍ତ ଭୂୟାଁ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଏବଂ ପରିଶେଷରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ ଥାନା ଅଧିକାରୀ ଭାବେ ଚିନ୍ମୟୀ ସାହୁ ଯୋଗଦେଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ ପରେ ଧର୍ମଶାଳା ଥାନା ଅଧିକାରୀ ଭାବେ ଚନ୍ମୟୀ ସାହୁ ମଙ୍ଗଳବାର ଦିନ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏଠାରେ ପୂର୍ବରୁ ଥିବା ଥାନା ଅଧିକାରୀ ରମାକାନ୍ତ ନାୟକ ଓ ଅତିରିକ୍ତ ଆଇଆଇସି ସୁବ୍ରତକୁମାର ସାହୁଙ୍କୁ ଜିଲ୍ଲା ମଧ୍ୟରେ ଅନ୍ୟତ୍ର ବଦଳି କରାଯାଇଛି । ବହୁକର୍ମଚାରୀ ଓ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି । ସେ ପୂର୍ବରୁ ଜିଲ୍ଲାର କୁଆଖିଆ ଓ ବରୀ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ ।

## ଚାଷୀ ମାରଣା ନୀତି ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ନେଇ ବିଜେଡ଼ିର ପ୍ରତିବାଦ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପ୍ରତିବାଦରେ ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ଦିଆଗଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ଜିଲ୍ଲା ମହିଳା ବିଜେଡ଼ି ସଭାପତି ଲୋରା ମହାପାତ୍ର, ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା, ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସାଦ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସମ୍ପିତ ରାଉତରାୟ, ବାପି ସର୍କେଲ, ପାରାଦ୍ୱୀପ ପୌରପରିଷଦ ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ରାଜ୍ୟ ମହିଳା ବିଜେଡ଼ି ଉପସଭାପତି କନକ ପ୍ରଭା ଲେଙ୍କା, ବିଜେଡ଼ି ଉପସଭାପତି ଦୀପ୍ତି କୁମାର ଦାସ, ସମସ୍ତ ବ୍ଲକ ବିଜେଡ଼ି ସଭାପତି, ଛାତ୍ର ବିଜେଡ଼ି ସଭାପତି ସମିତ ଲେଙ୍କା ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସମସ୍ତ ଜିଲ୍ଲାପରିଷଦ ସଦସ୍ୟ ଓ ବିଭିନ୍ନ ପଞ୍ଚାୟତର ନେତୃମଣ୍ଡଳୀମାନେ ସାମିଲ ହୋଇଥିଲେ ।



# ପଶ୍ଚିମବଙ୍ଗ ଦମ୍ପତି କନ୍ୟା ସନ୍ତାନ ଗ୍ରହଣକଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମବଙ୍ଗ ଦମ୍ପତି କେନ୍ଦ୍ରାପଡ଼ାରୁ ଏକ କନ୍ୟା ସନ୍ତାନ ଗ୍ରହଣ କରିଛନ୍ତି। ପଶ୍ଚିମବଙ୍ଗର ହୁଗୁଲି ଜିଲ୍ଲାର ଆରାମବାଗ ଅଞ୍ଚଳର ମଣିମାଳା ମିଟିଦତ ଓ ମାନସରାଗ ଦତ୍ ଯେକି ପେଶାରେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେମାନେ କେନ୍ଦ୍ରାପଡାର ପଲ୍ଲିଶ୍ରୀ ମହିଳା ସମିତିର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରୁ ଏକ କନ୍ୟା ସନ୍ତାନ ଗ୍ରହଣ କରିଛନ୍ତି । ଏହି ଦମ୍ପତିଙ୍କୁ କନ୍ୟା ସନ୍ତାନ ଗ୍ରହଣ କରିବାରୁ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.



ଆୟାର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଏବଂ ପଲ୍ଲିଶ୍ରୀ ମହିଳା ସମିତିର ପରିଚାଳକ ପ୍ରମୁଖ ଉପସ୍ଥିତ ରହି ଏହି ଦମ୍ପତିଙ୍କୁ ସ୍ୱାଗତ କରି କନ୍ୟା ସନ୍ତାନକୁ ଏକ କଣ୍ଢେଇ ପ୍ରଦାନ କରିଥିଲେ।

# ମଧୁକାନ୍ତଙ୍କୁ ନିଆଗଲା ଝାରପଡ଼ା ଜେଲ୍

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଫେରାର୍ ବିହାରୀ କଏଦୀ ମଧୁକାନ୍ତ ରାଣା ଉତ୍ତରପ୍ରଦେଶର ବୃନ୍ଦାବନ ସ୍ଥିତ ଏକ ମଠରୁ ଗିରଫ ହେବାପରେ ତାଙ୍କୁ ଫେବୃୟାରୀ ୧୪ ତାରିଖରୁ ଚୌଦ୍ୱାର ଜେଲରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଥିଲା । କମିଶନରେଟ୍ ପୋଲିସ୍ ନ୍ୟାୟାଳୟଙ୍କ ଠାରୁ ଅନୁମତି ଆଣି ୬ ଦିନ ରିମାଣ୍ଡରେ ନେଇ ମଧୁକାନ୍ତଙ୍କୁ ତାର ଓ ତା' ସହଯୋଗୀ ରାଜା ସାହାଣୀର ଫେରାର୍ ସମ୍ପର୍କିତ ପଚରା ଉଚରା କରିଥିଲା । ଏବେ ଜେଲରେ ସୁରକ୍ଷା ଦୃଷ୍ଟିରୁ ବୁଧବାର ଦିନ ମଧୁକାନ୍ତଙ୍କୁ ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିବା ଚୌଦ୍ୱାର ଜେଲ୍ ସୁପରିଟେଣ୍ଡେଣ୍ଟ ସୁଜିତ୍ ରାଉଳ ସୂଚନା ଦେଇଛନ୍ତି ।





# କଟକରେ ଯାତାୟାତରେ ବାଧା ସାଜିଛି ଓଭର୍‌ହେଡ୍ ବ୍ୟାରିକେଡ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି କଟକ ସିଡିଏ ସେକ୍ଟର–୧୦ ଓ ୧୧ ମଧ୍ୟରେ ଲଗାଯାଇଥିବା ଏକ ଓଭର୍‌ହେଡ୍ ବ୍ୟାରିକେଡ୍ । କେବଳ କଟକବାସୀଙ୍କ ପାଇଁ ସମସ୍ୟା ନୁହେଁ ବରଂ ଏହା ଏବେ ସାରା ରାଜ୍ୟ ପାଇଁ ସମସ୍ୟା ସାଜିଛି । ସେକ୍ଟର–୧୧ ବାଲିଘାଟ ଗଡ଼ାରୁ ସେକ୍ଟର–୧୦ ମଧୁସେତୁ ଗଡ଼ା ପର୍ଯ୍ୟନ୍ତ ରାସ୍ତାକୁ 'ନୋ ଏଣ୍ଟ୍ରି ଜୋନ୍' ଘୋଷଣା କରାଯାଇ ବ୍ୟାରିକେଡ୍ ଲଗାଯାଇଛି । ଫଳରେ ପଶ୍ଚିମ ଓଡ଼ିଶାକୁ ଯୋଡୁଥିବା ବସ୍ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ ହୋଇଛି । କଟକର କାଠଯୋଡ଼ି ନଦୀବନ୍ଧକୁ ମହାନଦୀ ମଧୁସୂଦନ ସେତୁ ସହ ସଂଯୋଗ କରୁଥିବାରୁ ଏହି ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ କରିଡର ଭାବେ ପରିଗଣିତ ହେଉଥିଲା । ଜାତୀୟ ରାଜପଥରେ ଗହଳି କମାଇବା ଏବଂ ଦୂରତା ହ୍ରାସ କରିବା ପାଇଁ ବ୍ୟବହାର କରାଯାଉଥିବା ଏହି ରାସ୍ତାରେ ଏବେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି । କେବଳ ଦୂରଗାମୀ ଘରୋଇ ବସ୍ ନୁହେଁ, ସରକାରଙ୍କ ପ୍ରମୁଖ ଯୋଜନା 'ଆମ ବସ୍' ମଧ୍ୟ ଏହି କଟକଣା ଯୋଗୁଁ ନରାଜ ପାର୍ଶ୍ୱ ରାସ୍ତାରେ ଯାଇପାରୁନାହିଁ । ଫଳରେ ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା ଓ ବୁର୍ଲା ଅଞ୍ଚଳକୁ ଯାଉଥିବା ଯାତ୍ରୀମାନେ ପ୍ରଭାବିତ ହେଉଛନ୍ତି । ସେହିପରି ରାଉରକେଲା, ସମ୍ବଲପୁର, ଅନୁଗୋଳ ଓ ଢେଙ୍କାନାଳ ଅଭିମୁଖେ ଯାଉଥିବା ଶତାଧିକ ବସ୍ ଚଳାଚଳ ବନ୍ଦ ହୋଇଯାଇଥିବାରୁ ଯାତ୍ରୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ତେବେ ଅନୁଗୋଳ ଓ ତାଳଚେର ପାର୍ଶ୍ୱରୁ ଭୁବନେଶ୍ୱରକୁ ଆସୁଥିବା ମାଲ ପରିବହନ ଗାଡ଼ିଓ ତୈଳ ଟ୍ୟାଙ୍କର ଗୁଡ଼ିକ ଚୌଦ୍ୱାର ହୋଇ ବୁଲି ବୁଲି ଆସିବା ପରିବର୍ତ୍ତେ ଏହି ରାସ୍ତାରେ ସହଜରେ ଯାତାୟାତ କରୁଥିଲେ । ମାତ୍ର ଗତ ୪ ଦିନ ହେବ ରାସ୍ତାର ଦୁଇ ପାର୍ଶ୍ୱରେ କମ୍ ଉଚ୍ଚତାର ଓଭର୍‌ହେଡ୍ ବ୍ୟାରିକେଡ୍ ନିର୍ମାଣ କରାଯାଇଥିବାରୁ ବସ୍ ଓ ଟ୍ରକ୍ ଗୁଡ଼ିକ ଅଧା ବାଟରୁ ଫେରୁଛନ୍ତି । ସୂଚନା ଅନୁଯାୟୀ, ଜିଲ୍ଲାର କୌଣସି ରାସ୍ତାରେ କଟକଣା ଜାରି କରିବାର ଅଧିକାର କେବଳ ସଡ଼କ ପରିବହନ ଅଥୋରିଟି ଆର୍‌ଟିଏର ରହିଛି ଏବଂ ଏହାର ଅଧ୍ୟକ୍ଷ ହେଉଛନ୍ତି ଜିଲ୍ଲାପାଳ । ମାତ୍ର କଟକ ଜିଲ୍ଲାପାଳ ଏହି ବ୍ୟାରିକେଡ୍ ସମ୍ପର୍କରେ କୌଣସି ସୂଚନା ନଥିବା କହିବା ଏବେ ପ୍ରଶାସନିକ ସମନ୍ୱୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କିଏ ଓ କେଉଁ ପରିସ୍ଥିତିରେ ଏହି ବ୍ୟାରିକେଡ୍ ଲଗାଇଛି ତାହାର ଅନୁଧ୍ୟାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, କଟକଣା ଲଗାଇବାର ଅଧିକାର ହେଉଛି ଆର୍‌ଟିଏ ବିଭାଗର । ଜିଲ୍ଲାପାଳ ଏହାର ଅଧ୍ୟକ୍ଷ । କ'ଣ ସମସ୍ୟା ହୋଇଛି ତାହା ଉପରେ ଦୃଷ୍ଟି ଦିଆଯିବ । ଯେପରି ଜନସାଧାରଣ ଓ ସ୍ଥାନୀୟ ବାସିନ୍ଦାଙ୍କ ଅସୁବିଧା ହେବନାହିଁ ସେ ଉପରେ ଧ୍ୟାନ ଦିଆଯିବ ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ତୀବ୍ର ଆନ୍ଦୋଳନ

# ଦାବି ପୂରଣ ନହେଲେ କଟକ ବନ୍ଦ ଚେତାବନୀ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜୋର୍ ଧରିଲା ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା । ଛାତ୍ରୀମାନଙ୍କୁ ସମର୍ଥନ କରି କଲେଜର ପୂର୍ବତନ ଛାତ୍ରୀ, କଟକ ବରିଷ୍ଠ ନାଗରିକ, କଟକ ବିଭିନ୍ନ ସଂଗଠନର ସଦସ୍ୟମାନେ ଆସି ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି । ଯେପର୍ଯ୍ୟନ୍ତ ସରକାର ଶୈଳବାଳାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିନାହିଁ ସେପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି କହିଛନ୍ତି । ଦାବି ପୂରଣ ନହେଲେ ଆଗାମୀ ଦିନରେ କଟକ ବନ୍ଦ ପାଇଁ ମଧ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ପୂର୍ବତନ ଛାତ୍ରୀମାନେ । ଜିଲ୍ଲାପାଳଙ୍କ ସହିତ ଆଲୋଚନା ବିଫଳ ହେବା ପରେ କଲେଜର କିଛି ଛାତ୍ରୀ ଓ ପୂର୍ବତନ ଛାତ୍ରୀମାନେ ଅହୋରାତ୍ର ଧାରଣା ଦେଉଥିଲେ । ପୁଣି ଧାରଣା ଜାରି ରହିବ ବୋଲି କହିଛନ୍ତି । ଅନ୍ୟପଟେ କଲେଜ ଅଧ୍ୟକ୍ଷଙ୍କ ନାଁରେ ଛାତ୍ରୀମାନେ ବଡ଼ ଅଭିଯୋଗ ଆଣିଛନ୍ତି । କଲେଜ ଅଧ୍ୟକ୍ଷ ଅପରାହ୍ନ ୩ଟା ପରେ କଲେଜ ପରିସରରେ ପିଲାମାନଙ୍କୁ ରହିବା ପାଇଁ ଦେଉନାହାଁନ୍ତି । ଯେଉଁ ଛାତ୍ରୀମାନେ ଆନ୍ଦୋଳନରେ ସାମିଲ୍ ହେଉଛନ୍ତି ସେମାନଙ୍କ ଅଭିଭାବକମାନଙ୍କୁ ଫୋନ୍ କରି ମିଛ ସତ କୁହାଯାଉଥିବା ଅଭିଯୋଗ ଆଣିଛନ୍ତି ଛାତ୍ରୀମାନେ । ଏପରିକି ଆନ୍ଦୋଳନରେ ସାମିଲ୍ ହେଲେ କ୍ୟାରିୟର୍ ନଷ୍ଟ କରିଦେବାକୁ ବିଭାଗର ଏଚ୍‌ଓଡ଼ିମାନେ ଧମକ୍ ଦେଉଛନ୍ତି ବୋଲି ଛାତ୍ରୀମାନେ ଅଭିଯୋଗ ଆଣିଛନ୍ତି ।

## ସୁବର୍ଣ୍ଣପୁର ରେଳଷ୍ଟେସନ୍‌ରେ ଅପରାଧ ନିୟନ୍ତ୍ରଣ ପାଇଁ ଜିଆର୍‌ପି ପୋଲିସ ଖୋଲିବା ଦାବି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ରେଳଷ୍ଟେସନ୍ ୨୦୨୪ ନିର୍ବାଚନ ପୂର୍ବରୁ ଚଳାଚଳ କରୁଥିବା ସତ୍ତ୍ୱେ ଆଜିପର୍ଯ୍ୟନ୍ତ ରେଳଷ୍ଟେସନ୍‌ରେ ଜିଆର୍‌ପି ପୋଲିସ ଷ୍ଟେସନ୍ ଯାହାକି ଡ଼ିଜି ପୋଲିସ ଖୋଲିବା ନିୟମ ତାହା ଖୋଲାଯାଇନି । ଏଥି ସଂକ୍ରାନ୍ତରେ ଡ଼ି.ଜି, ଡ଼ି.ଆଇ.ଜି, ଏସ୍.ପି ସୁବର୍ଣ୍ଣପୁରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ବି ଡ଼ି.ଜି ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନଥିବା କ୍ଷୋଭର ବିଷୟ। ଜିଆର୍‌ପି ଥାନା ନଥିବା ଯୋଗୁଁ ରେଳଷ୍ଟେସନ୍‌ରେ ଆଜିପର୍ଯ୍ୟନ୍ତ ଯାହା ସବୁ ଅପରାଧ ଘଟୁଛି ସେଥିରେ କିଛି ଅପରାଧୀ ଧରାପଡି ରେଳ ଯୋଗେ ବଲାଙ୍ଗୀର ଚାଲାଣ କରାଯାଇ ବଲାଙ୍ଗୀର ଜିଆର୍‌ପିରେ ମୋକଦ୍ଦମା ପଞ୍ଜିକରଣ କରାଯାଇ ବଲାଙ୍ଗୀର କୋର୍ଟରେ ମାମଲାର ବିଚାର କରାଯାଉଛି । ଚିନ୍ତାର ବିଷୟ ଯେ ଆଜିପର୍ଯ୍ୟନ୍ତ ସୋନପୁର ଭଳି ଏକ ଛୋଟ ନୂଆ ଷ୍ଟେସନ୍‌ରେ ୪୪ଟି ଅପରାଧିକ ଘଟଣାରେ ସଫଳତାର ସହିତ ଆସାମୀ ଧରା ପଡ଼ି ବଲାଙ୍ଗୀର କୋର୍ଟକୁ ଚାଲାଣ କରାଯାଇଛି ଏବଂ ନୂଆ ଷ୍ଟେସନ୍ ଯୋଗୁଁ ରେଳ ଦପ୍ତର ଆର୍‌ପିଏଫ୍ ଥାନା ମଧ୍ୟ ଖୋଲିନାହାନ୍ତି । ଏଥି ସଂକ୍ରାନ୍ତରେ ଶ୍ରମିକ ନେତା ଗୋବିନ୍ଦ ମହାରଣା ଡ଼ିଜି ପୋଲିସ, ଜିଏମ୍ ପୂର୍ବତଟ ରେଳବାଇଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଜିଆର୍‌ପି ଏବଂ ଆର୍‌ପିଏଫ୍ ଥାନା ସୋନପୁର ରେଳଷ୍ଟେସନ୍‌ରେ ଖୋଲାନଯିବା ଦୁଃଖର ବିଷୟ। ତୁରନ୍ତ ଜିଆର୍‌ପି, ଓଆର୍‌ପିଏଫ୍ ଥାନା ସୋନପୁର ରେଳ ଷ୍ଟେସନ୍‌ରେ ଖୋଲିବା ପାଇଁ ଗୋବିନ୍ଦ ମହାରଣାଙ୍କ ସମେତ ବୁଦ୍ଧିଜୀବୀ ଦୃଢ଼ ଦାବି କରିଛନ୍ତି।

## ଯୁବକଙ୍କ ନିଆରା ଉଦ୍ୟମ

# ଗାଁର ମ୍ୟୁଜିୟମ୍‌ରେ ଝଲସୁଛି ଶହଶହ ବର୍ଷର ଲୋକ ସଂସ୍କୃତି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଉପାନ୍ତ ଇଲାକାର ଗାଁର ମ୍ୟୁଜିୟମ୍‌ରେ ଝଲସୁଛି ଶହଶହ ବର୍ଷର ଲୋକ ସଂସ୍କୃତି, ଲୋକ ପରମ୍ପରା ଓ ମଣିଷ ସଭ୍ୟତାର ଅସଲ ଝଲକ୍ । ଯୁକ୍ତ ୨ ପାଠ ପଢ଼ିଥିବା ମିଳିନ୍ଦ ପଧାନ ନାମକ ଜଣେ ୩୨ ବର୍ଷୀୟ ଯୁବକ ଗତ ୧୬ ବର୍ଷ ଧରି ତାଙ୍କ ପରିବାର ବର୍ଗ ଓ ଗ୍ରାମବାସୀଙ୍କ ପ୍ରୋତ୍ସାହନ ଦ୍ୱାରା ଆଖପାଖ ଅଞ୍ଚଳରୁ ୨/୩ଶହ ବର୍ଷ ତଳେ ବ୍ୟବହାର ହେଉଥିବା ଲୋକ ସଂସ୍କୃତି ଓ ଲୋକ ପରମ୍ପରାର ବିଭିନ୍ନ ମୂଲ୍ୟବାନ ଉପକରଣକୁ ସଂଗ୍ରହିତ କରି ଏକ ଭିନ୍ନ ରେକର୍ଡ଼ ସୃଷ୍ଟି କରିଛନ୍ତି । ଶହ ଶହ ବର୍ଷ ତଳେ ରାଜା, ମହାରାଜା, ଗଉନ୍ତିଆ, ଜମିଦାର ପରିବାର ଠାରୁ ସାଧାରଣ ପରିବାରର ପ୍ରତିଟି ଘରେ ବ୍ୟବହାର କରାଯାଉଥିବା ଘରୋଇ ଉପକରଣ, ଦେଢ଼ଶହ ବର୍ଷର ହସ୍ତତନ୍ତ ସମ୍ବଲପୁରୀ ପାଟ ଶାଢ଼ୀ, ବିଭିନ୍ନ



ପ୍ରକାରର କଂସା ତିଆରି ବାସନ କୁସନ, ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଚାନ୍ଦା ରସିଦ, ପୁରୁଣା କଏନ୍, ୧୮୦୦ ଶତାବ୍ଦୀରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ବ୍ୟବହାର ହୋଇଥିବା କଉଡି, ପଇସା, ଟଙ୍କା, ବ୍ରିଟିଶ ଅମଳର ଡାକ ଟିକଟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ହାତ ଲେଖା ଦସ୍ତାବିଜ, ପୁଆଲ ଦ୍ୱାରା ତିଆରି ଧାନପୁରା, ଟର୍ଚ୍ଚଲାଇଟ୍, ରେଡ଼ିଓ, ରତ୍ନ ପଥର, ଅଳଙ୍କାର ସାମଗ୍ରୀ, ତାଳ ପୋଥି, ଧନୁତିର, ଆଦି ଲୋକ ସଂସ୍କୃତିର ଅସଲ ସାମଗ୍ରୀକୁ ନିଜେ ସଂଗୃହିତ କରିଛନ୍ତି । ନିଜର ଘରେ ଏକ ସଂଗ୍ରହାଳୟ କରି ସେଥିରେ ଦୁଇ ହଜାରରୁ ଅଧିକ ପୁରୁଣା ସାମଗ୍ରୀ ସାଇତି ରଖିଛନ୍ତି ମିଳିନ୍ଦ ପଧାନ । ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ବଡ଼ବାଉସେନ ଗାଁରୁ ଦେଖିବା ମିଳିନ୍ଦ ପଧାନଙ୍କ ଗାଁ ମ୍ୟୁଜିୟମ୍‌ର ଅସଲ କାହାଣୀ ।

# ଯୁକ୍ତିତର୍କକୁ ନେଇ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ୨ଭାଇ

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ବାରଙ୍ଗରେ ଆତଙ୍କ। ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ। ବାଇକ୍‌ରେ କଟୁରୀ ନେଇ ଆସିଲେ ଆଉ ହାଣି ପକାଇଲେ। ସନ୍ଧ୍ୟା ୬ଟା ସମୟରେ ନରଣପୁର ଗ୍ରାମ ନିକଟରେ ଜଣେ ଯୁବକଙ୍କୁ ଦୁଇଜଣ ଯୁବକ ପଇଡ଼ କଟା କଟୁରୀରେ ଗୋଡାଇ ଗୋଡାଇ ହାଣିଛନ୍ତି। ଯୁବକ ଜଣକ ଗୁରୁତର ହେବାକୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ଯୁବକ ଜଣକ ହେଲେ ନୟାଗଡ଼ ସିଧାମୂଳା ଅଞ୍ଚଳର ମନୋରଞ୍ଜନ ଦାସ। ତାଙ୍କୁ ଆକ୍ରମଣ କରିଥିବା ଦୁଇ ଯୁବକ ହେଲେ ନୟାଗଡ଼ ଜିଲ୍ଲା ଭାପୁର ପୋଡ଼ାସାହି ଅଞ୍ଚଳର ଦୁଇଭାଇ ନୀଳ ଓ କୁଳ। ଦୁଇ ଭାଇ କଟକ ଗୋପାଳପୁର ଅଞ୍ଚଳରେ ପରିବାର ସହ ଭଡ଼ା ନେଇ ରହି ବଡ଼ ବଡ଼ ଉତ୍ସବରେ ରୋଷେଇ କାର୍ଯ୍ୟ କରନ୍ତି। ତେବେ ଆକ୍ରମଣକାରୀ ଦ୍ୱୟ ଦୁଇ ଭାଇ ବୋଲି ଜଣାପଡ଼ିଛି। ସୂଚନା ମୁତାବକ



ନୟାଗଡ଼ ସିଧାମୂଳା ଗ୍ରାମର ଫକୀରମୋହନ ଦାସ ନିଜ ଭଣଜାର ବିବାହ ଉତ୍ସବ ପାଇଁ ନିଜ ପରିବାର ସହ ବାରଙ୍ଗ ନରଣପୁର ଗ୍ରାମକୁ ଆସିଥିଲେ। ସେଠାରୁ ସମସ୍ତେ ଫକୀରମୋହନଙ୍କ ସମେତ ତାଙ୍କ ପୁଅ ମନୋରଞ୍ଜନ ଦାସ ମଧ୍ୟ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି କଟକ ଶିଖରପୁର ଅଞ୍ଚଳକୁ ଯାଇଥିଲା। ସେହି ବରଯାତ୍ରୀରେ ଆକ୍ରମଣକାରୀ ଦୁଇ ଭାଇ ମଧ୍ୟ ଆସିଥିଲେ। କୌଣସି କାରଣରୁ ମନୋରଞ୍ଜନଙ୍କ ସହ ସେଠାରେ ଅଭିଯୁକ୍ତ ଦୁଇ ଭାଇଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ମନୋରଞ୍ଜନ ବାରଙ୍ଗ ନରଣପୁର ସ୍ଥିତ ନିଜ ସମ୍ପର୍କୀୟ ମାମୁଁ ଘରକୁ ଫେରିଆସିଥିଲେ। ତେବେ ବରଯାତ୍ରୀ ଶୋଭାଯାତ୍ରାରେ ରାଗ ରଖି କୁଳ ଓ ନୀଳ ଦୁଇଭାଇ ମନୋରଞ୍ଜନଙ୍କୁ ବାଇକ୍‌ରେ ପିଛାକରି ଆସିଥିଲେ। ମନୋରଞ୍ଜନ ନରଣପୁର ନିକଟସ୍ଥ ସମ୍ପର୍କୀୟଙ୍କ ଘର ନିକଟରେ ପହଞ୍ଚିବା ମାତ୍ରେ ଦୁଇ ଭାଇ କୁଳ ଓ ନୀଳ ଏକ ପଇଡ଼ କଟା କଟୁରୀରେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଯୁବକଙ୍କ ବେକକୁ ମରଣାତ୍ମକ ଆକ୍ରମଣ କରିଥିଲେ ହେଲେ ଯୁବକ ଜଣକ ନିଜକୁ ବଞ୍ଚାଇବାକୁ ଉଦ୍ୟମ ବେଳେ କଟୁରୀଟି ତାଙ୍କ ଛାତିରେ ବାଜି ଗଭୀର ଆଘାତ ଲାଗି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ଏଥିରେ ଅନ୍ୟ ଦୁଇଜଣ ମଧ୍ୟ ଆହତ ହେଇଛନ୍ତି। ଆକ୍ରମଣକାରୀ ଦୁଇ ଭାଇଙ୍କ ଠାରୁ ରକ୍ଷା କରିବାକୁ ଯାଇ ମନୋରଞ୍ଜନଙ୍କ ସହିତ ଦୁଇଜଣ ସମ୍ପର୍କୀୟ ମଧ୍ୟ ଆହତ ହୋଇଛନ୍ତି। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣ କରିଥିବା ଦୁଇ ଭାଇଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପଟେ ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଘଟଣାସ୍ଥଳରୁ ପୋଲିସ ଦୁଇ ଭାଇଙ୍କ ଗୋଟିଏ ସାଇକେଲ ଓ ଏକ ସ୍କୁଟର ସମେତ ଆକ୍ରମଣରେ ବ୍ୟବହୃତ ହୋଇଥିବା କଟୁରୀ ଜବତ କରି ତଦନ୍ତ ଚଳାଇଛି।

# ଶିକ୍ଷା ଓ ସଚେତନତା ହିଁ ଡାହାଣୀ ନାମରେ ନିର୍ଯାତନା ଓ ହିଂସାକୁ ରୋକିପାରିବ




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଡାହାଣୀ ଆଖ୍ୟା ଓ ତତ୍‌ଜନିତ ନିର୍ଯାତନା ଓ ହିଂସା ସମ୍ବନ୍ଧିତ ଏକ କର୍ମଶାଳା ମଙ୍ଗଳବାର ଆୟୋଜିତ ହୋଇଯାଇଛି । ପୂର୍ବାଞ୍ଚଳ ପୋଲିସ ରେଞ୍ଜ ତରଫରୁ ଭୁବନେଶ୍ୱର ସିଏଡବ୍ଲୁ ଓ ସିଡବ୍ଲୁ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଆଇୟୁସିଏଡବ୍ଲୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା । ସମାଜରେ ରହିଥିବା କୁସଂସ୍କାର, ଅନ୍ଧବିଶ୍ୱାସ ଓ ଦୁଃସ୍ଥ ମାନସିକତାର ଫଳସ୍ୱରୂପ ଡାହାଣୀ ଓ ତତ୍‌ଜନିତ ହିଂସା ଆମ ସମାଜରେ ରହିଆସିଛି । ଯାହାକି ଆମ ସମାଜ ପାଇଁ ଏକ ଲଜ୍ଜାକର ବିଷୟ । ମହିଳାମାନଙ୍କୁ ହିଁ ଡାହାଣୀ ବୋଲି ଆଖ୍ୟା ଦେବା ଆମ ସମାଜର ପୁରୁଷ କୈନ୍ଦ୍ରିକ ମାନସିକତାର ଏକ ପ୍ରତିଫଳନ । ଜିଲ୍ଲାପାଳ, ଏସ୍‌ପି ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଡିଆଇଜି ପିନାକ ମିଶ୍ର କର୍ମଶାଳା ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ । ରିସର୍ଚ୍ଚ ପର୍ସନ୍ ଭାବେ ପୂର୍ବତନ ରାଜ୍ୟ ସୂଚନା କମିଶନର ଶଶୀପ୍ରଭା ବିନ୍ଧାଣୀ, ଅବସରପ୍ରାପ୍ତ ଏଡିଜେ ନମିତା ଦାଶ, ଅନ୍ତୋଦ୍ୟୟ ଚେତନା ମଣ୍ଡଳୀର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ, ଡିସିପିଓ ମମତାମୟୀ ବିଶ୍ୱାଳ, ସହକାରୀ ପ୍ରଫେସର ସୁଜୟ କୁଣ୍ଡୁ ଯୋଗଦେଇ ସଚେତନତା ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ସ୍ଥାପନ, ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତି ଓ ସାଇଣ୍ଟିଫିକ୍ ଟେମ୍ପାରମେଣ୍ଟ ମାଧ୍ୟମରେ ଅନ୍ଧବିଶ୍ୱାସ ଜନିତ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଆଇନ୍‌ଗତ ପ୍ରାବଧାନ, ଆଇନ୍‌ଗତ ସୁବିଧା ସୁଯୋଗ ଇତ୍ୟାଦି ବିଷୟରେ ବିସ୍ତୃତ ଭାବରେ ସମସ୍ତେ କହିଥିଲେ । ପୋଲିସର ଭୂମିକା, ଆଇନ୍ ଅନୁଯାୟୀ ବିଭିନ୍ନ ଧାରା, ଦଫା ଓ ସହାୟତା ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହିଭଳି କୁସଂସ୍କାର ଓ ଅନ୍ଧବିଶ୍ୱାସର ପୃଷ୍ଠଭୂମି ଓ ଇତିହାସ ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ । ଅତିରିକ୍ତ ଏସ୍‌ପି ଦିପକ ଗୋଚ୍ଛାୟତ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବାଞ୍ଚଳ ପୋଲିସ ରେଞ୍ଜର ସମସ୍ତ ଥାନାଧିକାରୀ ଯୋଗଦେଇ ଥିଲେ ।

## ବନ୍ଧୁକ ମୁନରେ ନବବଧୂ ଅପହରଣ ଘଟଣା

# ସମ୍ବଲପୁରରୁ ଧରାପଡ଼ିଲେ ପ୍ରେମିକ ଓ ନବବଧୂ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଜିଲ୍ଲା ତରଭା ଠାରେ ଘଟିଥିବା ଘଟଣା ବରକୁ ବନ୍ଧୁକ ଦେଖାଇ ନବବିବାହିତା ପ୍ରେମିକାକୁ ଅଧବାଟରୁ ଅପହରଣ କରିନେବା ଘଟଣାରେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସକୁ ସଫଳତା ମିଳିଛି । ତରଭା ଥାନା ପୋଲିସ ସମ୍ବଲପୁରରୁ ଅଭିଯୁକ୍ତ ପ୍ରେମିକ ଓ ନବବିବାହିତା ଯୁବତୀଙ୍କୁ ଠାବ କରିବାରେ ସକ୍ଷମ ହୋଇଛି । ନବବଧୂକୁ ଧରି ଫେରାର୍ ମାରିବା ପରେ ସେମାନେ ସମ୍ବଲପୁର ଅଇଁଠାପାଲି ଥାନା ବୁଢ଼ାରଜା ପ୍ରଫେସର୍ କଲୋନୀରେ ଜଣେ ସମ୍ପର୍କୀୟ ଭାଇଙ୍କ ଘରେ ଲୁଚିଥିଲେ । ସୋନପୁର ପୋଲିସ ସମ୍ବଲପୁର ପୋଲିସକୁ ଯୋଗାଯୋଗ କରିବା ପରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଠାବ କରାଯାଇଥିଲା । ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ଅଇଁଠାପାଲି ପୋଲିସ ସହାୟତାରେ ତରଭା ପୋଲିସ ସେମାନଙ୍କୁ ଉକ୍ତ ଘରୁ ଉଠାଇ



ଆଣିଥିଲା। ସେମାନଙ୍କ ଠାରୁ ପୋଲିସ ଗୋଟିଏ ସୁନା ହାର, ଗୋଟିଏ ସୁନା ଚେନ, ହଳେ କାନ ରିଙ୍ଗ, ହଳେ ରୁପା ଗୋଡ଼ ମୁଦି, ଗୋଟିଏ ମୋବାଇଲ୍ ଜବତ କରିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାର ରଶ୍ମି ପୁଟେଲ ଓ ତାଙ୍କ ପ୍ରେମିକ ସଞ୍ଜୀବ ସାହୁ (୩୬)ଙ୍କୁ ତରଭା ପୋଲିସ ଅଧିକ ପଚରାଉଚୁରା ଜାରି ରଖିଛି। ରଶ୍ମି ଓ ସଞ୍ଜୀବ ପରସ୍ପରକୁ ପ୍ରେମ କରୁଥିଲେ କିନ୍ତୁ ଘର ଲୋକ ସେମାନଙ୍କ ସମ୍ପର୍କରେ ରାଜିନହେବାରୁ ଅପହରଣର ନାଟକ ରଚିଥିବା ସଞ୍ଜୀବ କହିଛି । ସୂଚନାଯୋଗ୍ୟ, ଗତ ୨୨ ତାରିଖ ବଲାଙ୍ଗିର ଜିଲ୍ଲାର କାମାକ୍ଷୀନଗରରୁ ହରିବନ୍ଧୁ ପୁଟେଲଙ୍କ କଣ୍ଟାମାଳ ଥାନା ବନ୍ଧପାଲିରେ ବିବାହ ସମ୍ପନ୍ନ ହେବାପରେ ନବବଧୂଙ୍କୁ ସାଙ୍ଗରେ ଧରି ଘରକୁ ଫେରୁଥିଲେ। ଏହି ସମୟରେ ବାଟରେ ତରଭା ବଡ଼ବନ୍ଧ ନିକଟରେ ଗୋଟିଏ କାର୍‌ରେ ଚାଳକ ଓ ତିନିଜଣ ଯୁବକ ପହଞ୍ଚି ସିନେମା ଷ୍ଟାଇଲ୍‌ରେ ବନ୍ଧୁକ ଦେଖାଇ ଧମକଚମକ ଦେଇ ନବବିବାହିତା ରଶ୍ମିଙ୍କୁ ଅପହରଣ କରିନେଇଥିଲେ । ମଙ୍ଗଳବାର ସନ୍ଧ୍ୟାରେ ଏ ନେଇ ତରଭା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ପି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନାନୁଯାୟୀ, ରବିବାର ଭୋର୍‌ରେ ଉକ୍ତ ଘଟଣା ଘଟିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଦେଇଥିଲା । ଏସ୍‌ପି ଶ୍ରୀ ନାଏକଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ଅନିତା କିଡୋଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଟିମ୍‌ରେ ତରଭା ଥାନାର ଏସ୍‌ଆଇ ପ୍ରସଂଜିତ୍ ବେହେରା, କନେଷ୍ଟବଳ କୈଳାସ ଭୋଇ, ଧନପତି ମୁଣ୍ଡା ଓ ସୀମା ବିଶ୍ୱାଳ ସାମିଲ୍ ହୋଇଥିଲେ । ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ଓ ରଶ୍ମିଙ୍କୁ କୋର୍ଟଚାଲାଣ କରାଯିବ। ଅପରାଧୀ ପ୍ରବୃତ୍ତିର ସଞ୍ଜୀବ ନାମରେ କଣ୍ଟାମାଳ ଥାନାରେ ପୂର୍ବରୁ ୩ଟି ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏହି ଘଟଣାରେ ସଂପୃକ୍ତ ତା'ର ଅନ୍ୟ ସହଯୋଗୀ ମାନଙ୍କୁ ଖୁବ୍‌ଶୀଘ୍ର ଧରାହେବ ବୋଲି ଏସ୍‌ପି ଶ୍ରୀ ନାଏକ କହିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଏସ୍‌ପିଙ୍କ ସହିତ ଡିଏସ୍‌ପି ସୁନିତା ପ୍ରଧାନ ଓ ଆଇଆଇସି ଅନିତା କିଡୋ ପ୍ରମୁଖ ଉପସ୍ଥିତ ଥିଲେ ।

## ମହୁମାଛି ଆକ୍ରମଣରେ ଯୁବକ ମୃତ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ଥାନା ଅଧୀନରେ ଥିବା କୁସୁମପୁର ଡ଼ିଏନ୍‌କେ ଗ୍ରାମର ତପନ ବର (୪୦) ଜଣେ ମାଛ ବେପାରୀ । ପ୍ରତିଦିନ ଭଳି ମଙ୍ଗଳବାର ଦିନ ବୋବେଇ ଗ୍ରାମକୁ ମାଛ ବୁଲେଇ ବିକିବାକୁ ଯାଇଥିଲେ। ମାଛ ବିକ୍ରି ସରିବା ପରେ ସନ୍ଧ୍ୟା ୫ଟା ସମୟରେ ଘରକୁ ଫେରିବା ବାଟରେ ମାଉଲିଭଟା ରାସ୍ତା କଡରେ ଥିବା ଶିମିଳି ଗଛରେ ବସା ବାନ୍ଧିଥିବା ମହୁମାଛି ତପନଙ୍କୁ ଆକ୍ରମଣ କରିଥିଲେ । ଫଳରେ ଗୁରୁତର ହୋଇଯାଇଥିଲେ ତପନ । ପରିବାର ଲୋକେ ତାଙ୍କୁ ଉମରକୋଟ ଜୋନାଲ ହସ୍ପିଟାଲ୍ ନେଇଥିଲେ । ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ନବରଙ୍ଗପୁର ସ୍ଥାନାନ୍ତର କରିଥିଲେ । ନବରଙ୍ଗପୁର ଯିବା ବାଟରେ ତପନଙ୍କ ମୃତ୍ୟୁ ହୋଇଥିବା ଗଞ୍ଜାପରା ସରପଞ୍ଚ ମୋତିରାମ ଗଣ୍ଡ କହିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୭।୦୨।୨୦୨୬, ଫାଲ୍‌ଗୁନ ଦି୧୫ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ– ଘ ୬।୧୦।୫୮** **ଚନ୍ଦ୍ରୋଦୟ– ଦିଘ ୧।୪୯।୧୬**

**ଏକାଦଶୀ–** ରାଘ ୧୦।୩୬ ପର୍ଯ୍ୟନ୍ତ, ଆର୍ଦ୍ରା ନକ୍ଷତ୍ର ଦିଘ ୧୦।୫୧ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର–** ରାଘ ୩।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି–** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । ରାଘ ୩।୫୫ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର–** କନ୍ୟା ରାଶିର । ରାଘ ୩।୫୫ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ–** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ଶିମ୍ବ ଓ ଆମିଷ ରାଘ ୧୦।୩୬ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା–** ଦିଘ ୬।୧୩ ଗତେ ଦିଘ ୬।୫୯ ମଧ୍ୟେ । ଦିଘ ୧୨।୨୪ ଗତେ ଦିଘ ୨।୪୩ ମଧ୍ୟେ । **ପର୍ବୋତ୍ସବ–** ଆମଳକୀ ଏକାଦଶୀ ।



**ମେଷ:** ସମସ୍ତ କ୍ଷେତ୍ରରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରିବେ। ବନ୍ଧୁଙ୍କ ଠାରୁ ମାନସମ୍ମାନ ପାଇ ଖୁସି ହେବେ। ନୂତନ କର୍ମାରମ୍ଭ କରିପାରନ୍ତି। ରୋଜଗାର ମଧ୍ୟମ ଧରଣର ହେବ। ଘରେ ଶାନ୍ତି ରହିବ ।



**ବୃଷ:** ବ୍ୟବସାୟରେ ଲାଭବାନ୍ ହେବେ। ଅପରାହ୍ନେ ବନ୍ଧୁଙ୍କ ଆଗମନ ହୋଇପାରେ। ଆୟ ସ୍ଥିର ରହିବ। ପାରିବାରିକ ଜୀବନ ସୁଖମୟ ହେବ। କଚେରୀ ମାମଲାରେ ସଫଳତା ହାସଲ କରିବେ। ଦେହ ଭଲ ରହିବ ।



**ମିଥୁନ:** ସ୍ୱାଧୀନତା ଭାବେ ଜୀବନ ଯାପନ କରିବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ। ଶୁଭ ଖବର ପ୍ରାପ୍ତ ହେବ। ପାରିବାରିକ ସୁଖ ଅନୁଭବ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବାର ସୂଚନା ।



**କର୍କଟ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ। ମାନସିକ ଅଶାନ୍ତି ଦେଖାଦେବାର ସୂଚନା। ଭୁଲ୍ ଖବର ପାଇ ବିବ୍ରତ ହେବେ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ଆୟ ଓ ବ୍ୟୟ ସମାନ ରହିବ ।



**ସିଂହ:** ସରକାରୀ ସ୍ତରରୁ ଲାଭବାନ୍ ହେବେ। ବାକି ରହିଥିବା କାମଟି ପୂରଣ ହେବ। ରୋଜଗାରରେ ଉନ୍ନତି ହେବାର ସୂଚନା। ସାମାଜିକ ସ୍ତରରେ ମାନ ଓ ସମ୍ମାନ ଲାଭ ହେବ। ପାରିବାରିକ ଜୀବନ ସୁଖମୟ ହେବ ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ଅସଫଳତା ଦେଖାଦେବ। ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ଯୋଗ ମଧ୍ୟ ରହିଛି। ମାନସିକ ଶାନ୍ତି ହାନି ଘଟିବ। ଆର୍ଥିକ ସ୍ଥିତି ମାନ୍ଦା ହେବ। ଘରେ ଅଶାନ୍ତି ଦେଖାଦେବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ତୁଳା:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ସବୁ କଥାକୁ ହାଲ୍‌କା ଭାବରେ ନେବେ। ସୌଖିନ ଦ୍ରବ୍ୟ କ୍ରୟ କରିବେ। ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଶାନ୍ତି ମିଳିବାର ସୂଚନା ମଧ୍ୟ ।



**ବିଛା:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ଘରେ ବନ୍ଧୁ ମିଳନ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ପାରିବାରିକ ସୁଖ ଶାନ୍ତିରେ ବ୍ୟାହତ ଘଟିବ। ରୋଜଗାର ଉତ୍ତମ ହେବ। ପ୍ରଶଂସିତ ହେବେ ।



**ଧନୁ:** ଆଜି ଦିନଟି ଆପଣଙ୍କର ଆନନ୍ଦ ମଧ୍ୟରେ କଟିବ। ଶତ୍ରୁ ନାଶ ହେବେ। ଆୟ ସ୍ଥିର ରହିବ। ମହିଳାମାନେ ସୁଖୀ ହେବେ। ଘରେ ଶାନ୍ତି ଲାଭ । ନୂତନ କର୍ମାରମ୍ଭ ହୋଇପାରେ। ମନ ଭଲ ରହିବ ।



**ମକର:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଦୂରଯାତ୍ରା ଆପଣଙ୍କର ସଫଳ ହେବ। ମାନ ସମ୍ମାନ ଲାଭ ହେବ। ପାରିବାରିକ ସମସ୍ୟା ହେତୁ ଚିନ୍ତିତ ହେବେ। ମାନସିକ ଅସ୍ଥିରତା ଦେଖାଦେବ ।



**କୁମ୍ଭ:** ଆପଣ ଯେତେ ଭଲ କାମ କଲେ ମଧ୍ୟ ସହକର୍ମୀ ଆପଣ ଭୁଲ୍ ଖୋଜି ଚାଲିବେ। ରୋଜଗାରର ମାତ୍ରା ବଢ଼ିବ। ଘରକୁ ବନ୍ଧୁଙ୍କ ଆଗମନ ହୋଇପାରେ। ପାରିବାରିକ ସହଯୋଗ ଲାଭ କରିବାର ସୂଚନା ।



**ମୀନ:** ଆପଣ ଯାହା କରିବାକୁ ଚାହିଁବେ ସମସ୍ତ କ୍ଷେତ୍ରରେ କେହି ନା କେହି ପ୍ରତିରୋଧ କରିବେ। ସେବା ପୂଜାରେ ନିଜକୁ ନିୟୋଜିତ କରନ୍ତୁ। ପରିବାରରେ ସ୍ଥିତି ଉତ୍ତମ ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।



# ଗାଁ ରାସ୍ତାରେ ଡ୍ରାଇଭିଂ ଶିଖିବା କାଳହେଲା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଦୁଇଜଣ ଯୁବକ କାର୍ ଶିଖୁଥିବା ବେଳେ ମାଡ଼ିଯିବାରୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ଦରକୁଣ୍ଡି ଗ୍ରାମରେ ରଘୁନାଥ ଧଳ (୫୭) ଘର ସମ୍ମୁଖରେ ବସିଥିବାବେଳେ ତାଙ୍କ ଉପରେ କାର୍ ମାଡ଼ିଯାଇଥିଲା। ଫଳରେ ରଘୁନାଥଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକଶ ପାଇଥିଲା। କୁଆଖିଆ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାପରେ ଶବକୁ ୧୦୮ ଆମ୍ବୁଲାନ୍ସରେ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ପୋଲିସ କାର୍ ଡ୍ରାଇଭର୍‌କୁ ଗିରଫକରି ଘଟଣାର ତଦନ୍ତ କରୁଛି।

# ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦଃ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦଃ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୮।୦୨।୨୦୨୬, ଫାଲ୍‌ଗୁନ ଦି୧୬ନ, ଶନିବାର**

**ସୂର୍ଯ୍ୟୋଦୟ– ଘ ୬।୦୯।୧୬** **ଚନ୍ଦ୍ରୋଦୟ– ଦିଘ ୨।୫୫।୦୮**

**ଦ୍ୱାଦଶୀ–** ରାଘ ୮।୪୫ ପର୍ଯ୍ୟନ୍ତ, ପୁନର୍ବସୁ ନକ୍ଷତ୍ର ଦିଘ ୯।୫୫ ପର୍ଯ୍ୟନ୍ତ। **କର୍କଟ ଚନ୍ଦ୍ର–** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର–** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ–** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ପୋଇ ଓ ମସୁର ଡାଲି ରାଘ ୮।୪୫ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା–** ଦିଘ ୧୦।୩୪ ଗତେ ଦିଘ ୧।୧୧ ମଧ୍ୟେ । **ପର୍ବୋତ୍ସବ–** ଜୟା ଏକାଦଶୀ ଉପବାସ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଛୋଟ ମଡେଲ୍‌ର ବଡ଼ ଭଣ୍ଡାର, 'ବେବି ବ୍ରହ୍ମୋସ୍'

ବିଶ୍ୱରେ ଯୁଦ୍ଧର ସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ସେନାର ଫୋକସ୍ ଏବେ କେବଳ ମହଙ୍ଗା ମିସାଇଲ ଉପରେ ନୁହେଁ, ବରଂ ସେଗୁଡ଼ିକର ଛୋଟ ମଡେଲର ବଡ଼ ଭଣ୍ଡାର ଉପରେ ରହିଛି । ନିକଟରେ ପିନାକା ରକେଟ୍ ସିଷ୍ଟମର ଏୟାର ଭର୍ସନର ପରୀକ୍ଷଣକୁ ଏହାର ଅଂଶ କୁହାଯାଏ । ବ୍ରହ୍ମୋସ୍ ଭଳି ଶତ ପ୍ରତିଶତ ସଠିକତା ଓ ମାରକ କ୍ଷମତା ପାଇଁ ଏହାକୁ 'ବେବି ବ୍ରହ୍ମୋସ୍' ମଧ୍ୟ କୁହାଯାଉଛି । ସେନା ପ୍ରମୁଖ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏହି ପରିବର୍ତ୍ତନକୁ ଜରୁରୀ ଦର୍ଶାଇ କହିଛନ୍ତି, ଯଦି ଆମ ପାଖରେ ଶସ୍ତା ଓ ଉଚ୍ଚ କୌଶଳଯୁକ୍ତ ଅସ୍ତ୍ର ରହିବ ତେବେ ଲମ୍ବା ଯୁଦ୍ଧରେ ଆମେ ଯେ କୌଣସି ଶତ୍ରୁକୁ ହରାଇ ପାରିବୁ । ସଂସଦର ରକ୍ଷା ସମ୍ବନ୍ଧୀୟ ସ୍ଥାୟୀ ସମିତି ମଧ୍ୟ ନିଜର ସଦ୍ୟ ରିପୋର୍ଟରେ ଏହି ରଣନୀତିକୁ ସକାରାତ୍ମକ ବୋଲି କହିଛି । ଭୀଷଣ ଓ ଲମ୍ବା ଯୁଦ୍ଧର ସ୍ଥିତିରେ ଏଭଳି ଅସ୍ତ୍ରର ଆବଶ୍ୟକତା ଭାରତର ରହିଛି, ଯାହା ବ୍ୟାପକ ରୂପେ ଓ କମ୍ ଖର୍ଚ୍ଚରେ ଦେଶରେ ନିର୍ମିତ ହୋଇପାରିବ ବୋଲି ଏହା ସ୍ପଷ୍ଟ କରିଛି । ଏହି ନୀତି ନିମନ୍ତେ ବଜେଟରେ ଆବଣ୍ଟିତ ରାଶିର ଏକ ବଡ଼ ଅଂଶ ସ୍ୱଦେଶୀ ଅସ୍ତ୍ର କିଣା ଲାଗି ସୁରକ୍ଷିତ ରଖାଯାଇଛି । ଏହା ଦ୍ୱାରା ଯୁଦ୍ଧ ସମୟରେ ବିଦେଶୀ ଯୋଗାଣ ଶୃଙ୍ଖଳା ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ । ପିନାକା ରକେଟ୍ ଲଞ୍ଚର୍ ହାଇ-ମୋବିଲିଟି ମିଲିଟାରି ଟ୍ରକରେ ଫିଟ୍ ହେବ । ଏହା ଭୂପୃଷ୍ଠରୁ ନିକ୍ଷେପ ହେଉଥିବା ଏକ ରକେଟ୍ ତୋପଖାନା ପ୍ରଣାଳୀ । ଗୋଟିଏ ଲଞ୍ଚର୍ ଟ୍ରକରେ ୧୨ ରକେଟ୍ ଟ୍ୟୁବ୍ ରହିବ । ମରୁଭୂମି, ପାହାଡ଼ ଓ ପଡ଼ିଆରୁ ଏହା ଉପଯୋଗ ହୋଇପାରିବ । ରକେଟ୍ ନିକ୍ଷେପ ପରେ ତୁରନ୍ତ ସ୍ଥାନ ପରିବର୍ତ୍ତନର କ୍ଷମତା ଏହାର ରହିଛି । ନାଭିଗେସନ୍ ସିଷ୍ଟମ୍ ଯୋଗୁ ଦୂରରୁ ଦ୍ରୁତ ଓ ସଠିକ୍ ଟାର୍ଗେଟ୍ କରିବାରେ ଏହା ସକ୍ଷମ । କାରଗିଲ ଯୁଦ୍ଧ (୧୯୯୯)ରେ ଉପଯୋଗ ପରେ ଏହା ଭାରତୀୟ ସେନାରେ ସାମିଲ ହୋଇଥିଲା । ଡିଆର୍ଡିଓ ଏହାକୁ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ଡିଜାଇନ୍ ଓ ନିର୍ମାଣ କରିଛି । ସ୍ୱଦେଶୀ ଶକ୍ତି ସମେତ ଭାରତ ଇସ୍ରାଏଲଠୁ 'ଆଇରନ୍ ବିମ୍' ଭଳି ଲେଜର୍ ଆଧାରିତ ପ୍ରଣାଳୀ ହାସଲ ପାଇଁ ପ୍ରସ୍ତୁତି ଚଳାଇଛି । ଏହି କୌଶଳ ଖୁବ୍ କମ୍ ବିଜୁଳି ଖର୍ଚ୍ଚରେ ରକେଟକୁ ଆକାଶରେ ଜଳାଇଦିଏ । ଅନ୍ୟପକ୍ଷେ, ଭାରତ ଛୋଟ ଯୁଦ୍ଧାସ୍ତ୍ରର ପେଣ୍ଟସ୍ଥଳୀ ହେବା ଦିଗରେ ଆଗକୁ ବଢ଼ୁଛି । ଆର୍ମେନିଆ ପରେ ଏବେ ଫ୍ରାନ୍ସ ପିନାକା ରକେଟ୍ ସିଷ୍ଟମ୍ (ବେବି ବ୍ରହ୍ମୋସ୍)ରେ ଖାସ୍ ରୁଚି ଦେଖାଇଛି ।

# ରାଜା ଆଉ ଭିକାରୀ

ମୃଣାଳମନ୍ତ



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଥରେ ଜଣେ ରାଜା ଦେଖିଲେ ଜଣେ ଭିକାରୀ ତାଙ୍କ ପ୍ରାସାଦର ଲୁହା ଫାଟକରେ ନିଜ ପିଠିକୁ ଘଷୁଛି । ରାଜା ସେ ଭିକାରୀକୁ ଡକେଇ ପଠେଇଲେ । ପଚାରିଲେ – ମୋ ପ୍ରାସାଦ ଗେଟ୍‌ରେ ତୁ ତୋ ପିଠି କାହିଁକି ଘଷୁଥିଲୁ ?

ଭିକାରୀ କହିଲା, ମଣିମା ମୋ ପିଠି ବଡ କୁଣ୍ଡେଇ ହେଉଥିଲା । ସେଇଥିପାଇଁ ଆପଣଙ୍କ ସେହି ଲୁହା ଗେଟ୍‌ରେ ମୁଁ ମୋ ପିଠି ଘଷୁଥିଲି ।

ରାଜା ରକ୍ଷୀମାନଙ୍କୁ ଡାକି କହିଲେ ଯେ ଏ ଭିକାରୀକୁ ନେଇଯାଅ, ଗରମପାଣିରେ ଗାଧୋଇବାର ବ୍ୟବସ୍ଥା କର, କିଛି ଖାଇବାକୁ ଦିଅ ଆଉ ତାକୁ ପଚାଶ ସ୍ୱର୍ଣ୍ଣମୁଦ୍ରା ଦିଅ । ରାଜାଙ୍କ ଆଦେଶ ପାଳିତ ହେଲା । ଏ ଖବର ତୁରନ୍ତ ଜଙ୍ଗଲର ନିଆଁ ଭଳିଆ ସାରା ରାଜ୍ୟରେ ବ୍ୟାପି ଗଲା ।

ଦିନେ ଯାଇନି ରାଜା ଦେଖିଲେ ଦିଜଣ ଲୋକ - ସେମାନେ ବି ସେ ପୂର୍ବ ଭିକାରୀ ଭଳିଆ ଗରିବ ଏବଂ ଅସନା ମସନା ଦିଶୁଥିଲେ- ସେମାନେ ରାଜପ୍ରାସାଦର ଗେଟ୍‌ରେ ନିଜ ପିଠିକୁ ଘଷୁଛନ୍ତି । ସେମାନଙ୍କୁ ଡକରା ହେଲା । ରାଜା ପଚାରିଲେ, ପ୍ରାସାଦ ଗେଟ୍‌ରେ ତମେମାନେ ପିଠି କାହିଁକି ଘଷୁଥିଲ ? ସେମାନେ କହିଲେ, ମଣିମା ଆମ ପିଠି କୁଣ୍ଡେଇ ହେଉଥିଲା ସେଥିପାଇଁ ଏ ଲୁହାଗେଟ୍‌ରେ ଆମର ପିଠି ଘଷୁଥିଲୁ ।

ରାଜା ରକ୍ଷୀଙ୍କୁ ଡକେଇଲେ । କହିଲେ ଏ ଦିଟାଙ୍କୁ ପଚାଶ ପଚାଶ ବେତ ମାର । ଏଇଥିରେ ତାଙ୍କର କୁଣ୍ଡିଆଣି ଛାଡିଯିବ । ଆଉ ତାପରେ ଆମ ରାଜ୍ୟରୁ ବାହାର କରି ଦିଅ । ରକ୍ଷୀମାନେ ସେମାନଙ୍କୁ ବେତ୍ରାଘାତ କଲେ । ଆଉ ତାପରେ ରାଜ୍ୟରୁ ବାହାର କରିଦେଲେ । ଉଭୟ ଘଟଣାକୁ ଲକ୍ଷ୍ୟ କରିଥିବା ମନ୍ତ୍ରୀ ରାଜାଙ୍କୁ ପଚାରିଲେ – ମଣିମା ଏହା ପୂର୍ବଦିନ ଗୋଟେ ଭିକାରୀ ଆସି ସମାନ କାମ କରୁଥିଲା ତାକୁ ଆପଣ ପଚାଶ ସ୍ୱର୍ଣ୍ଣମୁଦ୍ରା ଦେଲେ । ଆଉ ଏମାନଙ୍କୁ କାହିଁକି ଆପଣ ବେତ୍ରାଘାତର ଆଦେଶ ଦେଲେ । ପୁଣି ରାଜ୍ୟରୁ ବାହାର କରିଦେଲେ ?

ରାଜା କହିଲେ, ଶୁଣ ମନ୍ତ୍ରୀବର, ପ୍ରଥମ ଦିନ ଯେଉଁ ଭିକାରୀଟି ଆସିଥିଲା ସେ ଏକୁଟିଆ ଥିଲା । ସେ ନିଜ ପିଠି ନିଜେ କୁଣ୍ଡେଇ ପାରି ନଥାନ୍ତା ତେଣୁ ସେ ଏ ପ୍ରାସାଦ ଗେଟ୍‌ରେ ନିଜ ପିଠିଟାକୁ କୁଣ୍ଡେଇଲା । ଏମାନେ ଥିଲେ ଦି ଜଣ । ଏ ଦିଜଣ ତ ଚାହିଁଥିଲେ ପରସ୍ପରର ପିଠି କୁଣ୍ଡେଇ ପାରିଥାନ୍ତେ । ତାହା ନ କରି ସେମାନେ ପ୍ରାସାଦ ଫାଟକରେ ନିଜ ପିଠିକୁ ଘଷିବା ପାଇଁ ଚାଲିଆସିଲେ । ଏଥିରୁ କଣ ବୁଝିଲ ? ପିଠି କୁଣ୍ଡେଇବା ସେମାନଙ୍କ ଉଦ୍ଦେଶ୍ୟ ନ ଥିଲା । ଯେହେତୁ ତା ପୂର୍ବଦିନ ଜଣେ ପଚାଶ ସ୍ୱର୍ଣ୍ଣମୁଦ୍ରା ପାଇଛି, ଏମାନଙ୍କର ଲୋଭ ସେହି ସ୍ୱର୍ଣ୍ଣମୁଦ୍ରାରେ । ସେମାନଙ୍କର ପିଠି କୁଣ୍ଡେଇ ହେଉନଥିଲା । ସେମାନଙ୍କ ମନରେ ସହଜରେ ଅର୍ଥ ଉପାର୍ଜନର ଲୋଭ ହେଇଥିଲା । ସେଇଥିପାଇଁ ସେମାନଙ୍କୁ ବେତ ଦରକାର ।

ଏ କାହାଣୀ ସହିତ ବର୍ତ୍ତମାନ ସରକାର କେନ୍ଦ୍ର ରାଜ୍ୟ ସବୁ ପ୍ରକାର ସରକାର ଲୋକମାନଙ୍କୁ ଯେଉଁ ସୁଯୋଗ ସୁବିଧା ମାଗଣା ଜିନିଷ ଦେଉଛନ୍ତି ତାହାର ସମ୍ପର୍କ ରହିଛି । ଜଣକର ଆବଶ୍ୟକତା ପୂରଣ ପାଇଁ ଦିଆଯାଉଥିବା ସାଧନ ତାକୁ ସାହାଯ୍ୟ କରେ । ସେ ନିଜ ଗୋଡ଼ରେ ଠିଆ ହୋଇପାରେ । ଅନାବଶ୍ୟକ ଭାବେ କରାଯାଉଥିବା ସାହାଯ୍ୟ ଲୋକକୁ କର୍ମବିମୁଖ ଆଉ ଲୋଭୀ କରିଦିଏ । ତେଣୁ ଜଣକୁ ସାହାଯ୍ୟ କଲାବେଳେ ତାର ଆବଶ୍ୟକତାକୁ ଭଲ ଭାବେ ଯାଞ୍ଚ କରି ନେବା ଦରକାର । ବିଷୟଟିକୁ ଆହୁରି ତଳେଇ ଭାବନ୍ତୁ, ବୁଝି ପାରିବେ । ସବୁକଥା ଖୋଲିକରି କହିବାର ଆବଶ୍ୟକତା ନାହିଁ ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୫୭)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ମହାପ୍ରଭୁଙ୍କୁ ଦେବା ପାଇଁ ମହାରାଜା ସାତ ଖଣ୍ଡ ସୁସଜ୍ଜିତ ବୋଇତ ପଠାଇଛନ୍ତି । ବୋଧହୁଏ ରାଜା ଗୋପୀନାଥ ନରେନ୍ଦ୍ରଙ୍କ ସହିତ ମହରାଜାଙ୍କ ପ୍ରତିନିଧି ପଦ୍ମନାଭ ପଟ୍ଟନାୟକ ଏଠାରେ ଆସି ଉପସ୍ଥିତ ହୋଇଯିବେ । ତୁମେ ବର୍ତ୍ତମାନ ମହାପ୍ରଭୁଙ୍କର ପ୍ରଭାତୀ ଅବକାଶ ବିଧି ପୂର୍ବକ ଶୀଘ୍ର ସମାପ୍ତ କରିଦିଅ । ଏହି ଦୁଇ ଜଣ ବ୍ୟକ୍ତି ବିଶର ମହାନ୍ତିଙ୍କୁ ଜରୁରୀ ଖବରଟି ଦେବା ପୂର୍ବରୁ ମହାପ୍ରଭୁଙ୍କର ମଙ୍ଗଳ ଆଳତୀ ସରି ଯାଇଥିଲା । ଅଗଣିତ ଭକ୍ତ ଅଶ୍ରୁ ଛଳ ଛଳ ନୟନରେ ଅପେକ୍ଷା କରି ରହିଥାନ୍ତି ମହାପ୍ରଭୁଙ୍କର ବିଦାୟକାଳୀନ ଦୃଶ୍ୟ ଦେଖିବା ପାଇଁ । ମାତ୍ର ଅଳ୍ପ ସମୟ ମଧ୍ୟରେ ସେଠାରେ ଉପସ୍ଥିତ ହେଲେ ପଦ୍ମନାଭ ପଟ୍ଟନାୟକ, ମହାରାଜା ଗୋପୀନାଥ ନରେନ୍ଦ୍ର, ପାତ୍ର, ମନ୍ତ୍ରୀ, ରାଜଗୁରୁ ଏବଂ ଶତ ଶତ ରାଜକର୍ମଚାରୀ । ବିଦାୟକାଳୀନ ପର୍ବର ଆରମ୍ଭ ପୂର୍ବରୁ ରାଜଗୁରୁଙ୍କ ନିର୍ଦ୍ଦେଶରେ ଗଜପତି ରାମଚନ୍ଦ୍ର ଦେବଙ୍କ ପ୍ରତିନିଧି ପଦ୍ମନାଭ ପଟ୍ଟନାୟକ ମହାପ୍ରଭୁଙ୍କ ସମ୍ମୁଖରେ ଭକ୍ତିଭରା ପ୍ରଣାମ କରି କହୁଛନ୍ତି ହେ ମହାପ୍ରଭୁ ତୁମ ଶ୍ରୀଚରଣ ତଳେ ଅନନ୍ତ କୋଟି ପ୍ରଣାମ ଜଣାଇ ଏ ଅକିଞ୍ଚନ ଦାସ ପଦ୍ମନାଭ ପ୍ରାର୍ଥନା କରୁଛି ଯେ ଆଜି ତୁମକୁ ପୁଣ୍ୟ ନୀଳାଚଳ ଧାମକୁ ନେଇଯିବା ପାଇଁ ତୁମର ଭକ୍ତମାନେ ମୋ ସହିତ ମିଶି ବ୍ୟାକୁଳ ପ୍ରାର୍ଥନା କରୁଛନ୍ତି । ହେ ପତିତପାବନ ହେ ଅଖିଳ ବ୍ରହ୍ମାଣ୍ଡର ମହାନାୟକ ମହାବାହୁ ଜଗନ୍ନାଥ ଏତିକି ପ୍ରାର୍ଥନା ଆପଣ ପୂରଣ କରନ୍ତୁ । ଏତକ କହି ସାରିବା ପରେ ଘଣ୍ଟାଘଣ୍ଟା, କାହାଳି ଓ ଖୋଳ କରତାଳ ଧ୍ୱନିରେ ଉଚ୍ଛୁଳି ପଡିଲା ମହାବୀର ବାଟିକା ସହିତ କୁଜଙ୍ଗ ଗଡ । ପ୍ରଥମେ ଭକ୍ତମାନେ ମହାପ୍ରଭୁ ବଳଭଦ୍ରଙ୍କୁ ଉଠାଇଲେ, ଏହା ପରେ ମାଆ ସୁଭଦ୍ରାଙ୍କ ମୂର୍ତ୍ତି ଉଠିଲା । କାଳିଆ ସାଆନ୍ତଙ୍କୁ ଯେତେବେଳେ ପୁରୀର ରାଜ କର୍ମଚାରୀମାନେ ଉଠାନ୍ତି ସେହି ସମୟରେ ହଠାତ ଏକ ବିଚିତ୍ର ଦୃଶ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ, ଭକ୍ତମାନେ ଜଗନ୍ନାଥଙ୍କୁ ଉଠାଇବାକୁ ଯାଇ ଧରିବା ବେଳେ କୁଜଙ୍ଗ ରାଜା ଗୋପୀନାଥ ନରେନ୍ଦ୍ର କାନ୍ଦି କାନ୍ଦି ଚେତା ହରାଇ ଦେଲେ । ରାଜାଙ୍କ ଚେତା ଫେରିବା ପର୍ଯ୍ୟନ୍ତ ଜଗନ୍ନାଥ ସାମାନ୍ୟ ଅଙ୍ଗୁଳି ପରିମିତ ସ୍ଥାନ ମଧ୍ୟ ଉଠିଲେ ନାହିଁ । ଯେତେ ଚେଷ୍ଟା କଲେ ମଧ୍ୟ ଜଗନ୍ନାଥ ତାଙ୍କ ଆସନରୁ ଉଠୁନଥାନ୍ତି । ଶେଷରେ ପ୍ରତ୍ୟୁଷରେ ମହାପ୍ରଭୁଙ୍କ ସ୍ନାନ କରାଯାଇଥିବା ଶୀତଳ ଜଳକୁ ଗୋପୀନାଥ ନରେନ୍ଦ୍ରଙ୍କ ମଥାରେ ସିଞ୍ଚନ କରିବା ପରେ ତାଙ୍କ ଚେତା ଫେରିଲା । ସେହି ପାଦୁକାରୁ କିଛି ରାଜା ସେବନ କରିବା ପରେ ଟିକେ ସୁସ୍ଥ ହେଲେ । ଏହା ପରେ ଜଗନ୍ନାଥ ମହାବୀର ବାଟିକା ଛାଡିଲେ । ଠାକୁରଙ୍କ ନିକଟକୁ ଲାଗି ଚାଲିଥାନ୍ତି ରାଜା ଗୋପୀନାଥ ନରେନ୍ଦ୍ର । ଅଗଣିତ ଜନ ସମୁଦ୍ର ଭିତରେ ବିଶ୍ୱର ତିନୋଟି ବିଚିତ୍ର ବୋଇତ ଭାସି ଯାଉଥାନ୍ତି । ସେହି ଅନନ୍ତ କୋଟି ମହାନାୟକଙ୍କ ବିଦାୟ ଦେବାବେଳେ କୁଜଙ୍ଗ ରାଜ୍ୟର ଅଗଣିତ ଶ୍ରଦ୍ଧାଳୁ ଯେ କିଭଳି ଅଶ୍ରୁପାତ କରୁଛନ୍ତି ସେହି ବିଚ୍ଛେଦର ବିରଳତମ ଭାବାବେଗ ତଥା ହୃଦୟ ବିଦାରକ ଘଟଣା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ଯାହା କି ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । କାଷ୍ଠ ବିଗ୍ରହ ଚକ୍ଷୁରୁ ଲୁହ ଝରୁଛି । ସେହି ଲୁହ ପୁଣି ସାଧାରଣ ମଣିଷକୁ ଦୃଶ୍ୟମାନ ହେଉଛି । ଜନସମୁଦ୍ର ମଧ୍ୟରେ ବଡ ବିସ୍ମୟକର ସେ ଅନୁଭବ । ବଡ ବିଚିତ୍ର ଏହାର କରୁଣ ଜନଶ୍ରୁତି । କୌଣସି ପ୍ରତିମାର ଚକ୍ଷୁରୁ ଲୁହ ଝରିବା ହୁଏତ ଅତିଶୟ ଭାବପ୍ରବଣତା ମଣିଷମାନଙ୍କର ହୃଦୟରେ ପରିପୁଷ୍ଟ ହୋଇପାରେ । କିମ୍ବା କିଛି ବିକୃତ ମସ୍ତିଷ୍କ ସମ୍ପନ୍ନ ବ୍ୟକ୍ତିମାନଙ୍କର ଗୋଟାଏ ବିକୃତ ବିଳାପ ହୋଇପାରେ କିନ୍ତୁ ଏଠାରେ ତ କେହି ବିକୃତ ମାନସିକତା ସମ୍ପନ୍ନ ବ୍ୟକ୍ତି ନଥିଲେ । ହୁଏତ ଏତେ ବଡ ଜନସମୁଦ୍ର ଭିତରେ କେହି ଜଣେ ଅଧେ ଥାଇପାରନ୍ତି । କିନ୍ତୁ ସମସ୍ତେ ତ ନଥିଲେ ବିକୃତ ମସ୍ତିଷ୍କ ମଣିଷ, ତେବେ ତମାମ ଜନସମୁଦ୍ରକୁ, ଦେଖାଯାଉଥାଏ କେମିତି କାଷ୍ଠ ବିଗ୍ରହଙ୍କ ଚକ୍ଷୁରୁ ବହୁଥିବା ଲୁହ ଧାର ।



ଏଠାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଲକ୍ଷ୍ୟ କରନ୍ତୁ । ମଣିଷ ଯେତେବେଳେ ନିଃସହାୟ ହୋଇପଡେ ସେତେବେଳେ ତା'ର ଆର୍ତ୍ତ ବେଦନା ପ୍ରକାଶ କରିବାକୁ ଯାଇ ମହାପ୍ରକୃତିର ପରମ ଶୂନ୍ୟତା ଭିତରେ ତା'ର ଅନନ୍ତ ନିର୍ଯାସକୁ ଉନ୍ମୁକ୍ତ କରିଥାଏ । ସେହି ସମୟରେ ବିଦ୍ୟୁତ ଆନ୍ଦୋଳିତ ଚୁମ୍ବକୀୟ ମହାଶକ୍ତି ତାକୁ ବିଭିନ୍ନ ଭାବରେ ତତକ୍ଷଣାତ ବିସ୍ତାରିତ କରି ପ୍ରକାଶିତ କରିଦିଏ ଏବଂ ତାକୁ ଅତିନ୍ଦ୍ରିୟ ଆବେଗ ମଧ୍ୟରେ ରୂପାନ୍ତର କରିଦିଏ । କାରଣ ଏ ମହାପ୍ରକୃତିର ପ୍ରବାହ ମଧ୍ୟରେ ସମଗ୍ର ବିଶ୍ୱ ଜଗତ ଗତିଶୀଳ ହେଉଛି । ସୃଷ୍ଟିର ସେହି ଅନନ୍ତ ରହସ୍ୟକୁ ସହସ୍ର ସହସ୍ର ବୈଜ୍ଞାନିକ ଶହ ଶହ ବର୍ଷ ଧରି ପରୀକ୍ଷାଗାର ପ୍ରକୋଷ୍ଠରେ ଅନୁସନ୍ଧାନ କଲେ ବି ତା'ର କୌଣସି ରେଣୁ ମାତ୍ର ସତ୍ତା ଆବିଷ୍କାର କରିପାରିବେ ନାହିଁ । ଏହା ନିଶ୍ଚିତ ସତ୍ୟ । ହୁଏତ ଆସନ୍ତା କାଲି ମଣିଷ ମୃତ୍ୟୁ ଉପରେ ବିଜୟ ଲାଭ କରିପାରେ, କିନ୍ତୁ ପ୍ରକୃତି ବିରୁଦ୍ଧରେ ଯାଇ ସେ ଯେ ବିଜୟ ହାସଲ କରିଦେଲା, ଏକଥା ଭାବିବା ମଣିଷର ନିର୍ବୋଧତା ବ୍ୟତୀତ ଅନ୍ୟ କିଛି ନୁହେଁ । ମହାପ୍ରଭୁ ଜଗନ୍ନାଥ ଲୁହ ଭରା ନୟନରେ କୁଜଙ୍ଗ ମାଟିରୁ ବିଦାୟ ନେଇ ସୁସଜ୍ଜିତ ନୌକା ଉପରେ ଆରୋହଣ କଲେ । ଅସୁମାରୀ ଭକ୍ତଙ୍କ ଲୁହର ବନ୍ୟାରେ ସେଦିନ ସ୍ନାନ କରୁଥିଲେ କାଳିଆ ସାଆନ୍ତ ବୋଇତଗୁଡିକ ଗତିକଲା ମାହାଙ୍ଗା ନଦୀର ପ୍ରଶାନ୍ତ ବକ୍ଷରେ ପୁରୀର ଶରଧାବାଲି ଅଭିମୁଖେ । (କ୍ରମଶଃ...)

# ଓଡିଆ ସାହିତ୍ୟର ମହାନାୟକ - ମନୋଜ ଦାସ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ.-୯୯୩୭୬୯୧୪୭୫

ସାହିତ୍ୟ ସତ୍ୟ-ଶିବ-ସୁନ୍ଦର କଥା କହେ । ସାହିତ୍ୟ ଗୋଟିଏ ଦେଶ, ଜାତି ଓ ସମାଜର କଥା କହେ । ମଣିଷଙ୍କୁ ଅସତ୍ ପଥରୁ ସତ୍‌ପଥକୁ, ଅନ୍ଧାରରୁ ଆଲୋକକୁ, ଅନୀତି କାର୍ଯ୍ୟରୁ ନୀତି ଓ ଆଦର୍ଶକୁ, ଅବାଟରୁ ବାଟକୁ, ଅବିଦ୍ୟାରୁ ବିଦ୍ୟାକୁ, ବିଶୃଙ୍ଖଳାରୁ ଶୃଙ୍ଖଳାକୁ, ଅସୁନ୍ଦରରୁ ସୁନ୍ଦର ଆଡକୁ ନେବାରେ କାଳଜୟୀ ସ୍ରଷ୍ଟା ତାର ସାହିତ୍ୟ ମାଧ୍ୟମରେ ସଫଳ ହୁଏ । ମାଟି ମା' ଓ ମାନବିକ ମୂଲ୍ୟବୋଧର ଭାବ ଭାଷା ଶବ୍ଦ ଏବଂ ଶୈଳୀକୁ କଲମ ମୁନରେ ଯିଏ ସମ୍ମାନ ଦିଏ, ସେ ହେଉଛନ୍ତି ଆନ୍ତର୍ଜାତିକ ଲେଖକ, କଥାକାର, ସାଧକ ପଦ୍ମଭୂଷଣ ମନୋଜ ଦାସ । ଭାରତୀୟ କଥା ସାହିତ୍ୟର ନାୟକ ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଶଙ୍ଖାରୀ ଗ୍ରାମରେ ପିତା ମଧୁସୂଦନ ଦାସ ଓ ମାତା କାଦମ୍ବିନୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ତାଙ୍କ ଜ୍ୟେଷ୍ଠ ଭାଇଙ୍କ ନାମ ଥିଲା ଐତିହାସିକ ଡ.ଃ ମନ୍ମଥନାଥ ଦାସ । ତାଙ୍କ ତିନି ଭଉଣୀଙ୍କ ନାମ ସୁରବାଳା, ସ୍ନେହବାଳା ଓ ଶାନ୍ତିବାଳା ଥିଲା ।

ନିଜ ଗାଁ ଶଙ୍ଖାରୀ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଖଡିଛୁଆଁ ହୋଇଥିଲା । ଜମାଲପୁରସ୍ଥିତ ବିଶ୍ୱନାଥ ଏକାଡେମୀ, ଜଳେଶ୍ୱରପୁର ହାଇସ୍କୁଲ ଓ ବାଲେଶ୍ୱର ଜିଲ୍ଲା ହାଇସ୍କୁଲରୁ ପାଠପଢ଼ା ଶେଷକରି ୧୯୫୧ ମସିହାରେ ମାଟ୍ରିକ ପାସ୍ କରିଥିଲେ । ପାଠ ପଢ଼ିବା ସମୟରେ ସେ ତାଙ୍କର ବଡଭାଇ ମନ୍ମଥନାଥ ଦାସଙ୍କ ସାଙ୍ଗରେ ଯେଉଁ ଭଡାଘରେ ରହୁଥିଲେ ସେ ଘରଟି ଥିଲା କଥାସାହିତ୍ୟର ସମ୍ରାଟ ଫକୀର ମୋହନଙ୍କର । ସେ ଫକୀରମୋହନ ମହାବିଦ୍ୟାଳୟରୁ ଇଣ୍ଟର ମିଡିଏଟ୍ ପାସ୍ କରିଥିଲେ । ୧୯୫୩-୫୪ ମସିହାରେ ସେ ଏଫ୍.ଏମ୍.କଲେଜ ଛାତ୍ର ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ନିଖିଳ ଉତ୍କଳ ଛାତ୍ର ସଂଘର ସମ୍ପାଦକ ଭାବେ ସେ ନିର୍ବାଚିତ ହୋଇଥିଲେ । ୧୯୫୬ ମସିହାରେ ସେ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବି.ଏ. ପାସ୍ କରିଥିଲେ । ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ପାସ୍ କରିଥିଲେ । ସେ ମଧ୍ୟ ଆଇନ କଲେଜ୍ ୟୁନିଅନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଇଣ୍ଡୋନେସିଆଠାରେ ଅନୁଷ୍ଠିତ ଏସିଆ-ଆଫ୍ରିକା ଛାତ୍ର ସମ୍ମିଳନୀରେ ସେ ଭାରତୀୟ ଛାତ୍ର ସମାଜର ପ୍ରତିନିଧି ଭାବେ ଯୋଗଦେଇଥିଲେ । ୧୯୫୯ ମସିହାରେ ରେଭେନ୍ସା କଲେଜରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତର ପାସ୍ କରି କଟକର ଖ୍ରୀଷ୍ଟ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ ।

କୁଜଙ୍ଗ ରାଜ୍ୟର ରାଜକନ୍ୟା ରତ୍ନମାଳି ଜେମା ଓ କୁଜଙ୍ଗ ଗାନ୍ଧି, ପୂର୍ବତନ ଉପବାଚସ୍ପତି ନାରାୟଣ ବୀରବର ସାମନ୍ତଙ୍କ ଜ୍ୟେଷ୍ଠ କନ୍ୟା ପ୍ରତିଜ୍ଞା ଦେବୀଙ୍କ ସହ ମନୋଜ ଦାସଙ୍କ ୧୯୫୯ ମିସିହାରେ ବିବାହ ହୋଇଥିଲା । ୧୯୬୩ ମସିହାରେ ସେ ଶ୍ରୀ ଅରବିନ୍ଦ ଓ ଶ୍ରୀମାଙ୍କ ଦର୍ଶନ ପ୍ରତି ଆକୃଷ୍ଟ ହୋଇ ପଣ୍ଡିଚେରୀର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଅଧ୍ୟାପକ ଭାବେ ଯୋଗଦାନ କରିଥିଲେ । ଶେଷ ପର୍ଯ୍ୟନ୍ତ ସେ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ରହିଥିଲେ । ପିଲାଦିନୁ ତାଙ୍କ ମା କାଦମ୍ବିନୀ ଦେବୀଙ୍କ ପ୍ରଭାବ ତାଙ୍କ ଉପରେ ପଡିଥିଲା । ସେଥିପାଇଁ ସେ ସାହିତ୍ୟ ଆଡକୁ ମନ ବଳାଇଥିଲେ । ପରେ ସେ ଫକୀର ମୋହନଙ୍କ କୋଠାରେ ରହି ପଢ଼ିବା ଯୋଗୁ ତାଙ୍କର ଲେଖନୀ ଚାଳନା ସମସ୍ତଙ୍କୁ ବିସ୍ମିତ କରିଥିଲା । ଛୋଟ ଅବସ୍ଥାରୁ ସେ ହାରମୋନିୟମ ଧରି ଗୀତ ଗାଇବା ସହିତ ବଂଶୀବାଦନ କରୁଥିଲେ । ସେ ନିଜେ ସଙ୍ଗୀତ ନିର୍ଦ୍ଦେଶନା ଦେଉଥିଲେ । ସ୍କୁଲରେ ପଢ଼ିବା ସମୟରୁ ସେ ମାର୍କସବାଦ ପ୍ରତି ଆକୃଷ୍ଟ ହୋଇଥିଲେ । ଜଣେ ବିପ୍ଳବୀ ଛାତ୍ର ନେତା ଭାବରେ ୧୯୫୫ ମସିହାରେ ସେ କାରାବରଣ କରିଥିଲେ । ମନୋଜ ଦାସ ବିଶ୍ୱ କଥା ସାହିତ୍ୟର ଜଣେ ନାୟକ । ତାଙ୍କ କବିତା ଓ ପ୍ରବନ୍ଧ ଗଭୀର ଆତ୍ମିକ ଅନ୍ୱେଷାବୋଧ ଏବଂ ଛାନ୍ଦମୟ । ଉପନ୍ୟାସରେ ସମାଜର ସବୁ ଦିଗନ୍ତ ଓ ପରିଧିର ଭାବକୁ ରୂପାୟନ କରି ସମସ୍ତ ପାଠକ ମହଲରେ ସେ ଲାଭ କରିଛନ୍ତି ହୃଦୟର ଭଲ ପାଇବା । ଏହି ସାହିତ୍ୟ ସନ୍ନ୍ୟାସୀ ବହୁ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ଭ୍ରମଣ କାହାଣୀ, କବିତା ଓ ଇତିହାସ ସଂସ୍କୃତି ରଚନା କରି ପ୍ରଜ୍ଞାପୁରୁଷ ଭାବେ ସାମଜରେ ପ୍ରଶଂସିତ ହୋଇଛନ୍ତି । ଉପନ୍ୟା ଗୁଡିକହେଲା - ଗୋଧୂଳିର ବାଘ (୧୯୯୫), ବୁଲଡୋଜର୍ସ (୧୯୮୯), ଅମୃତ ଫଳ (୧୯୯୭), ଆକାଶର ଇସାରା (୧୯୯୭), ଚନ୍ଦ୍ରାଲୋକର ପ୍ରହରୀ (୨୦୦୦), ଦ ଏସ୍କେପିଷ୍ଟ, ଏ ଟାଇଗର ଆଟ୍ ଟ୍ୱିଲାଇଟ୍, କନକ ଉପତ୍ୟକାର କାହାଣୀ, ଶେଷ ତାନ୍ତ୍ରିକର ସନ୍ଧାନରେ । ଗଳ୍ପ ସଙ୍କଳନ ସମୁଦ୍ରର କ୍ଷୁଧା (୧୯୫୨), ଜୀବନର ସ୍ୱାଦ (୧୯୫୩), ବିଷକନ୍ୟାର କାହାଣୀ (୧୯୫୪), ଆରଣ୍ୟକ (୧୯୭୦), ଶେଷ ବସନ୍ତର ଚିଠି (୧୯୬୫), ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧), ଲକ୍ଷ୍ମୀର ଅଭିସାର (୧୯୭୪), ଆବୁ ପୁରୁଷଓ ଅନ୍ୟାନ୍ୟ କାହାଣୀ (୧୯୭୭), ମନୋଜ ପଂଚବିଂଶତି (୧୯୮୩), ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭), ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦), ଅବୋଲକରା କାହାଣୀ (୧୯୯୧), ମନୋଜ ଦାସଙ୍କ ଗଳ୍ପ (୧୯୯୨), ସମୁଦ୍ରକୂଳର ଏକ ଗ୍ରାମ । ଭ୍ରମଣ କାହାଣୀ - ଇନ୍ଦୋନେସିଆ ଅନୁଭୂତି (୧୯୫୭), ଦୂର ଦୂରାନ୍ତର (୧୯୭୩), ଅନ୍ତରଙ୍ଗ ଭାରତ; ପ୍ରଥମ ଭାଗ (୧୯୯୨), ଦ୍ୱିତୀୟ ଭାଗ (୧୯୯୬), କବିତା ସଙ୍କଳନ - ଶତାବ୍ଦୀର ଆର୍ତ୍ତନାଦ (୧୯୪୯), ବିପ୍ଳବୀ ଫକୀର ମୋହନ (୧୯୫୦) ପଦଧ୍ୱନି (୧୯୫୪), ନନ୍ଦାବତୀର ମାଝୀ (୧୯୫୭), ଉପନିବେଶ (୧୯୬୬) ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨), ଏହିପରି ଅନେକ ସାହିତ୍ୟର ସ୍ରଷ୍ଟା ଭାବରେ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଆଧୁନିକ ଓଡିଆ ଗଳ୍ପ ନାୟକଙ୍କ ପକ୍ଷରେ ସମ୍ଭବ ନୁହେଁ । ସାଧନା, ଚେଷ୍ଟା, ପରାକାଷ୍ଠା ଓ ନିପୁଣତା ଯୋଗୁ ଏହି ମହାନ୍ ସାରସ୍ୱତ ସାଧକ ଅନେକ ପୁରସ୍କାରର ଅଧିକାରୀ ହୋଇଥିଲେ । ମନୋଜ ଦାସ ଓଡିଶା ସାହିତ୍ୟ ଏକାଡେମୀ ଓ ଅତିବଡି ପୁରସ୍କାର ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୧୯୮୦ରେ ଶାରଳା ପୁରସ୍କାର, ୨୦୦୧ ମସିହାରେ ପଦ୍ମଶ୍ରୀ ଓ ୨୦୨୦ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେ ତାଙ୍କର ଉପନ୍ୟାସ ଅମୃତ ଫଳ ପାଇଁ ସରସ୍ୱତୀ ସମ୍ମାନ ଲାଭ କରିଥିଲେ ।

ଏହି ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ବିଶିଷ୍ଟ କଥାକାର, ସାଧକ, ପଦ୍ମଭୂଷଣ ମନୋଜ ଦାସ ୮୭ ବର୍ଷ ବୟସରେ ୨୦୨୧ ମସିହା ଏପ୍ରିଲ୍ ୨୭ ତାରିଖ ମଙ୍ଗଳବାର ଦିନ ଶ୍ରୀ ଅରବିନ୍ଦ ଆଶ୍ରମ ନର୍ସିଂହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ଅବର୍ତ୍ତମାନରେ ଭାରତୀୟ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ଏହି ବିଶିଷ୍ଟ ସାହିତ୍ୟ ସାରଥି ଆମ୍ଭମାନଙ୍କ ମଧ୍ୟରେ ସର୍ବଦା ଅମର ହୋଇ ରହିବେ ।

# ବାଲି ଚୋରାଚାଲାଣ ଆଇନ କଡାକଡି ହେଉ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ନିକଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ୧୨୭ ଜଣିଆ ଟିମ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାଲି ମାଫିଆଙ୍କ ବାସଭବନରେ ଅତର୍କିତ ଚଢାଉ କରି ସେମାନଙ୍କ ଘର ଓ କାର୍ଯ୍ୟାଳୟରୁ କୋଟି କୋଟି ଟଙ୍କା ସହ ବହୁନାମୀ ଦାମୀ ଗାଡି, କୋଠା କରିବା ଘଟଣା ରାଜ୍ୟରେ କେବଳ ବାଲି ଲୁଟ ଘଟଣାର ପର୍ଦ୍ଦାଫାସ କରିନାହିଁ, ସେମାନଙ୍କର ଗୁମର ଖୋଲିପାରିଛି ବୋଲି କୁହାଯାଇପାରିବ । ମିଳିଥିବା ରିପୋର୍ଟ ଅନୁଯାୟୀ ଇଡି ବାଲି ମାଫିଆଙ୍କ ଘରୁ ନଗଦ ୫କୋଟିରୁ ଅଧିକ ଟଙ୍କା ଜବତ କରିଛି । ସେହିପରି ରାଜନୈତିକ ଛତ୍ରଛାୟା ତଳେ ରହି ବର୍ଷା ଯୁଆଡେ ଛତା ସିଆଡେ ନୀତି ଆପଣାଇ ସେମାନଙ୍କର କଳା ସାମ୍ରାଜ୍ୟକୁ ଅକ୍ଷୁର୍ଣ୍ଣ ରଖିପାରିଥିଲେ । ଯାହାର ପରିଣତି ସ୍ୱରୁପ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଏହା ସତ୍ୟ ଯେ, ଓଡିଶାରେ ପ୍ରବାହିତ ନଦୀଗୁଡିକ କେବଳ ଜଳର ଉତ୍ସ ନୁହଁନ୍ତି, ରାଜ୍ୟ ଅର୍ଥନୀତିର ଜୀବନରେଖା ଭାବେ ପରିଚିତ । ନଦୀ ଶଯ୍ୟାର ମହଜୁଦ ଥିବା ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ସମ୍ପଦରୁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆୟ କରିବାରେ ସମ୍ଭାବନା ରହିଥିବାବେଳେ ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସରକାର ମାତ୍ର ୧୫୦୦ଟଙ୍କା ରାଜସ୍ୱ ଆୟ କରିଥିବା ସରକାରୀ ରିପୋର୍ଟ କହେ । ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି, ସରକାର ଗତ ବର୍ଷ ମାତ୍ର ୬୦୦କୋଟି ଟଙ୍କାର ରାଜସ୍ୱ ଅୟ କରିବାରେ ସମର୍ଥ ହୋଇଥିଲେ । ଯାହାକି ରାଜ୍ୟରେ ବାଲି ଚୋରା ଚାଲାଣ କିପରି ଅବାଧରେ ଚାଲିଛି ଏବଂ ବାଲି ମାଫିଆ କେତେ ସକ୍ରିୟ ଅଛନ୍ତି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ, ଗଜପତି ଜିଲ୍ଲାରୁ ଆରମ୍ଭ କରି ବାଲେଶ୍ୱର ଏବଂ ପୂର୍ବ ଉପକୂଳ ଠାରୁ ଆରମ୍ଭ କରି ସୁନ୍ଦରଗଡ ତଥା ପଶ୍ଚିମାଞ୍ଚଳରେ ବେଧଡକ ଭାବେ ବାଲି ଚୋରାଚାଲାଣ ଜାରି ରହିଥିଲା । ଦ୍ରୁତ ସହରୀକରଣ ଏବଂ ଦ୍ରୁତ ଶିଳ୍ପାୟନ ଯୋଗୁଁ ନଦୀ ବାଲି ହେଉଛି ଉଭୟ ଗୃହ ଓ ଭିତ୍ତିଭୂମି ନିର୍ମାଣର ମୂଳଦୁଆ କିନ୍ତୁ ଅନିୟମିତ ଖନନ ଓ ଚୋରା ଚାଲାଣ ଯୋଗୁଁ ରାଜ୍ୟ କେବଳ ରାଜସ୍ୱ ନାହାଁନ୍ତି, ବହୁ ନଦୀ ଏବେ ବାଲିଶୂନ୍ୟ ହୋଇପଡିଥିବା କୁହାଯାଇଛି । ବାଲି ପରିବର୍ତ୍ତେ ନଦୀ ଗର୍ଭ ଏବେ ମାଟି, ପଙ୍କ ଏବଂ ମାଙ୍କଡା ପଥର ଖଣ୍ଡରେ ପରିଣତ । ଯାହାର ପରିଣତି ସ୍ୱରୁପ ନଦୀଗୁଡିକ ଜଳଧାରଣ କ୍ଷମତା ହରାଇବା ସହ ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଜଗତସିଂହପୁର ଜିଲ୍ଲାରେ ଦୁଇଟି ବାଲିଘାଟରେ ୮୦ଟି ହାଓ୍ୱା ଓ ୩ଟି ପ୍ରୋକ୍ଲିନ ଜବତ ଘଟଣା ରାଜ୍ୟରେ ବାଲି ଚୋରାଚାଲାଣ କିପରି ଚାଲିଛି, ତାର ସଂକେତ ପ୍ରଦାନ କରେ । କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ଅଂଚଳରେ ନଦୀରୁ ବାଲି ଲୁଟ ବେଧଡକ ଭାବେ ଚାଲିଥିବା ନେଇ ଗଣମାଧ୍ୟମରେ ଶିରୋନାମା ପାଲଟିଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ । ଆହୁରି ମଧ୍ୟ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ମାଡ ମାରିବା, ଗାଡି ମଡାଇ ହତ୍ୟା ଉଦ୍ୟମ କରିବା, ଏପରିକି ଥାନା ପରିସରରୁ ଜବତ ବାଲି ବୋଝେଇ ଗାଡି ଛଡାଇ ନେବା ଘଟଣା ଆମ ରାଜ୍ୟରେ ବାଲି ମାଫିଆ ଦୌରାତ୍ମ୍ୟ କେତେ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ । ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ୩ବର୍ଷରେ ରାଜ୍ୟରେ ବାଲି ସହ ବିଭିନ୍ନ ଲଘୁ ଖଣିଜ ସମ୍ପଦ ଲୁଟ ନେଇ ୩୩୨୦ଟି ମାମଲା ରୁଜୁ ହୋଇଥିବାବେଳେ ୧୨୭କୋଟି ଟଙ୍କାର ଜରିମାନା ଆଦାୟ ହୋଇଛି । ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ମାମଲା, ଜବତ ହୋଇଥିବା ଗାଡି ସଂଖ୍ୟା ଓ ଜରିମାନା ଅର୍ଥକୁ ତର୍ଜମା କଲେ, ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦର ଲୁଟ କିପରି ଚାଲିଛି, ତା'ର ସଂକେତ ମିଳେ । ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ତଥା ଚୋରାଚାଲାଣ ରୋକିବାକୁ ଓଡିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫ରେ ଉଭୟ ଜେଲ, ଜରିମାନା ସହ ବହୁ କଠୋର ବ୍ୟବସ୍ଥା ରହିଛି । ଇ-ଲଟେରୀ ବ୍ୟବସ୍ଥା, ସର୍ବାଧିକ ବିକ୍ରୟ ମୂଲ୍ୟ(ଏମଏସପି), ନିର୍ଦ୍ଧାରଣ, ବାଧ୍ୟତାମୂଳକ ଷ୍ଟୋରେଜ, ଲାଇସେନ୍ସ ଓ ଆରଏଫଆଇଡି, ଟ୍ରାକିଂ ବ୍ୟବସ୍ଥା ରହିଛି । କିନ୍ତୁ ବାଲି ଚୋରା ଚାଲାଣ, ଲଘୁଖଣିଜ ସମ୍ପଦ ଲୁଟ ରୋକିବାରେ ଏହା କେତେଦୂର ସକ୍ଷମ ହେବ, ଭବିଷ୍ୟତ କହିବ । କିନ୍ତୁ ଏହା ନିଃସନ୍ଦେହ ଯେ, ଦୃଢ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ସ୍ୱଚ୍ଛତା ନିରପେକ୍ଷତା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବାଲି ଲୁଟକୁ ରୋକାଯିବା ସମ୍ଭବ ହୋଇପାରିବ ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022  ସମ୍ପାଦକ : ଜୟାଶୀଷ ରାୟ

## ଝୁଡିରେ ଝୁଡିଏ ଫୁଲ

**ସୁନନ୍ଦା ମହାନ୍ତି**



ଝୁଡିରେ ଫୁଲ ଲାଗନ୍ତି ଭଲ
ସତେ ପୁରୀ ନାଲିବାଡି
ଏତେ ସବୁ ରଙ୍ଗ ବେରଙ୍ଗର
ସୁନା ଫୁଲର ଝୁଡି
ଦେଖି ଲାଗୁଛି ପାରିଜାତ ବଣେ
ଯାଇଛି କି ସତେ ପଡି
ନୀଡ଼ ସିନା ଖାଲି ଅଛି ପଡି
ପକ୍ଷୀ ଯାଇନି ଉଡି
ଫୁଲସଭା ଏଠି ଅପୂର୍ବ ଲାଗୁଛି
ଶୀତ ଜାଡର ଝଡ଼ ଝଡି
ପାଖରୀର ମାଛ ରାଇଜ ଗଛ
ଖୋଲିଛି ଫୁଲପସରା ପେଡି
ଶୀତର ଖାଡି ଦେହକୁ ଝାଡ଼ି
ସବୁ ଫୁଲରେ ପୁରି ଚାଙ୍ଗୁଡ଼ି
କୋଉ ଫୁଲ କେତେ ସୁନ୍ଦର
ଗଭାର ଗଜରା ଛଡ଼ି
କହେ କାନେ ହଳଦି ନାଲି ଗେଣ୍ଡୁ
ଖାଡି ଉପରେ ପଡି ଚଢିବାକୁ ଶିଢ଼ି
ଲାଗେ ଆଜି ଆସିଛି ଧରାକୁ
ଫୁଲ ଝଡି ଭରି ଚାଙ୍ଗୁଡ଼ିଏ ଝୁଡି
ମନ ମୁନ ଚୈତନ୍ୟ ଯାଉ

ନୈସର୍ଗିକ ପ୍ରେମେ ବୁଡି
ସଭିଏଁ ବଢନ୍ତୁ ଫୁଟନ୍ତୁ ଲୋଟନ୍ତୁ
ଫୁଟେ ସିନା ଫୁଲ କଢି
ପରସ୍ପର ଫୁଲ ଏକତା ପ୍ରୀତି ମୈତ୍ରୀ
ସୂତ୍ରରେ ରହିଥାନ୍ତୁ ଭିଡି
ସତେ କି ଜଗନ୍ନାଥଙ୍କ ରଥ ଦଉଡି

ସକ୍ଷୀଗୋପାଳ
ପୁରୀ
ମୋ : ୯୦୪୦୯୭୭୩୨୭

## ସମୟର ସେ ବଉଦଟେ ପାଇଁ

**ନୀଳମାଧବ କର**

ଧୀରେ ଧୀରେ ବିଦାୟ ନିଏ ଋତୁ
ବୟସ ବଢ଼େ
କାହାକୁ ଅପେକ୍ଷା ନକରି
ସମୟ ଏମିତି ବହିଯାଏ
ଧୀରେ ଧୀରେ,
ଛାଡ଼ି ଚାଲିଯାଆନ୍ତି ସମସ୍ତେ,
ବିଦାୟ ଦେବାକୁ ହୁଏ,
ଦୁଆର ବନ୍ଧରେ, ଷ୍ଟେସନରେ,
କାନ୍ଧରେ, କୋକେଇରେ,
ଶ୍ମଶାନରେ ଛାଡ଼ି ଆସିବାକୁ ହୁଏ,
ଜଣଙ୍କ ପରେ ଜଣଙ୍କୁ
ଲୁହଭିଜା ସେ ମୂହୁର୍ତ୍ତକୁ
ଜାବୁଡ଼ି ରଖିବାକୁ ଇଚ୍ଛା ହୁଏ,
ଦି' ଘଡ଼ିର ଖରାରେ କିନ୍ତୁ
ସେ ଶୁଖି ବାମ୍ଫ ହେଇଯାଏ
ବଦଳି ଯାଉଥିବା ଏ ଦୁନିଆରେ
ନିଜେ ବିଦା ହେବାଯାଏ,
ଧୈର୍ଯ୍ୟ ଧରି, ପଥପ୍ରାନ୍ତେ
ସମୟର ସେ ବଉଦଟେ ପାଇଁ
ଅପେକ୍ଷା କରିବାକୁ ହୁଏ

## ବଉଳ

**ସଂଯୁକ୍ତା ଦାଶ**



ଟୋପା ଟୋପା କାକର ଶେଜରେ
କୁହୁଡିର ଝୀନ ଉତ୍ତରୀରେ
କୋହଲା ପବନ ଦୋଳିରେ
କୋଇଲିର ନାନାବାୟାରେ
ପହିଲି ଫଗୁଣର ପାହାନ୍ତା ପହରେ
ଶୁଭିଗଲା
ଅଙ୍କୁରଣର ଓଁକାର
ସହକାରର ସବୁଜ ଗହଳ କୁଞ୍ଜରେ !!

ସୃଷ୍ଟିର ରହସ୍ୟ ଅବୋଧ
ସ୍ରଷ୍ଟାର ନିୟମ ନିର୍ଧାର୍ଯ୍ୟ
ସବୁ ଆଶା ଆଶଙ୍କା ପ୍ରତିକୂଳତାକୁ
ପ୍ରତିହତ କରିବାର ଅପୂର୍ବ ପ୍ରୟାସ

ପରିବର୍ତ୍ତିତ ସମୟ
ପରିବର୍ଦ୍ଧିତ ପ୍ରଦୂଷଣ
ଅବକ୍ଷୟିତ ପରିବେଶ
ପରାଙ୍ମୁଖ ମନଃସ୍ଥିତିର ଯାନ୍ତ୍ରିକ ମଣିଷ
ସୃଜନର ମୂଲ୍ୟ ବୁଝିବାକୁ ନାହିଁ ତା ସାମର୍ଥ୍ୟ ।

ପ୍ରକୃତି କେବେ ବାଟ ହୁଡେ ନାହିଁ
ମାଟି ଆକାଶ ପାଣି ପବନ ଉପରେ
ଅଦମନୀୟ ଅତ୍ୟାଚାରକୁ ଖାତିର୍ ତାର ନାହିଁ
ପାଦେ ମାଟି ଚେନାଏ କିରଣ
ବୁନ୍ଦାଏ ପାଣି ନିଃଶ୍ୱାସେ ପବନ
ଯଥେଷ୍ଟ ତାର
ଦେହ ମନ ଆଉ ଆତ୍ମାର ସମଗ୍ର
ସତ୍ତାରେ
ପଲ୍ଲବିତ ହେବା ପାଇଁ ।।

ଭୁବନେଶ୍ୱର

## ଆସିବକି ପ୍ରିୟା ମୋର

**ପ୍ରଶାନ୍ତ ବ୍ରହ୍ମା**



ଝରକା ସେପାଖେ ଅନେଇ ବସିଛି,
ଆସିବକି ପ୍ରିୟା ମୋର
ଦିନ ଯାଇ ରାତି ହେଲାଣି ଯେ ଆସି
ତଥାପି ଆଶା ଯେ ମୋର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

ବାହାରୁ ଶୁଭୁଛି ଟୁପୁରୁ ଟାପୁରୁ
ସତେ ଆସୁଛି ସେ ମୋର
ଧାଇଁ ଯାଇ ଦେଖେ ସେ ନୁହେଁ ପରା
ଆଉ ଜଣେ ସେ କାହାର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

ଚେଇଁ ରହିଥାଏ ରାତିସାରା ମୁଁ ଯେ
ପ୍ରିୟାର ବାଟକୁ ଚାହିଁ
ତଥାପି ମନରେ ଜାଗଇ ବିଶ୍ୱାସ
ଆସିବକି ପ୍ରିୟା ମୋର

ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର

ଚାହିଁ ଚାହିଁ କେତେ ବିତିଲା ବରଷ,
ତଥାପି ଆଶା ଯେ ମୋର
ସତେ ଫେରିବ କି ଆଜି ପ୍ରିୟା ମୋର
ଗଢିବି ବସା ଯେ ମୋର
ଝରକା ସେପାଖେ ଅନେଇ ବସିଛି
ଆସିବକି ପ୍ରିୟା ମୋର ।

## ଘର

**ସାରଦା ପ୍ରସାଦ ଆଚାର୍ଯ୍ୟ**

କଥା ଦେଇଥିଲି ସାଥିରେ ଥିବି ଯେବେ ଡ଼ାକିବ, ମୁଁ
ଘରକୁ ଫେରିବି ।



ଏବେ ଅନେକ ଦୂର ଚାଲିଆସିଲିଣି
ମୁଁ ଅଚିହ୍ନାବାଟରେ
ହାତ ଧରି ଧରି ଆଗକୁ ଯାଉଛି !
ପ୍ରେମ, ପ୍ରୀତି, ମାନ, ଅଭିମାନ
ସବୁ ପାଶୋରି ଦେଉଛି,
ପୁଣି ଘରକୁ ଫେରିବାର ଭୟ
ଅଥୟ କଲାଣି ।

ସଂଜ ନଇଁ ଆସିଲାଣି,
ମେଘ ଉଠେଇଛି ଆଖିରେ ସଭିଙ୍କ
ଛାତିର କୋହ ଅତଡ଼ା ଖସୁଛି,
ମୋ ଘରକୁ ବାହୁଡ଼ି ଯାଉଛି ।

ସତେ କି ମୁଁ ଭୁଲିଯାଉଛି,
ସୁଖ, ଦୁଃଖ ରହିବା ବେଳର,
ଖୁସିରେ, ଖୁସିରେ
ତୋ ଡାକରାରେ ଘରକୁ ଆସିଛି ।

ଯୋଡ଼ା କେନ୍ଦୁଝର
୯୪୩୭୬୧୧୮୯୧

## ହୃଦୟକୁ ମୋର ଚୋରେଇ ନେଇଛି

**ହରିଶ୍ଚନ୍ଦ୍ର ବେହେରା**

ହୃଦୟକୁ ମୋର ଚୋରେଇ ନେଇଛି
କେଉଁ ମାୟାବିନୀ କହ
ନିଃସଙ୍ଗ ଜୀବନେ ଆଉକି ଆସିବ
ସେଦିନର ଗହ ଗହ । ୦ ।



ତୁମରି ଗାଁର ଜହ୍ନ ରାତିଟିଏ
କରୁଥିଲା ପୁଲକିତ
ଆମ ଗାଁ ନଈ ସେ ରାତିକୁ ନେଇ
ଗାଉଥିଲା କେତେ ଗୀତ
ମୋ ମନ ଚାତକୀ ଜୋଛନା ପିଆସୀ
ଚାହିଁ ଥିଲା ଅହରହ । ୧ ।

ସେ ଦିନର ସୁଖ କିଏ ଲୁଟି ନେଲା
ଏବେତ ବିଷାଦ ଋତୁ
ଟିକିରାବି ଅଛି ଝିପି ମେଘ ଅଛି
ଫୁଟୁନିତ ବାଲି ଛତୁ
କେଉଁଠି ହଜିଲା କୋଇଲିର କୁହୁ
ସବୁଠି ନିଦାଘ ଦାହ । ୨ ।

ଆକାଶବି ଅଛି ମେଘ ଋତୁ ଅଛି
କାହିଁ ଗଲା ଇନ୍ଦ୍ରଧନୁ
ଅକ୍ରୁର ରଥରେ ଗଲା ମଥୁରାକୁ
ଫେରିଲାନି କଳା କାହ୍ନୁ
ପଳାସ ସୁନ୍ଦରୀ କି ଆନନ୍ଦ ଦେଖ
ହସୁଅଛି ଟହ ଟହ । ୩ ।

କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

## ନିଦ

**ସ୍ନିଗ୍ଧା ପଣ୍ଡା**



ସକାଳ ଆସେ
ରାତିର ବନ୍ଦ ଦରଜା
ଖୋଲିଦିଏ ନିଜ ହାତରେ
ଅଗଣାକୁ ଓହ୍ଲାଏ
ମୋ କୋଠରୀ ସାମ୍ନାରେ ଠିଆ ହୁଏ
କେଡ଼େ ଶରଧାରେ ଡାକେ
ଅଥଚ ମୋର ନିଦ ଭାଙ୍ଗୁ ନ ଥାଏ
ରାତିର ଲିଭି ସାରିଥିବା ଲଣ୍ଠନ ଭିତରୁ
ବାହାରି ଆସେ ଆଲୁଅ
ସଞ୍ଜ ପହରୁ ଦେଖା ନ ଥିବା ଛାଇମାନେ
ତା' ପଛରେ ଆସନ୍ତି
ମିଳିମିଶି ଡାକନ୍ତି ସଭିଏଁ
ଉଠ୍ ଉଠ୍ ବୋଲି
ଅଥଚ ମୋର ନିଦ ଭାଙ୍ଗୁ ନ ଥାଏ ।।

ଆକାଶରୁ ଘୁଞ୍ଚିଯାଉଥିବା ଜହ୍ନ
ଗୁଣୁଗୁଣଉଥିବା ଝରଣା
ଅନ୍ଧାରରେ ଲୁଚିଥିବା ରାତିର ଗଛମାନେ
ଧୀରେଧୀରେ ଝୁଲୁଥିବା
ପତ୍ରମାନଙ୍କର ସ୍ୱର
ଡିଆଁ ମାରୁଥିବା କଅଁଳା ବାଛୁରୀ
ଘୁଟୁରୁ ଘୁମ୍ କରି ଧାନ ଖୁଣ୍ଟୁଥିବା ପାରା
ସମସ୍ତେ ଦେଇଯାଆନ୍ତି ମୁଠେ ମୁଠେ ସୂର୍ଯ୍ୟକିରଣ
ଅଥଚ ମୋର ନିଦ ଭାଙ୍ଗୁ ନ ଥାଏ ।।

ମୁଁ ନିଜ ପାଖରେ ଥାଏ
ଅଥଚ ନିଜକୁ ଛୁଇଁ ପାରୁନଥାଏ
ସବୁ ଡ଼ାକ ଶୁଣୁଥାଏ
ଚିହ୍ନି ପାରୁଥାଏ ଡାକିବାର ଅଲଗା ଅଲଗା ଶବ୍ଦକୁ
ଚିହ୍ନି ପାରୁଥାଏ ଶବ୍ଦର ଚେହେରାକୁ
ଚିହ୍ନି ପାରୁଥାଏ ମୋ ଚାରିପାଖରେ ମୂର୍ତ୍ତିମାନଙ୍କୁ
ନିଦ ଭାଙ୍ଗିଯାଉ ବୋଲି କାମନା କରୁଥାଏ ନିଜେ
ଅଥଚ ମୋର ନିଦ ଭାଙ୍ଗୁ ନ ଥାଏ ।।

କେଜାଣି
ଆଉ କାହାର ଡାକକୁ
ତଥାପି ଅପେକ୍ଷା କରିଥାଏ ଯେ
ମୁଁ ଆଖି ଖୋଲା ରଖିଥାଏ
ଅଥଚ ମୋର ନିଦ ଭାଙ୍ଗୁ ନଥାଏ ।।

ମୋ-୯୮୬୧୩୨୩୬୫୦

## ହେ ଫଗୁଣ ତୁମେ

**ବେଣୁଧର ସୂତାର**

ଫଗୁଭରା ମଧୁ ଯାମିନୀରେ
ମଧୁଝରା ଜ୍ୟୋସ୍ନାର ପ୍ଲାବନ
ଏ ଧରା ଅଙ୍ଗନେ ଚାରୁଚିତ୍ରମୟ
ବର୍ଣ୍ଣମାଳାର ବିଭୋର ଚୁମ୍ବନ
ଅନୁପମ ପ୍ରକୃତିସୁଷମା ବିନ୍ୟାସ
ଜ୍ୟୋସ୍ନାଭିଜାଏଇ ଫୁଲ ଫଗୁଣର
ପୁଲକିତ ମହକ ମାଦକେ
ମୃଦୁ ମଳୟର ଅମିୟ ଆଶ୍ଳେଷ
ଏଧରା ପ୍ରକୃତିର କୋଳେ ଅବା
ଋତୁରାଜ ବସନ୍ତର ଅମିୟ ପରଶ ॥
ରୂପର ରୋଶଣି ଜଳେ
ପ୍ରେମ ପ୍ରୀତି ସୁଧା ଛଳେ
ନବ ମଧୁକାଳ ଦିବ୍ୟମୟ ସ୍ୱର୍ଶ
ପୁଲକିତ ତାରୁଣ୍ୟ କୋମଳେ
ସ୍ୱପ୍ନ ଭରା ଫୁଲବନେ
ନବ ଆଶା ଜାଗେ ମନେ
ଲାବଣ୍ୟ ଲଳିତ ଲାସ୍ୟେ
କୋଟି ସୌନ୍ଦର୍ଯ୍ୟର କାୟା
ଆହାକିରୁଚିର ଚମକଭରା ତୃପ୍ତିର
ବାସନ୍ତୀକ ଫଗୁଣର ମାୟା
ଗାଏ ପ୍ରୀତି ସ୍ୱାଗତ ଗୀତିକା
ପରଭୃତ ନିକୁଞ୍ଜ କାନନେ ।।

ଭାବରେ ତଲ୍ଲୀନ ହୁଏ ତନୁମନ
ବୟସରେ ତାରୁଣ୍ୟର ଚପଳାମି
ବସନ୍ତର ବିଭୋରିତ ଗୀତିଛନ୍ଦେ
ନୟନରେ ସ୍ୱପ୍ନ ଯାଏ ଚୁମି
ସୌମ୍ୟ ଶାନ୍ତ ଧରିତ୍ରୀ ବକ୍ଷରେ

ଫୁଲେ ଫୁଲେ ରୂପ ରଙ୍ଗ ସଭା
ଏଧରା ଧୂଳିର ମଧୁ ସ୍ୱର୍ଶ ଘେନି
ସୌଭାଗ୍ୟବତୀ ପ୍ରକୃତି ରଚଇ
ଧରା ବକ୍ଷେ ଅନୁପମ ବିଭା ।।

ବସନ୍ତ ବାସରେ ପବିତ୍ର ଆସରେ
ରଙ୍ଗ ଫଗୁଣର ମକରନ୍ଦ ବୋଳି
ଝରା ବଉଳର ମହକ ସମ୍ଭାରେ
ଛୁଇଁ ଛୁଇଁ ଯାଏ ଚଇତାଳି
ରଙ୍ଗ ରସ ସମାହାର ଭରା
ଏ ସୃଷ୍ଟିର ଦିବ୍ୟ ରୂପାନ୍ତର
କାନ୍ତି ମଧୁର୍ଯ୍ୟର ଅମୃତମୟ ଧାରା
ପରିତୃପ୍ତିର ପରମ ସ୍ୱାକ୍ଷର
ପରିବ୍ୟାପ୍ତପ୍ରକୃତିର ଲଳିତବିସ୍ତାର
ଯୁଗ ଯୁଗାନ୍ତର ଏ ଧରା ବକ୍ଷରେ
ବସନ୍ତର ଭବ୍ୟ ଉପହାର ।।



ରୂପ ମଧୁ ବିଳାସ ବାସରେ
ଅୟି ଶୋଭାମୟୀ ପ୍ରକୃତି ସୁନ୍ଦରୀ
ପ୍ରେମ ପୀରତିର ମାଙ୍ଗଳିକ ସୁରେ
ପ୍ରୀତିଛନ୍ଦେ ନାଚେ ପ୍ରଣୟ ବଲ୍ଲରୀ
ବିଶ୍ୱ ମଧୁମୟ ଛନ୍ଦର ଝଙ୍କାରେ
ସମ୍ପର୍କର ସୁଧା ବର୍ଷେ ଚାରୁ ଚଇତାଳି
ଅମିୟ ଆଧାର ତୁମେ ହେ ଫଗୁଣ
ରସରଙ୍ଗ ଛନ୍ଦସୁର ଋତୁର କାକଳି ॥

କେଶଦୁରାପାଳ କେନ୍ଦୁଝର
ଦୂରଭାଷ-୯୧୭୮୫୬୮୨୪୬

# ଅଭିଷେକ-ସାମସନ ଭାଙ୍ଗିଲେ ଓପନିଂ ରେକର୍ଡ



**ଚେନ୍ନାଇ**

ଟି-୨୦ ବିଶ୍ୱକପ୍ ୨୦୨୬ରେ ଟିମ୍ ଇଣ୍ଡିଆର ଓପନିଂ ଯୋଡ଼ି ଶେଷରେ ନିଜର ପୁରୁଣା ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛି। ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ଅଭିଷେକ ଶର୍ମା ଏବଂ ସଞ୍ଜୁ ସାମସନଙ୍କ ମଧ୍ୟରେ ୪୮ ରନର ଦମ୍‌ଦାର ଭାଗିଦାରୀ ଦେଖିବାକୁ ମିଳିଥିଲା। ଯାହା ଚଳିତ ବିଶ୍ୱକପ୍‌ରେ ଭାରତର ସର୍ବାଧିକ ଓପନିଂ ପାର୍ଟନରସିପ୍ ସାବ୍ୟସ୍ତ ହୋଇଛି।

ପାୱାରପ୍ଲେରେ ଭାରତକୁ ଏକ ଜବରଦସ୍ତ ଆରମ୍ଭ ଦେଇ ଏହି ଦୁଇ ବ୍ୟାଟର ମାତ୍ର ୨୩ ବଲ୍‌ରେ ୪୮ ରନ୍ ସଂଗ୍ରହ କରିଥିଲେ। ସାମସନ ୧୫ ବଲ୍‌ରୁ ୨୪ ରନ୍ କରି ଆଉଟ୍ ହୋଇଥିବା ବେଳେ ଅଭିଷେକ ୮ ବଲ୍‌ରୁ ୧୭ ରନ୍ କରି ଆକ୍ରମଣାତ୍ମକ ଆଭିମୁଖ୍ୟ ଜାରି ରଖିଥିଲେ। ପୂର୍ବରୁ ଖେଳାଯାଇଥିବା ୫ଟି ଯାକ ମ୍ୟାଚ୍‌ର ମୋଟ ଓପନିଂ ସ୍କୋରକୁ ମିଶାଇଲେ ମଧ୍ୟ ତାହା ଜିମ୍ବାୱେ ବିପକ୍ଷରେ ହୋଇଥିବା ୪୮ ରନ୍‌ରୁ କମ୍ ହେଉଛି। ଓପନିଂ ପାର୍ଟନରସିପ : ଗତ ୫ଟି ମ୍ୟାଚ (ମୋଟ) – ୩୪ ରନ୍। ଜିମ୍ବାୱେ ବିପକ୍ଷରେ (ଏକାକୀ) – ୪୮ ରନ୍।

ସଞ୍ଜୁ ସାମସନ ଆଉଟ ହେବା ପରେ ମଧ୍ୟ ଅଭିଷେକ ଶର୍ମା କ୍ରିଜ୍‌ରେ ଜମି ରହିଥିଲେ। ପୂର୍ବ ୪ଟି ଇନିଂସ ଅପେକ୍ଷା ଜିମ୍ବାୱେ ବିପକ୍ଷରେ ସେ ଅଧିକ ଆତ୍ମବିଶ୍ୱାସୀ ଦେଖାଯାଉଥିଲେ। ସଞ୍ଜୁଙ୍କ ପରେ ତାଙ୍କୁ ଇଶାନ କିଷାନଙ୍କ ସାଥ୍ ମିଳିଥିଲା ଏବଂ ଉଭୟଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ପାୱାରପ୍ଲେ ସୁଦ୍ଧା ୮୦ ରନରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା।

# ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ସେମିରେ ଦକ୍ଷିଣ ଆଫ୍ରିକା



**ଅହମଦାବାଦ**

ପେସରଙ୍କ ଘାତକ ବୋଲିଂ ଏବଂ ଅଧିନାୟକ ଏଡେନ ମାରକ୍ରମଙ୍କ ଅପରାଜିତ ୮୧ ରନ୍‌ର ଇନିଂସ ବଳରେ ଗୁରୁବାର ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ସୁପର-୮ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୯ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଧାର୍ଯ୍ୟ ୧୭୭ ରନର ଟାର୍ଗେଟକୁ ଦକ୍ଷିଣ ଆଫ୍ରିକା ମାତ୍ର ୧୬.୧ ଓଭରରେ ୧ ଉଇକେଟ ହରାଇ ହାସଲ କରି ନେଇଥିଲା।

ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପହଞ୍ଚିବା ପ୍ରାୟ ସ୍ପଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜର ଶୋଚନୀୟ ପରାଜୟ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ଏକ ବଡ଼ ସୁଯୋଗ ପ୍ରଦାନ କରିଛି। ଏହି ମ୍ୟାଚ୍‌ରେ ଜାସନ ହୋଲ୍ଡର ଓ ରୋମାରିଓ ଶେଫର୍ଡ ଅଷ୍ଟମ ଉଇକେଟରେ ୮୯ ରନ ଯୋଡ଼ିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଅଷ୍ଟମ ୱିକେଟ ପାଇଁ ସର୍ବାଧିକ।

ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ମାରକ୍ରମ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ କାଗିସୋ ରାବାଡ଼ା (୨/୨୨) ଓ ଲୁଙ୍ଗି ଏନ୍‌ଗିଡି (୩/୩୦) ଉଚିତ ସାବ୍ୟସ୍ତ କରିଥିଲେ। ୱେଷ୍ଟଇଣ୍ଡିଜ୍ ୧୦.୨ ଓଭରରେ ୮୩ ରନରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଜାସନ ହୋଲ୍ଡର ୩୧ ବଲରେ ୪୯ (୪ ଚୌକା ଓ ୩ ଛକା) ଓ ରୋମାରିଓ ଶେଫର୍ଡ ୩୭ ବଲରେ ଅପରାଜିତ ୫୨ (୩ ଚୌକା ଓ ୪ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦୁହେଁ ୮ମ ୱିକେଟରେ ରେକର୍ଡ ୮୯ ରନ ଯୋଡ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୮ ୱିକେଟ ହରାଇ ୧୭୬ ରନ କରିଥିଲା।

ଜବାବରେ ଦକ୍ଷିଣ ଆଫ୍ରିକାକୁ ଅଧିନାୟକ ମାରକ୍ରମ ଓ କ୍ୱିଣ୍ଟନ ଡି କକ୍ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୮ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୯୫ ରନରେ ପହଞ୍ଚାଇଥିଲେ। ଅଷ୍ଟମ ଓଭରରେ ଡି କକ୍‌ଙ୍କୁ ଆଉଟ୍ କରି ରୋଷ୍ଟନ ଚେଜ ୱେଷ୍ଟଇଣ୍ଡିଜ୍‌କୁ ବହୁ ପ୍ରତୀକ୍ଷିତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ହେଲେ ଡି କକ୍ ଆଉଟ୍ ହେବା ପୂର୍ବରୁ ୨୪ ବଲରେ ୪ ଲେଖାଏଁ ଚୌକା ଓ ଛକା ବଳରେ ୪୭ ରନ କରିଥିଲେ। ଏହାପରେ ମାରକ୍ରମ ଓ ରିଆନ ରିକଲଟନ ଦଳକୁ ଜିତିବା ପାଇଁ ଆବଶ୍ୟକ ଥିବା ରନ ସଂଗ୍ରହ କରି ନେଇଥିଲେ। ଦୁଇ ବ୍ୟାଟର ଅବିଭାଜିତ ଦ୍ୱିତୀୟ ଉଇକେଟରେ ୮୨ ରନ ଯୋଡ଼ିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୧୬.୧ ଓଭରରେ ୧୭୭ ରନ କରି ନେଇଥିଲା। ମାରକ୍ରମ ୪୬ ବଲରେ ୮୨ (୭ ଚୌକା ଓ ୪ ଛକା) ଓ ରିକଲଟନ ୨୮ ବଲରେ ୪୫ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ।

# ୧୪ ବଲରେ ଅର୍ଦ୍ଧଶତକ ହାସଲ କରି ରେକର୍ଡ କଲେ ବୈଭବ ସୂର୍ଯ୍ୟବଂଶୀ



**ନୂଆଦିଲ୍ଲୀ**

ଆଇପିଏଲ ପୂର୍ବରୁ ଚମକିଲା ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟ୍। ବଡ଼ ବଡ଼ ସଟ୍ ମାରି ବୋଲରଙ୍କୁ କଲେ ଧରାଶାୟୀ। ମୁମ୍ବାଇରେ ଖେଳାଯାଉଥିବା ଡି.ୱାଇ ଟି-୨୦ ଟୁର୍ଣ୍ଣାମେଣ୍ଟରେ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ଡି.ୱାଇ ପାଟିଲ ବ୍ଲୁ ଟିମ୍‌ରୁ ଖେଳୁଛନ୍ତି। ଯେଉଁଥିରେ ସେ ଦମ୍‌ଦାର ପ୍ରଦର୍ଶନ କରିବା ସହ ବିସ୍ଫୋରକ ଭାବେ ମାତ୍ର ୧୪ ବଲରେ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଖେଳୁଥିବା ସୂର୍ଯ୍ୟବଂଶୀ ୧୯ ବଲର ସାମ୍ନା କରି ୬୩ ରନ୍ କରିବାରେ ସକ୍ଷମ ହୋଇଛନ୍ତି। ପ୍ରଥମରୁ ସାଥୀ ଖେଳାଳି ଯଶ ଧୁଲ୍ ଆଉଟ୍ ହୋଇଥିଲେ ସୁଦ୍ଧା ତାଙ୍କ ଉପରେ କୌଣସି ପ୍ରଭାବ ପଡ଼ିନଥିଲା। ସେ କେବଳ ଛକା ଚୌକାରେ ଡିଲ୍ କରିଥିଲେ। ଗୋଟିଏ ପଟେ ଏକାକି ପ୍ରତିପକ୍ଷ ବୋଲରଙ୍କୁ ଧୁଲେଇ କରିଥିଲେ। ଯେଉଁଥିରେ ୭ ଚୌକା ଏବଂ ୫ ଛକା ରହିଛି।

ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଅର୍ଜୁନ୍ ତେନ୍ଦୁଲକର ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ୨୯ ବଲରୁ ୫୫ ରନର ପାଳି ଖେଳିଥିଲେ। ଯେଉଁଥିରେ ୭ ଚୌକା ଏବଂ ୨ ଛକା ରହିଛି। ୨୨୫ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଦଳ ମାତ୍ର ୧୯.୧ ବଲରେ ଜିତି ନେଇଛି। ଆଇପିଏଲ ପରେ ୧୯ ବର୍ଷରୁ କମ୍ ବିଶ୍ୱକପରେ କମାଲ କରିବା ପରେ ଏବେ ଘରୋଇ କ୍ରିକେଟରେ ମଧ୍ୟ ଦମଦାର ପ୍ରଦର୍ଶନ ଜାରି ରଖିଛନ୍ତି ବୈଭବ ସୂର୍ଯ୍ୟବଂଶୀ। ଚଳିତ ଆଇପିଏଲରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଫ୍ୟାନ୍ସମାନେ ଆଶା ରଖିଛନ୍ତି।

# ଆଇସିସି ର୍‍ୟାଙ୍କିଂ : ଉପରକୁ ଉଠିଲେ ଜସପ୍ରିତ ବୁମ୍‌ରା, ନଂ୧ ସ୍ଥାନ ବଜାୟ ରଖିଲେ ବରୁଣ ଚକ୍ରବର୍ତ୍ତୀ

**ନୂଆଦିଲ୍ଲୀ**

ଆଇସିସି ଟି୨୦ ବିଶ୍ୱକପ ୨୦୨୬ର ହାଇ-ଭୋଲଟେଜ ସୁପର ୮ମ୍ୟାଚ ମଧ୍ୟରେ, ଆଇସିସି ସଦ୍ୟତମ ର୍‍ୟାଙ୍କିଙ୍ଗ ପ୍ରକାଶ କରିଛି, ଯାହା ପୁଣି ଥରେ ଭାରତୀୟ ଖେଳାଳିଙ୍କ ପ୍ରାଧାନ୍ୟ ପ୍ରଦର୍ଶନ କରୁଛି। ଭାରତୀୟ ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ସଦ୍ୟତମ ଆଇସିସି ଟି୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ତାଙ୍କର ନମ୍ବର-୧ ବୋଲର ସ୍ଥାନ ବଜାୟ ରଖିଛନ୍ତି, ଯେତେବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ ଏବଂ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ ଗୁରୁତ୍ୱପୂର୍ଣ୍ଣ ଲମ୍ଫ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି।

ଟି୨୦ ବିଶ୍ୱକପ ୨୦୨୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର ୮ ମ୍ୟାଚ୍‌ରେ, ଟିମ୍ ଇଣ୍ଡିଆର ଷ୍ଟାର ଫାଷ୍ଟ ବୋଲର ଜସପ୍ରିତ ବୁମ୍‌ରା ଘାତକ ବୋଲିଂ କରିଥିଲେ। ଏହି ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ବୁମ୍‌ରାହ ଆଇସିସି ର୍‍ୟାଙ୍କିଙ୍ଗରେ ସାତଟି ସ୍ଥାନ ଉପରକୁ ଉଠି ବିଶ୍ୱର ଅଷ୍ଟମ ସ୍ଥାନରେ ଥିବା ଟି୨୦ ବୋଲର ହୋଇଛନ୍ତି। ସଦ୍ୟତମ ଟି୨୦ ଅନ୍ତର୍ଜାତୀୟ ବୋଲିଂ ର୍‍ୟାଙ୍କିଙ୍ଗରେ ସ୍ପିନରଙ୍କ ପ୍ରାଧାନ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଛି, କାରଣ ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରୁ ସାତ ଜଣ ସ୍ପିନ ବୋଲିଂର ଅଟନ୍ତି।



ସଦ୍ୟତମ ଆଇସିସି ଟି୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ ଟିମ୍ ଇଣ୍ଡିଆର ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ତାଙ୍କର ନମ୍ବର-୧ ବୋଲର ସ୍ଥାନ ବଜାୟ ରଖିଛନ୍ତି। ଆଫଗାନିସ୍ତାନର ଅଧିନାୟକ ରସିଦ ଖାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି, ଯେତେବେଳେ ଦକ୍ଷିଣ ଆଫ୍ରିକାର କର୍ବିନ ବୋଶ ରେକର୍ଡ ୨୧ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡର ଆଦିଲ ରସିଦ ଚତୁର୍ଥ ସ୍ଥାନକୁ ଉଠିଛନ୍ତି ଏବଂ ପାକିସ୍ତାନର ଅବରାର ଅହମ୍ମଦ ଦୁଇ ସ୍ଥାନ ଖସି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଦୁଇ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି, ଏବଂ ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ ୨୩ ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ବାଂଲାଦେଶର ମୁସ୍ତାଫିଜୁର ରହମାନ ନବମ ସ୍ଥାନରେ ପହଞ୍ଚିଛନ୍ତି ଏବଂ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଚାରି ସ୍ଥାନ ଖସି ଦଶମ ସ୍ଥାନରେ ପହଞ୍ଚିଛନ୍ତି।

ସଦ୍ୟତମ ଆଇସିସି ଟି୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗରେ, ଟିମ୍ ଇଣ୍ଡିଆର ବ୍ୟାଟିଂ ଷ୍ଟାର ଅଭିଷେକ ଶର୍ମା ତାଙ୍କର ନମ୍ବର ୧ ବ୍ୟାଟ୍ସମ୍ୟାନ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡର ଫିଲ ସଲ୍ଟ ଦୁଇ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି ଏବଂ ପାକିସ୍ତାନର ସାହିବଜାଦା ଫରହାନ ଦୁଇ ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନରେ ପହଞ୍ଚିଛନ୍ତି। ଶ୍ରୀଲଙ୍କାର ପଥୁମ ନିସାଙ୍କା ଚତୁର୍ଥ ସ୍ଥାନରେ ରହିଛି, ଯେତେବେଳେ ଭାରତୀୟ ୱିକେଟକିପର-ବ୍ୟାଟ୍ସମ୍ୟାନ ଇଶାନ କିଶାନ ତିନି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଟିମ୍ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଷଷ୍ଠ ସ୍ଥାନରେ ଅଛନ୍ତି। ତଥାପି ତିଲକ ବର୍ମା ଖରାପ ଫର୍ମର ଶିକାର ହୋଇଛନ୍ତି ଏବଂ ତିନି ସ୍ଥାନ ଖସି ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି।

# ଖେଳାଳିଙ୍କ ସୁରକ୍ଷା ମାଗିଲେ ଶ୍ରୀଲଙ୍କା ଅଧିନାୟକ



**କଲମ୍ବୋ**

ଟି୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି କେବଳ ଖେଳାଳିଙ୍କ ଫିଟ୍‌ନେସ୍ ଓ ଫର୍ମ ଦାୟୀ ନୁହେଁ, ବରଂ ଦଳ ବାହାରେ ସୃଷ୍ଟି ହୋଇଥିବା ନକାରାତ୍ମକ ପରିବେଶ ମଧ୍ୟ ଦାୟୀ। ସେମିଫାଇନାଲ ଦୌଡ଼ରୁ ଶ୍ରୀଲଙ୍କା ବିଦାୟ ନେବା ପରେ ଅଧିନାୟକ ଦାସୁନ ଶନକା ଏହା କହିଛନ୍ତି। ଏଥିସହିତ ତାଙ୍କ ଖେଳାଳିଙ୍କୁ ସମାଲୋଚନାଠାରୁ ସୁରକ୍ଷା ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଖେଳାଳି ଭାବେ ଆମ ପାଇଁ ବାହ୍ୟ ସମାଲୋଚନାକୁ ନିୟନ୍ତ୍ରଣ କରିବା କଷ୍ଟକର। ଏଣୁ ପ୍ରାୟତଃ ସମୟରେ ଆମେ ମୁଖ୍ୟତଃ ନକାରାତ୍ମକ ସମାଲୋଚନା ହିଁ ଶୁଣୁ। ଏଣୁ ଜଣେ ଖେଳାଳି ଭାବେ ଆମେ ଯେତେ ସକାରାତ୍ମକ ଥିଲେ ବି ବାହାରୁ ଦଳ ମଧ୍ୟରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରାଯାଇଛି। ଏହା ଶ୍ରୀଲଙ୍କା କ୍ରିକେଟର କ୍ଷତି କରୁଛି। ଆମେ ବିଶ୍ୱକପ୍ ହାରିଗଲୁ। ଆମକୁ କାରଣ ଜଣାଅଛି ଏବଂ ଆମେ ସମସ୍ତେ ଚିନ୍ତିତ। ଆମକୁ ଗୋଟିଏ ମ୍ୟାଚ୍ ଖେଳିବାର ଅଛି। ଆମେ ଖେଳିବୁ ଓ ଯିବୁ। କିନ୍ତୁ ସମାଲୋଚନା ବନ୍ଦ ହେବ ନାହିଁ। ଯଦି ସରକାର ହସ୍ତକ୍ଷେପ କରନ୍ତି, ତେବେ ଅତିକମ୍‌ରେ ଭବିଷ୍ୟତରେ ଆସିବାକୁ ଥିବା ଖେଳାଳିଙ୍କ ଲାଗି ଭଲ ହେବ।

ମୋ ମତରେ ତାହା ଖେଳାଳିଙ୍କ ମାନସିକ ସ୍ୱାସ୍ଥ୍ୟ ଲାଗି ଭଲ ହେବ ବୋଲି ଶନକା କହିଛନ୍ତି। ଏଥିସହିତ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ସେ ଦେଶବାସୀଙ୍କୁ କ୍ଷମା ମାଗିଛନ୍ତି।

# କଳାହାଣ୍ଡି କପ୍ : ଅନୁଗୁଳ, ପୁରୀ, ବରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, କଟକ-ଏ', ଗଞ୍ଜାମ, ଗଜପତି ବିଜୟୀ

**କଟକ**

ଚଳିତ କଳାହାଣ୍ଡି କପ୍‌ରେ ଗୁରୁବାର ଅନୁଗୁଳ, ପୁରୀ, ବରଗଡ଼, କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, କଟକ-ଏ', ଗଞ୍ଜାମ, ଗଜପତି ବିଜୟୀ ହୋଇଛନ୍ତି। ଗଜପତିର ଶୁଭମ୍ ରାଉତ ଓ ଗଞ୍ଜାମର ରୋହିତ ସାଗରଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଅଡ଼ଶପୁର ପଡ଼ିଆରେ ଗଜପତି ୯ ୱିକେଟ୍‌ରେ ରାୟଗଡ଼ାକୁ ପରାସ୍ତ କରିଛି। ଶୁଭମ ରାଉତ (୫/୧୯)ଙ୍କ ବୋଲିଂ ସଫଳତା ଯୋଗୁଁ ରାୟଗଡ଼ା ୪୦.୩ ଓଭରରେ ୧୩୧/୧୦ କରିଥିଲା। ଜବାବରେ ଗଜପତି ଜ୍ଞାନରଞ୍ଜନ (୬୪)ଙ୍କ ଅର୍ଦ୍ଧଶତକ ବଳରେ ୩୩.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ରେଭେନ୍ସା ଗ୍ରାଉଣ୍ଡ-୨ରେ ଗଞ୍ଜାମ ୪୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୦ ରନ୍ କରିଥିଲା। ଜବାବରେ କିଟ୍ ୩୨.୨ ଓଭରରେ ୧୧୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ୫/୧୧ ବୋଲିଂ ସଫଳତା ପାଇଥିବା ଗଞ୍ଜାମର ରୋହିତ ସାଗର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଜଟଣୀ ରେଳବାଇ ପଡ଼ିଆରେ ଅନୁଗୁଳ ୯ ୱିକେଟରେ ଭଦ୍ରକକୁ ପରାସ୍ତ କରିଛି। ଭଦ୍ରକ ୪୯.୨ ଓଭରରେ ୧୩୧ କରିଥିଲା ବେଳେ ଅନୁଗୁଳ ୩୭.୧ ଓଭରରେ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ପାନକଲା ଶଶାଙ୍କ (୬୧ ରନ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଖୋର୍ଦ୍ଧାସ୍ଥିତ ବିଜେବି ସ୍କୁଲ୍ ପଡ଼ିଆରେ ପୁରୀ ୭ ୱିକେଟ୍‌ରେ ଭୁବନେଶ୍ୱର-ବିକୁ ପରାସ୍ତ କରିଛି। ଭୁବନେଶ୍ୱର-ବି ଆୟୁଷ ସୂତାର (୯୫) ଓ ବିଶାଳ ପ୍ରିୟଦର୍ଶୀ (୫୦)ଙ୍କ ଅର୍ଦ୍ଧଶତକ ବଳରେ ୪୭ ଓଭରରେ ୭ ୱିକେଟ ହରାଇ ୨୪୧ ରନ୍ କରିଥିଲା। ଜବାବରେ ବିନୟ ପାଇକରାୟ (୭୩) ଓ ମୟଙ୍କ ପଟ୍ଟନାୟକ (୫୬)ଙ୍କ ଅର୍ଦ୍ଧଶତକ ବଳରେ ପୁରୀ ୪୩.୩ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ଡ୍ରିମ୍‌ସ ପଡ଼ିଆରେ ବରଗଡ଼ ୬ ୱିକେଟ୍‌ରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ୩୭.୫ ଓଭରରେ ୧୪୪ ରନ୍ କରିଥିଲା। ଜବାବରେ ରୋହନ କୁମାରଙ୍କ ୬୪ ରନ୍ ସହାୟତାରେ ବରଗଡ଼ ୩୦.୪ ଓଭରରେ ୪ ୱିକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ସନ୍‌ସାଇନ ପଡ଼ିଆରେ କେନ୍ଦୁଝର ୬ୱିକେଟ୍‌ରେ ବାଲେଶ୍ୱରକୁ ପରାସ୍ତ କରିଛି। ନୌଉମ ଭଞ୍ଜଙ୍କ ୭୬ ରନ ସହାୟତାରେ ବାଲେଶ୍ୱର ୪୦.୨ ଓଭରରେ ୨୪୫ ରନ୍ କରିଥିଲା। ଜବାବରେ କେନ୍ଦୁଝର ୪୫.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କେନ୍ଦୁଝର ପକ୍ଷରୁ ଋତୁରାଜ ମହାନ୍ତି ୯୧ ଓ ଶୁଭ୍ରାଂଶୁ ସେନାପତି ୬୨ ରନ୍ କରିଥିଲେ। ଏମ୍‌ଜିଏମ୍ ପଡ଼ିଆରେ କଳାହାଣ୍ଡି ୬୨ ରନ୍‌ରେ ଜଗତସିଂହପୁରକୁ ହରାଇଛି।

ଶୁଭମ ଦାଶଙ୍କ ୬୭ ରନ୍ ବଳରେ କଳାହାଣ୍ଡି ୨୫୨/୯ କରିଥିଲା। ଜବାବରେ ଜଗତସିଂହପୁର ୪୧.୫ ଓଭରରେ ୧୯୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପଡ଼ିଆରେ କନ୍ଧମାଳ ୪ ୱିକେଟରେ ନୂଆପଡ଼ାକୁ ପରାସ୍ତ କରିଛି। ନୂଆପଡ଼ା ୪୬.୦ ଓଭରରେ ୧୬୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ କନ୍ଧମାଳ ୪୧.୩ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତିଥିଲା। ସେହିପରି ରେଭେନସା ପଡ଼ିଆ-୧ରେ କଟକ-ଏ' ୧୫୨ ରନ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଅନିଲ ପରିଡ଼ା (୭୨), ରାଜେଶ ଧୂପର (୬୩), ବିପ୍ଲବ ସାମନ୍ତରାୟ (୫୮) ଓ ସାଇଦୀପ ମହାପାତ୍ର (୫୪)ଙ୍କ ଅର୍ଦ୍ଧଶତକ ସହାୟତାରେ କଟକ-ଏ' ୫୦ ଓଭରରେ ୭ ୱିକେଟ ହରାଇ ୩୦୯ ରନ୍ କରିଥିଲା। ଜବାବରେ ଝାରସୁଗୁଡ଼ା ୪୧.୨ ଓଭରରେ ୧୫୭ ରନ୍‌ରେ ଅଟକିଯାଇଥିଲା।

# ଜିଡିପି ବେସ୍ ସଂଶୋଧନ : ଭାରତୀୟ ଅର୍ଥନୀତିର ନୂଆ ପରିଭାଷା



**ଶ୍ରୀ ସୌରଭ ଗର୍ଗ**
କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ନିଷ୍ପାଦନ ମନ୍ତ୍ରଣାଳୟର ସଚିବ

ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ହେଉଛି ଗୋଟିଏ ଦେଶର ଅର୍ଥନୀତିର ଆକାର ଏବଂ ସୁସ୍ଥତାକୁ ମାପିବାର ଏକ ମୁଖ୍ୟ ମାନଦଣ୍ଡ। ଏହାକୁ ଦେଶର ଆର୍ଥିକ "ରିପୋର୍ଟ କାର୍ଡ" ବୋଲି କୁହାଯାଇପାରେ। ଜିଡିପି ଆମକୁ ସୂଚନା ଦେଇଥାଏ ଯେ ଗୋଟିଏ ଦେଶ ନିର୍ଦ୍ଦିଷ୍ଟ ସମୟସୀମାରେ କେତେ ପରିମାଣର ବସ୍ତୁ ଓ ସେବା ଉତ୍ପାଦନ କରିଛି। ଯେତେବେଳେ ଜିଡିପି ବୃଦ୍ଧି ପାଏ, ସାଧାରଣତଃ ଏହାର ଅର୍ଥ ହେଉଛି ଯେ ଶିଳ୍ପ ଓ ବ୍ୟବସାୟ ଅଧିକ ଉତ୍ପାଦନ କରୁଛନ୍ତି, ଅଧିକ ଲୋକ କର୍ମସଂସ୍ଥାନ ପାଉଛନ୍ତି ଏବଂ ଆୟର ସ୍ତର ଉନ୍ନତ ହେଉଛି। ବୈଶ୍ୱିକ ସ୍ତରରେ ମଧ୍ୟ ଜିଡିପି ଗୋଟିଏ ଦେଶର ଆର୍ଥିକ ସ୍ଥିତି ଓ ପ୍ରଭାବକୁ ପ୍ରତିବିମ୍ବିତ କରେ। ଏହି ମାନଦଣ୍ଡରେ ଭାରତ ବର୍ତ୍ତମାନ ବିଶ୍ୱର ସର୍ବଶ୍ରେଷ୍ଠ ପାଞ୍ଚଟି ଅର୍ଥନୀତି ମଧ୍ୟରେ ନିଜ ସ୍ଥାନ ସୁନିଶ୍ଚିତ କରିଛି। ବିଭିନ୍ନ ଆକଳନ ଅନୁସାରେ, ୨୦୩୦ ସୁଦ୍ଧା ଭାରତ ତୃତୀୟ ସ୍ଥାନକୁ ଉନ୍ନତ ହେବାର ସମ୍ଭାବନା ରହିଛି–ଯାହା ଦେଶର ବୃଦ୍ଧିଶୀଳ ଆର୍ଥିକ କ୍ଷମତା ଓ ବିକାଶ ଗତିକୁ ସୂଚିତ କରେ।

ଅର୍ଥନୀତିକୁ ମାପିବା ନିମନ୍ତେ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ଏକ ସାଧନ ଭାବରେ ଗ୍ରହଣ କରାଯାଇଥାଏ ଯାହା ଅର୍ଥନୀତିର ନାଡ଼ିକୁ ଠିକ୍ ଭାବରେ ଧରିବା ନିମନ୍ତେ ନିୟମିତ କାଲିବ୍ରେସନ ଆବଶ୍ୟକ କରିଥାଏ ଏବଂ ପରିବର୍ତ୍ତିତ ଅର୍ଥନୀତି ସହିତ ତାଳ ଦେବା ନିମନ୍ତେ ନିୟମିତ ବ୍ୟବଧାନରେ ଜିଡିପିର ମୂଳ ବର୍ଷକୁ ଅପଡେଟ୍ (ସଂଶୋଧନ) କରି ଏହା ହାସଲ କରାଯାଇ ଥାଏ। ଅର୍ଥନୀତି ଯେତେବେଳେ ନିଜକୁ ପୁନଃ ଆକାର ଦେଇଥାଏ ସେତେବେଳେ ନୂଆ ନୂଆ ଶିଳ୍ପସଂସ୍ଥାମାନ ମୁଣ୍ଡ ଟେକିଥାଆନ୍ତି, ଉପଭୋକ୍ତାମାନଙ୍କ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଆସିଥାଏ ଏବଂ ନୂଆ ନୂଆ ତଥ୍ୟ ଉତ୍ସର ବିକାଶ ଘଟିଥାଏ। ଏହିସବୁ ସଂଶୋଧନଗୁଡ଼ିକ ସରକାରୀ ତଥ୍ୟକୁ ବାସ୍ତବତା ଆଧାରରେ ଗ୍ରହଣ କରିବାରେ ଏବଂ ଆକଳନକୁ ଅଧିକ ସଠିକ ଏବଂ ମଜଭୁତ କରିବାରେ ସହାୟକ ହୋଇଥାଆନ୍ତି।

ବିଗତ ବେସ୍ (ମୂଳ) ସଂଶୋଧନ ପରଠାରୁ ନୂତନ ତଥ୍ୟ ଉତ୍ସର ଉପଲବ୍ଧତା ଆମମାନଙ୍କୁ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ରେ ବିଭିନ୍ନ କ୍ଷେତ୍ରର ଏବଂ ଆଞ୍ଚଳିକ ଅବଦାନକୁ ଅଧିକ ସ୍ପଷ୍ଟ ଭାବରେ ଦେଖିବା ଏବଂ ଏକ ଉନ୍ନତ ପଦ୍ଧତି ଗ୍ରହଣ ଆପଣାଇବାରେ ସହାୟକ ହୋଇଛି। ଉଦାହରଣ ସ୍ୱରୂପ, ଅଣ-ସଂଗଠିତ କ୍ଷେତ୍ର ଦ୍ୱାରା ସଂଯୋଗ ମୂଲ୍ୟ ଆକଳନ କରିବା ନିମନ୍ତେ ଯାହା ବ୍ୟାପକ ଭାବରେ ଅସଂଗଠିତ କ୍ଷେତ୍ରକୁ ମଧ୍ୟ କଭର କରେ।

ଗତ ଥରର ମୂଳ ସଂଶୋଧନ ପରଠାରୁ ମଧ୍ୟବର୍ତ୍ତୀ ସମୟରେ, କମ୍ପାନୀମାନଙ୍କ ନିମନ୍ତେ ପରିଚାଳନା ଏବଂ ପ୍ରଶାସନ ସମ୍ପର୍କିତ ସମସ୍ତ ତଥ୍ୟ (ଏମ.ଜି.ଟି-୭/୭ଏ) ଭଳି ଅନେକ ନୂତନ ତଥ୍ୟ ସେଟ୍ ଉପଲବ୍ଧ ହୋଇଛି ଯାହା ପ୍ରତି ବର୍ଷ ପାଇଁ ଉଦ୍ୟୋଗମାନଙ୍କ ଦ୍ୱାରା କରାଯାଇଥିବା ବ୍ୟବସାୟିକ କାର୍ଯ୍ୟକଳାପର ସଂଖ୍ୟା, ଏନ.ଆଇ.ସି ୨୦୦୮ ଅନୁସାରେ ଏବଂ ବ୍ୟବସାୟିକ କାର୍ଯ୍ୟକଳାପର ବର୍ଣ୍ଣନା ତଥା ପ୍ରତ୍ୟେକ ବ୍ୟବସାୟିକ କାର୍ଯ୍ୟକଳାପ (ଶିଳ୍ପ)ରୁ ଶତକଡ଼ା ଟର୍ଣ୍ଣଓଭର ସମ୍ପର୍କରେ ସୂଚନା ପ୍ରଦାନ କରେ। ତେଣୁ ପୁନଃସ୍ଥାପନ (ରି-ବେସିଂ) କରିବା ସମୟରେ, ବିବିଧ କାର୍ଯ୍ୟକଳାପ ଉଦ୍ୟୋଗ ନିମନ୍ତେ, ମୂଲ୍ୟ ସଂଯୋଗ ବର୍ତ୍ତମାନ ନୂତନ ଭାବରେ ଉପଲବ୍ଧ ଏମ.ଜି.ଟି.-୭ ତଥ୍ୟ ଉପରେ ଆଧାରିତ କାର୍ଯ୍ୟକଳାପ ମଧ୍ୟରେ ଆବଣ୍ଟିତ ହୋଇଛି ଯାହା ପୂର୍ବରୁ ସମ୍ପାଦନ କରାଯାଇଥିବା ଭଳି ସମ୍ପୂର୍ଣ୍ଣ ରୂପେ ପ୍ରମୁଖ କାର୍ଯ୍ୟକଳାପ ପାଇଁ ଉଦ୍ଦିଷ୍ଟ ନୁହେଁ। ଏଭଳି ପରିବର୍ତ୍ତନ ଆମକୁ ବିଭିନ୍ନ କ୍ଷେତ୍ରର ଅବଦାନକୁ ଅଧିକ ସଠିକ ଭାବରେ ଆକଳନ କରିବା ନିମନ୍ତେ ସୁଯୋଗ ପ୍ରଦାନ କରେ। ଏଥି ସହିତ ପ୍ରତ୍ୟେକ ବ୍ୟବସାୟିକ କାର୍ଯ୍ୟକଳାପ ଜାତୀୟ ଅର୍ଥନୀତିକୁ କିପରି ପ୍ରଭାବିତ ଅବା ସଞ୍ଚାଳନ କରେ ତାହାର ଏକ ସ୍ପଷ୍ଟ ଚିତ୍ର ଆମକୁ ପ୍ରଦାନ କରିଥାଏ।

ନୂତନ ଭାବରେ କମ୍ପାନୀ ସ୍ତରୀୟ ଡାଟା ଯେପରି ଆମମାନଙ୍କୁ ପ୍ରତି କ୍ଷେତ୍ରର ଅବଦାନକୁ ନିର୍ଦ୍ଦିଷ୍ଟ ଭାବରେ ଆକଳନ କରିବାରେ ସହାୟକ ହୋଇଥାଏ, ଠିକ୍ ସେହିଭଳି ନୂତନ ସିରିଜରେ ବସ୍ତୁ ଏବଂ ସେବା କର (ଜିଏସଟି) ତଥ୍ୟର ବର୍ଦ୍ଧିତ ବ୍ୟବହାର ଅନ୍ୟାନ୍ୟ ବିଷୟ ସହିତ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)ର କ୍ଷେତ୍ରୀୟ ଅବଦାନର ଏକ ସୂକ୍ଷ୍ମ, ଅଧିକ ସଠିକ ଦୃଷ୍ଟିକୋଣ ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ। ଅନୁରୂପ ଭାବେ, ଘରୋଇ କର୍ପୋରେଟ୍ କ୍ଷେତ୍ର ସମ୍ପର୍କିତ ଆଞ୍ଚଳିକ ଆବଣ୍ଟନକୁ ଅଧିକ ଉନ୍ନତ କରିବା ସହିତ ରାଜ୍ୟ ସ୍ତରରେ ବ୍ୟୟ ପାର୍ଶ୍ୱ ଆକଳନକୁ ଉତ୍ତମ ସଞ୍ଚାଳନ ମାଧ୍ୟମରେ ସାକାର କରିଥାଏ।

ଏ.ଏସ.ୟୁ.ଏସ.ଇ. ଏବଂ ପି.ଏଲ.ଏଫ.ଏସ. ଭଳି ସର୍ଭେର ବାର୍ଷିକ ସର୍ଭେ ତଥ୍ୟ ପୂର୍ବରୁ ଉପଲବ୍ଧ ନଥିଲା। ଏପରି ତଥ୍ୟ ବର୍ତ୍ତମାନ ଆମକୁ ପ୍ରତି ବର୍ଷ ଅଣ-ପଞ୍ଜୀକୃତ କ୍ଷେତ୍ର ଦ୍ୱାରା ମୂଲ୍ୟ ସଂଯୋଗ ପରି ପରୋକ୍ଷ ଭାବରେ ଅନ୍ୟ ସୂଚକରୁ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.)ରେ ଏହାର ଅବଦାନ ଅନୁମାନ କରିବାରେ ସହାୟକ ହୋଇପାରୁଛି। ଏହି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁଁ ଲକ୍ଷ ଲକ୍ଷ ଘରୋଇ ବ୍ୟବସାୟିକ ସଂସ୍ଥା, ଛୋଟ ଦୋକାନୀ ଏବଂ ଆତ୍ମନିଯୁକ୍ତ ଶ୍ରମିକମାନଙ୍କୁ ନେଇ ଗଠିତ ଏହି କ୍ଷେତ୍ର ଅର୍ଥନୀତିର ଏକ ବୃହତ୍ ଅଂଶ ଗଠନ କରେ ଏବଂ କର୍ମନିଯୁକ୍ତି ତଥା ଜୀବନଜୀବିକା ନିର୍ବାହରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମୂଳ ସଂଶୋଧନ କେବଳ ନୂତନ ତଥ୍ୟର ବ୍ୟବହାର ତୁଳନାରେ ଅଧିକ। ଏହି ପଦ୍ଧତିରେ ମଧ୍ୟ ଉନ୍ନତି ବିଷୟରେ ଏବଂ ଏହି ପରିପ୍ରେକ୍ଷୀରେ ନୂତନ ସାମଗ୍ରିକ ଘରୋଇ ଉତ୍ପାଦ (ଜି.ଡି.ପି.) ସିରିଜରେ ଅନେକ ନୀତିଗତ ଉନ୍ନତି ଲକ୍ଷ୍ୟ କରାଯାଇଛି।

ପୂର୍ବରୁ ମୂଲ୍ୟ ପରିବର୍ତ୍ତନ ନିମନ୍ତେ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି)କୁ ସଜାଡ଼ିବା ପାଇଁ ଏକ ବିସ୍ତୃତ ପଦ୍ଧତି – ଡବଲ ଡିଫ୍ଲେସନର ପ୍ରୟୋଗ କେବଳ କୃଷି କ୍ଷେତ୍ରରେ ହିଁ କାର୍ଯ୍ୟକାରୀ କରାଯାଉଥିଲା। କିନ୍ତୁ ନୂତନ ଭାବରେ ପ୍ରବର୍ତ୍ତିତ ୨୦୨୨-୨୩ ସିରିଜରେ ଡବଲ ଡିଫ୍ଲେସନକୁ ଉତ୍ପାଦନ କ୍ଷେତ୍ରକୁ ସମ୍ପ୍ରସାରିତ କରାଯାଇଛି ଯେଉଁଠାରେ ବର୍ତ୍ତମାନ ପର୍ଯ୍ୟାପ୍ତ ଡାଟା ଉପଲବ୍ଧ ହୋଇଛି ଏବଂ ଏକକ ଏକ୍ସଟ୍ରାପୋଲେସନ୍/ପରିମାଣ ଏକ୍ସଟ୍ରାପୋଲେସନକୁ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ମଧ୍ୟ ଉପଯୋଗ କରାଯାଉଛି। ଏହା ପଦ୍ଧତିଗତ ଆଭିମୁଖ୍ୟ ଆପଣାଯିବା ଫଳରେ ଆମମାନଙ୍କ ହାତରେ ଉପଲବ୍ଧ ଡାଟାର ସର୍ବଶ୍ରେଷ୍ଠ ଉପଯୋଗ କରାଯାଇ ପାରୁଛି ଏବଂ ଆକଳନକୁ ଅଧିକ ସଠିକ ଏବଂ ନିର୍ଭରଯୋଗ୍ୟ କରାଯାଇ ପାରୁଛି। ଡବଲ ଡିଫ୍ଲେସନ ସଦାବେଳେ ଅତିରିକ୍ତ ଡାଟା ଆଧାରିତ ହୋଇଥାଏ, କାରଣ ତାହା ଉଭୟ ଆଉଟପୁଟ ଏବଂ ଇନପୁଟ ସମ୍ପର୍କିତ ମୂଲ୍ୟ ଆବଶ୍ୟକ କରିଥାଏ। ଯେହେତୁ ସମୟ କ୍ରମେ, ଏହିସବୁ ଡାଟା ଅଧିକରୁ ଅଧିକ ମାତ୍ରାରେ ଉପଲବ୍ଧ ହେବାକୁ ବସିଲାଣି, ଆମେ ଏହାକୁ ଅଧିକରୁ ଅଧିକ କ୍ଷେତ୍ରରେ ସମ୍ପ୍ରସାରିତ କରି ଏହାର ପରିସରକୁ ବ୍ୟାପକ କରିବା ଉଚିତ।

ଏ ଦିଗରେ ଏକ ଉଲ୍ଲେଖନୀୟ ପଦ୍ଧତିଗତ ଉନ୍ନତି ହେଉଛି କେଉଁ କେଉଁ ସାମଗ୍ରୀ ଉତ୍ପାଦିତ ହେଉଛି ଏବଂ ଜନସାଧାରଣ ଓ ବ୍ୟବସାୟିକ ସଂସ୍ଥାମାନେ କେତେ ବ୍ୟୟ କରୁଛନ୍ତି, ସେଥି ମଧ୍ୟରେ ଅର୍ଥନୈତିକ ଆକଳନର ସମନ୍ୱୟ ରହିବା ଉଚିତ। ଏହି ଦୁଇଟି କାର୍ଯ୍ୟ ମଧ୍ୟରେ ସାଧାରଣତଃ ତାଳମେଳ ରହି ନଥାଏ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହା ଏକ ସାଧାରଣ ଘଟଣା, ବିଶେଷ କରି ତ୍ରୈମାସିକ ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ଆକଳନ ବେଳେ ଏହା ଅନୁଭୂତ ହୋଇଥାଏ। ଏହି ସମସ୍ୟାର ସମାଧାନ ନିମନ୍ତେ, ନୂତନ ଶୃଙ୍ଖଳାରେ 'ଯୋଗାଣ ଏବଂ ବ୍ୟବହାର ସାରଣୀ'ର ଢାଞ୍ଚା ବ୍ୟବହାର କରାଯାଉଛି। ଏଥିରୁ ତାହା ନିଶ୍ଚିତ ହୁଏ ଯେ ପ୍ରାରମ୍ଭିକ ଆକଳନରେ ଥିବା ବୈଷମ୍ୟ ସୀମିତ ରହିବ ଏବଂ ଚୂଡ଼ାନ୍ତ ଆକଳନ ସମୟରେ ସମ୍ପୂର୍ଣ୍ଣ ତଥ୍ୟ ଉପଲବ୍ଧ ହେବା ସହିତ ତାହାକୁ ସହଜରେ ଦୂର କରାଯାଇପାରିବ। ଅପଡେଟ୍ ହୋଇଥିବା ସାମଗ୍ରିକ ଘରୋଇ ଉତ୍ପାଦ (ଜିଡିପି) ଅର୍ଥନୀତିକୁ ଏକ ତୀକ୍ଷ୍ଣ ଦୃଷ୍ଟିକୋଣରୁ ଦେଖିବା ଭଳି କାର୍ଯ୍ୟ। ପ୍ରତ୍ୟେକ ଆର୍ଥିକ କାର୍ଯ୍ୟକଳାପ, ତାହା ବଡ଼ ଅବା ଛୋଟ ହୋଇଥାଏ ସ୍ପଷ୍ଟ ଦୃଷ୍ଟିକୋଣରୁ ହିଁ ତାହା ଆସିଥାଏ। ଦେଶର ଅଭିବୃଦ୍ଧିରେ ଏହାର ଅବଦାନକୁ ସଠିକ ଭାବରେ ପ୍ରକାଶ କରିଥାଏ। ଉନ୍ନତ ତଥ୍ୟ ବ୍ୟବହାର କରି, ବିଶୁଦ୍ଧ ପଦ୍ଧତି ଅବଲମ୍ବନ କରାଯାଇ ଏବଂ ଅନ୍ତରାଷ୍ଟ୍ରୀୟ ସର୍ବୋତ୍ତମ ଅଭ୍ୟାସ ପଦ୍ଧତି ଆପଣାଇ, ମନ୍ତ୍ରଣାଳୟ ଅର୍ଥନୀତିକୁ ଏଭଳି ସ୍ପଷ୍ଟ ଦୃଷ୍ଟିକୋଣକୁ ଆଣିବାକୁ ସକ୍ଷମ ହୋଇଛି। ଦେଶର ନାଗରିକମାନଙ୍କ ନିମନ୍ତେ ଏହାର ଅର୍ଥ ହେଉଛି ସରକାରୀ ନୀତି ଏବଂ ସାର୍ବଜନୀନ ସେବାଗୁଡ଼ିକ ଅର୍ଥନୀତିରେ କିଭଳି ଭାବରେ କାର୍ଯ୍ୟ କରିଥାଆନ୍ତି, ତାହା ନିର୍ଭୁଲ ବୁଝାମଣା ଦ୍ୱାରା ପରିଚାଳିତ ହୋଇଥାଏ। ଏହା ଅଭିବୃଦ୍ଧିକୁ କେବଳ ନଥିପତ୍ରରେ ନୁହେଁ, ନିତିଦିନିଆ ଜୀବନରେ ମଧ୍ୟ ଅନୁଭବ କରିବାକୁ ବାଧ୍ୟ କରେ।

25001/265/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, NAYAGARH
E-Mail:- nayagarhrw2@yahoo.in

"e" Procurement Notice for Road works
Identification No. Online Tender / 11 / RWD – II / 2025-26

1. Name of the work : Road works.
2. Total Number of works : 10 Nos
3. Approx. Estimated cost : Rs. 1.98 lakh to Rs. 13.62 lakhs
4. Class of Contractor : D & C Class of Contractor
5. Period of Completion : 1 month
6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II, Nayagarh | Online Tender / 11 / RWD-II/ 2025-26 | Dt. 26.02.2026 at 11.00 A.M. | Dt. 05.03.2026 upto 5.00 P.M. | Dt. 02.03.2026 upto 5.00 P.M | Dt. 05.03.2026 at 5.30 P.M. |

Further details can be seen from the website www.tendersodisha.gov.in

Sd/- Superintending Engineer
R.W. Division-II, Nayagarh
OIPR : 25001/25144/1/25-26/0029

ପୌରପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
OFFICE OF THE MUNICIPAL COUNCIL PARALAKHEMUNDI, GAJAPATI
Ph No: 06815-222052, e-Mail: parala.mply@gmail.com
'e'-Procurement Notice
Bid Identification No. 06 / PKDM – 2025-26
Letter No. Date.
13001/399/2526

| | | |
|---|---|---|
| 1 | Nature of the work | 39 (Thirty Nine) Nos Civil construction Works |
| 2 | Estimated Cost | Varies from Rs. 1.15 Lakhs to Rs. 16.60 Lakhs |
| 3 | Period of completion | One to Three calendar months. |
| 4 | Date and time of availability of bid documents in the portal | From 27.02.2026 at 10.00 A.M. to 12.03.2026 at 5.00 P.M. |
| 5 | Last date / Time for receipt of bids in the portal | 12.03.2026 at 5.00 P.M. |
| 6 | Date and time of opening of bid | 13.03.2026 at 11.00 A.M. |
| 7 | Name and address of the officer Inviting Bid | Executive Officer, Paralakhemundi Municipality. |

Further details can be seen from the e-procurement portal "https://tendersorissa.gov.in"

Sd/- Executive Officer
Paralakhemundi Municipality
OIPR : 13001/13145/1/25-26/0003





# ଆଜି ବିଭିନ୍ନ ସ୍ଥାନକୁ ଭୋଗ ଖାଇବାକୁ ଯିବେ ମହାପ୍ରଭୁ ଶ୍ରୀଲିଙ୍ଗରାଜ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଗୁରୁବାର ପବିତ୍ର ଫଗୁ ଦଶମୀ ଅବସରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଫଗୁ ଲାଗି କରାଯାଇଛି ଏବଂ ଆରମ୍ଭ ହୋଇଛି ଶ୍ରୀଲିଙ୍ଗରାଜଙ୍କ ଭୋଗଖିଆ ପର୍ବ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ମହାପ୍ରଭୁ ଶ୍ରୀଲିଙ୍ଗରାଜ ବିଭିନ୍ନ ମନ୍ଦିର ଓ ସାହି ବୁଲି ଭୋଗ ଖାଇବେ। ଦୋଳବିମାନରେ ପ୍ରଭୁ ପରିଭ୍ରମଣ କରିବା ଅବସରରେ ସବୁଠି ଫଗୁ ଲାଗି କରାଯାଉଛି। ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମୋକ୍ଷ ପରେ ମହାପ୍ରଭୁ ରାତି ୮ଟାରେ ଦୋଳମଣ୍ଡପକୁ ବିଜେ କରିବେ ଓ ରାତି ୧୨ଟା ସୁଦ୍ଧା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏଥିପାଇଁ ଦୋଳମଣ୍ଡପକୁ ରଙ୍ଗ କରାଯିବା ସହ ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ଠାକୁରଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ସମୟରେ ବଚନିକାରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶଗ୍ରହଣ କରିବେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି ବୋଲି ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି।

ଫଗୁ ଦଶମୀ ଅବସରରେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କୁ ଫଗୁ ଲାଗି କରାଯିବା ସହ ମନ୍ଦିରରେ ପୂଜା ପାଉଥିବା ସମସ୍ତ ଦେବାଦେବୀଙ୍କୁ ମଧ ଫଗୁ ଲାଗି କରାଯାଇଛି। ଶୁକ୍ରବାରଠାରୁ ଶ୍ରୀଲିଙ୍ଗରାଜ ମହାପ୍ରଭୁ ମା' ପାର୍ବତୀ, ମା' ଦୁର୍ଗା, ଶ୍ରୀବସୁଦେବଙ୍କ ସଙ୍ଗେ ବିଭିନ୍ନ ସ୍ଥାନକୁ ଭୋଗ ଖାଇବାକୁ ଯିବେ। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ଭଣ୍ଡାର ଘରୁ ଅଣାଯାଇ ପାଲିଙ୍କି ଓ ବିମାନରେ ଦେବାଦେବୀଙ୍କୁ ବିରାଜମାନ କରାଯାଇ ବିଭିନ୍ନ ସ୍ଥାନରେ ଫଗୁ ଲାଗି କରାଯିବ। ଶୁକ୍ରବାର ଏକାଦଶୀ ତିଥିରେ ଶ୍ରୀଲିଙ୍ଗରାଜ ତାଙ୍କ ଭଉଣୀଘର ବଢ଼େଇବାଙ୍କ ନିକଟ ବଡ଼ମଠରେ ପୂଜା ପାଉଥିବା ମା' କାମାକ୍ଷା ଠାକୁରାଣୀଙ୍କ ପାଖକୁ ଯିବେ। ଶନିବାର ଦ୍ୱାଦଶୀ ତିଥିରେ ଦେବାଦେବୀ ତିନିମୁଣ୍ଡିଆ ଛକ ନିକଟ କପାଳୀ ଠାକୁରାଣୀଙ୍କ ପାଖକୁ ଯିବେ। ରବିବାର ତ୍ରୟୋଦଶୀ ତିଥିରେ ପରକରଣସାହି, ଜମ୍ୱେଶ୍ୱର ମନ୍ଦିର ନିକଟକୁ ଯିବେ। ସେହିପରି ସୋମବାର ଚତୁର୍ଦ୍ଦଶୀ ତିଥିରେ ବାଟ କୂଅ ମୁହଁ ବଡୁସାହିକୁ ଭୋଗ ଖାଇବାକୁ ଯିବେ। ବାଟରେ ମହାଖଳା ନିକଟରେ ଅଗ୍ନି ଉତ୍ସବ ଅନୁଷ୍ଠିତ ହେବ। ମଙ୍ଗଳବାର ଦୋଳ ପୂର୍ଣ୍ଣିମା ତିଥିରେ ରଥଖଳାଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ସର୍ବସାଧାରଣଙ୍କ ଭୋଗ ଖାଇବେ। ସେଠାରେ ମହାପ୍ରଭୁ ଦୋଳିରେ ଝୁଲୁଥିବା ବେଳେ ଭକ୍ତମାନେ ଫଗୁ ଲାଗି କରିବେ।

# ଉନ୍ନତମାନର ଧାନ ମଣ୍ଡିରେ ଦିଅନ୍ତୁ, ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ: ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁରଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାରେ ଧାନ ମଣ୍ଡି ଖୋଲିବା ତଥା ଧାନ କିଣା ବିଷୟରେ ସମୀକ୍ଷା କରିଥିଲେ। ଧାନର ଏଫ୍‌ଏକ୍ୟୁମାନ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇମାନେ ଉନ୍ନତମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ ବୋଲି ସେ ଯୋଗାଣ ଅଧିକାରୀଙ୍କୁ କହିଥିଲେ।

ମନ୍ତ୍ରୀ କହିଥିଲେ ଚଳିତ ବର୍ଷ କଟନି ଛଟନି ପାଇଁ କୌଣସି ସହନଶୀଳତା ନାହିଁ। ଧାନ ସଂଗ୍ରହ ବେଳେ ମିଲରମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାରେ ମିଲର ଅଭାବରୁ ଧାନ କିଣା ମନ୍ଥର ହୋଇଥିବାରୁ ବାହାର ଜିଲ୍ଲାରୁ ତ୍ୱରିତ ମିଲର ଯୋଗାଇଦେବାକୁ ନିର୍ଭର ପ୍ରତିଶୃତି ଦେଇଥିଲେ। ଏଥିସହିତ ଜିଲ୍ଲାର ଯୁବ ଉଦ୍ୟୋଗୀମାନଙ୍କୁ ମଧ ମିଲର ହେବାପାଇଁ ଉପଦେଶ ଦେଇଥିଲେ। ମଡେଲ ମଣ୍ଡିର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଗତ ୨୦ ମାସ ମଧରେ କୃଷକ ବନ୍ଧୁମାନେ ଖୁସି ଅଛନ୍ତି ତଥା କୌଣସି ଚାଷୀ ଆତ୍ମହତ୍ୟାର ଉଦାହରଣ ନାହିଁ। ଏହାଛଡା ଜିଲ୍ଲା ରେ ମନୋନୀତ ମିଲରମାନଙ୍କୁ ସେମାନଙ୍କ ଜଣାଶୁଣା ରେଥିବା ଅନ୍ୟ ମିଲରମାନଙ୍କୁ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ।

ରାଜ୍ୟରେ ଧାନମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମ ସ୍ଥଳୀ, ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସେବା ଇତ୍ୟାଦି ସୁବ୍ୟବସ୍ଥିତ ଭାବରେ କରିବା ପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ଜିଲ୍ଲାପାଳ ତଥା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଯୋଗଦେଇ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ, ଚାଷୀମାନଙ୍କ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ସର୍ବଦା ତତ୍ପର ରହିଛି। ଏଥିସହିତ ବିଭାଗୀୟ ଅଧିକାରୀମାନଙ୍କୁ ସମ୍ବେଦନଶୀଳ ହେବାପାଇଁ ସେ ଉପଦେଶ ଦେଇଥିଲେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାରେ ଖୋଲା ଯାଇଥିବା ମଣ୍ଡି ସମ୍ପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ୨୦୨୫-୨୬ ଖରିଫ୍ ଋତୁ ପାଇଁ ମୋଟ୍ ୪୯୬୮୫ କୃଷକ ପଞ୍ଜୀକୃତ କରିଛନ୍ତି। ଗତକାଲି ସୁଦ୍ଧା ଜିଲ୍ଲାରେ ସର୍ବମୋଟ୍ ୧୧୩ଟି ମଣ୍ଡିରେ ୨୦ ଜଣ ମିଲର୍ ଅଂଶ ଗ୍ରହଣ କରି ୬,୩୯,୩୨୨.୧୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଛନ୍ତି। ୧୬,୫୦୨ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି ଓ ସେମାନଙ୍କ ମଧ୍ୟରୁ ୧୪,୪୫୯ ଜଣ ସରକାରଙ୍କ ନିର୍ଦ୍ଧାରିତ ଏମଏସପି ମୂଲ୍ୟ ପ୍ରାପ୍ତ କରିସାରିଛନ୍ତି। ଗତବର୍ଷ ଜିଲ୍ଲାରେ ୧୭,୧୪,୯୦୩.୦୨ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୧୮ରୁ ୧୯ ଲକ୍ଷ ଧାନ ସଂଗ୍ରହ ପାଇଁ ଟାର୍ଗେଟ ପ୍ରାପ୍ତ ପାଇଁ ପ୍ରଚେଷ୍ଟା କରାଯାଉଛି।

# ରାଜନଗର ଚାଷୀ ମୃତ୍ୟୁ ନେଇ ସରକାରଙ୍କୁ ଘେରିଲା ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଧାନ କିଣାରେ ଅବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ଗର୍ଜିଲା ବିଜେଡି। ଧାନ ସଂଗ୍ରହ ବ୍ୟବସ୍ଥା ରାଜ୍ୟରେ ଭୁଶୁଡ଼ି ପଡିଥିବା ବେଳେ ଗୁରୁବାର ରାଜନଗର ଅଞ୍ଚଳରେ ଜଣେ ଚାଷୀ ମୃତ୍ୟୁବରଣ କରିଥିବା ଅଭିଯୋଗ ଆଣିଛି ଦଳ। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ସମୟରେ ମିଥ୍ୟା ତଥ୍ୟ ଦେଉଥିବାରୁ ଚାଷୀଙ୍କ ମୃତ୍ୟୁ ପାଇଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି। ଏନେଇ ଶଙ୍ଖ ଭବନରେ ସାମ୍ବାଦିକ ସମ୍ମିଳନୀ କରି ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ମୁଖପାତ୍ର ତଥା ଗଣମାଧମ ସଂଯୋଜକ ଡ. ଲେନିନ ମହାନ୍ତି ଧାନ ସଂଗ୍ରହ କ୍ଷେତ୍ରରେ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଗୋଟି ଗୋଟି କରି ବଖାଣିଛନ୍ତି। ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି,'ରାଜ୍ୟ ବିଜେପି ସରକାରଙ୍କର ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଛି। ବିଜେପି ସରକାର କେବଳ ନିଜ ପିଠି ନିଜେ ଥାପୁଡ଼େଉବାରେ ବ୍ୟସ୍ତ ଅଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଧାନ ସଂଗ୍ରହ ବ୍ୟବସ୍ଥା ବିଫଳତା କାରଣରୁ ଆଜି ରାଜ୍ୟର ଜଣେ ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି। ଜାନୁଆରି ୧୬ ତାରିଖରେ ସେ ଟୋକନ ପାଇଥିଲେ। କଟନୀ ଛଟନୀରେ ତାର ପ୍ରତି କୁଇଣ୍ଟାଲ ୬ କିଗ୍ରା କଟା ଯାଇଛି। ଏହା ଛଡା ଧାନ ବିକ୍ରି କରିବା ପାଇଁ ମୃତ ତ୍ରିଲୋଚନ ନାୟକ ପ୍ରତ୍ୟେକ ସ୍ତରରେ ହତାଶ ହେବାକୁ ପଡିଥିଲା ବୋଲି ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ତାଙ୍କୁ ରାମଚଣ୍ଡୀ ମିଲରେ ଧାନ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଧାନ ହସ୍ତାନ୍ତର ପାଇଁ ତିନି ଦିନ କାଳ ତାଙ୍କୁ ସେଠାରେ ଜଗି ରହିବାକୁ ପଡିଥିଲା।' ସେ ଆହୁରି ମଧ କହିଛନ୍ତି,'ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏକ ଭିଡିଓ ବାର୍ତ୍ତାରେ ଧାନ କିଣା ରାଜ୍ୟରେ ସୁରୁଖୁରୁରେ ଚାଲିଛି ବୋଲି କହିଛନ୍ତି, ଯାହା ଡାହା ମିଛ। ରାଜନଗର ଅଞ୍ଚଳର ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ଏହି ମିଛ ଧରା ପକାଇ ଦେଇଛି। ଏହା ଛଡା ବିଧାନସଭାରେ ଗତ ମଙ୍ଗଳବାର ମନ୍ତ୍ରୀ ରାଜ୍ୟରେ ଏବେ ସୁଦ୍ଧା ୬୪.୧୦ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଥିଲେ। କିନ୍ତୁ ତାପରେ ଏକ ଭିଡିଓ ବାର୍ତ୍ତାରେ ୬୩.୬୫ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯାଇଛି ବୋଲି କହିଛନ୍ତି। ଦୁଇ ଦିନରେ ଦୁଇଟି ଅଲଗା ତଥ୍ୟ ଦେଇଥିବାରୁ ମନ୍ତ୍ରୀ କେବଳ ଡାହା ମିଛ କହୁଛନ୍ତି ବୋଲି ପ୍ରମାଣିତ ହେଉଛି।'

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଦ୍ୱାରା ବାର୍ଷିକ "ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ" ସମ୍ମେଳନ ଆୟୋଜିତ



**ଦାନଗଦି, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ଙ୍କ ଦ୍ୱାରା ଦାନଗଦି ଠାରେ "ଷ୍ଟେନଲେସ୍ ସ୍ୱଚ୍ଛତା ଅଭିଯାନ"ପ୍ରକଳ୍ପର ବାର୍ଷିକ ସମ୍ମେଳନ ବହୁତ ଉତ୍ସାହ ଓ ଉଦ୍ଦୀପନା ସହିତ ଆୟୋଜିତ ହୋଇଯାଇଛି। "ମୋ ଗାଁ, ସ୍ୱଚ୍ଛ ଗାଁ" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି, ଧୁଳିଗଡ଼ ଓ ମାନପୁର ଗ୍ରାମର ପ୍ରାୟ ୨୦୦ ଜଣ ମହିଳା ସଦସ୍ୟାଙ୍କ ସହ ସ୍କୁଲ୍ ଛାତ୍ରଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦାନଗଦି ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଓ ଜିନ୍ଦଲ ଷ୍ଟେନଲେସର ଯାଜପୁର କାରଖାନା ମୁଖ୍ୟ ଦୀପକ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ପାରମ୍ପରିକ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା।

ଦୀପକ ଅଗ୍ରୱାଲ ତାଙ୍କ ଉଦବୋଧନରେ ମହିଳା ସଦସ୍ୟାମାନଙ୍କୁ ପରିବେଶକୁ ସ୍ୱଚ୍ଛ ଓ ଆବର୍ଜନାମୁକ୍ତ ରଖିବାକୁ ଆହ୍ୱାନ କରିଥିଲେ, ଯାହା ରୋଗ ପ୍ରକୋପକୁ ରୋକିବାରେ ସହାୟକ ହେବ। ସେ ଏହି ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ଉପରେ ସନ୍ତୋଷ ବ୍ୟକ୍ତ କରି ପ୍ରକଳ୍ପରେ ଗୋଷ୍ଠୀ ସମୁଦାୟର ସଂଯୁକ୍ତ ପ୍ରୟାସକୁ ପ୍ରଶଂସା କରିଥିଲେ। ପ୍ରଦୀପ କୁମାର ସେଠୀ ତାଙ୍କ ଅଭିଭାଷଣରେ କଲେରା ପରି ସ୍ୱଚ୍ଛତା-ସମ୍ବନ୍ଧୀୟ ରୋଗ ଗୁଡିକର ପ୍ରତିରୋଧ ପାଇଁ ଗ୍ରାମ୍ୟ ସ୍ତରରେ ବର୍ଜ୍ୟବସ୍ତୁ ପରିଚାଳନାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିବା ସହିତ ଗ୍ରାମ୍ୟ ମହିଳା ମାନଙ୍କର ସହ ଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗ୍ରାମୀଣ ଗୋଷ୍ଠୀ ସମୁଦାୟଙ୍କ ମଙ୍ଗଳ ପାଇଁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ଙ୍କ ପ୍ରଶଂସନୀୟ ପଦକ୍ଷେପକୁ ସେ ସ୍ୱାଗତ କରିଥିଲେ। ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ଆୟୋଜିତ ଚର୍ଚ୍ଚା ଆଲୋଚନାରେ ଜିଲ୍ଲା ସ୍ୱଚ୍ଛତା ସମନ୍ୱୟକାରୀ ମାନସ ରଞ୍ଜନ ସାହାଣୀ, ଦାନଗଦି ବ୍ଲକ ରିସୋର୍ସ କୋଅର୍ଡିନେଟର୍ ଦୀପ୍ତିମନ୍ତ ମଲ୍ଲିକ୍, ସିଏସଆର ମୁଖ୍ୟ ସୁକାନ୍ତ କୁମାର ରଥ ଓ ପରିବେଶ ମୁଖ୍ୟ ଶ୍ରୀମତୀ ମୈତ୍ରେୟୀ ଦେବ ଅଂଶଗ୍ରହଣ କରିଥିଲେ। ସେମାନେ ଗ୍ରାମାଞ୍ଚଳରେ ବର୍ଜ୍ୟବସ୍ତୁ ସଫଳ ପରିଚାଳନା ରେ ସ୍ୱୟଂସହାୟକ ଗୋଷ୍ଠୀ ମହିଳାଙ୍କ ମୂଳ ଭୂମିକା। ସରକାର ଓ ଜେଏସ୍‌ଏଲ୍ ମଧରେ ଦୃଢ଼ ଭାଗିଦାରିର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଦୀର୍ଘକାଳୀନ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱକୁ ମଧ ଉଲ୍ଲେଖ କରାଯାଇଥିଲା। ଏହି ଅବସରରେ ସିଏସଆର ମୁଖ୍ୟ ସୁକାନ୍ତ କୁମାର ରଥ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନଙ୍କ ଦ୍ୱାରା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ସଂଶ୍ଳିଷ୍ଟ କରାଇ ଶୋଲେଇ ଗ୍ରାମରେ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସଫଳତାର ସହିତ ଆରମ୍ଭ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ।

ଏହି ଅବସରରେ ଶୋଲେଇ ଗ୍ରାମ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ଶ୍ରୀମତୀ ସୀମା ରାଣୀ ଲେଙ୍କା ସୋଲେଇ ଗ୍ରାମକୁ ସ୍ୱଚ୍ଛ ଓ ସବୁଜ ଗ୍ରାମରେ ପରିଣତ କରିବାରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଭୂମିକା ବିଷୟରେ ଏକ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। ଏହାସହ ଶ୍ରୀମତୀ ସସ୍ମିତାବାଳା ସାମଲ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ସଫଳ ଭାବେ କରାଯାଉଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ଅନ୍ୟ ଏକ ଅନୁଭବ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନଙ୍କ ଦ୍ୱାରା ଗ୍ରାମୀଣ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧିତ ଏକ ନାଟିକା ପ୍ରଦର୍ଶିତ ହୋଇଥିଲା। ଶୋଲେଇ ଏବଂ ସିଙ୍ଗାଗଡ଼ିଆ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଶିଷ୍ଟ ଅତିଥିମାନଙ୍କୁ ଉପଢୌକନ ସହ ସମ୍ମାନିତ କରାଯାଇଥିଲାବେଳେ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୋଲେଇ ଗ୍ରାମରେ ସ୍ୱଚ୍ଛ ସାଥୀ ଭାବେ କାମ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।

ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ ନାୟକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହିତ ବିଗତ ତିନି ବର୍ଷରେ କରାଯାଇଥିବା ପ୍ରକଳ୍ପର ବିଭିନ୍ନ ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସହ ପ୍ରବନ୍ଧକ ରାମେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସ୍ୱେଚ୍ଛାସେବି ସଂସ୍ଥାରର ଶ୍ରୀମତୀ ସୁସ୍ମିତା ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମ୍ପାନୀର ପ୍ରଶାସନ, କର୍ପୋରେଟ୍ କମ୍ୟୁନିକେଶନ୍, ପରିବେଶ ଓ ମାନବ ସମ୍ବଳ ବିଭାଗର କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ପୁନଃଚକ୍ରାୟନ ହୋଇଥିବା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ଉଲ୍ଲେଖନୀୟ ଯେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏହାର ସିଏସଆର ବିଭାଗ ମାଧମରେ ଦାନଗଦି ପଞ୍ଚାୟତ ସମିତି ଅଧିନସ୍ଥ ସୋଲେଇ, ସିଙ୍ଗାଗଡ଼ିଆ, ଦାନଗଦି ଗ୍ରାମ ଏବଂ ଦାନଗଦି ବଜାରରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରି ଆସୁଅଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଜ୍ଞପ୍ତି ଜାରି ...

ସାମଲ କହିଛନ୍ତି ଖୁବ୍‌ଶୀଘ୍ର ରାଜ୍ୟସଭା ପ୍ରାର୍ଥୀ ସମ୍ପର୍କରେ ଘୋଷଣା କରାଯିବ। କେନ୍ଦ୍ରୀୟ ପାର୍ଲିଆମେଟାରୀ ବୋର୍ଡ ଏହା ଉପରେ ଖୁବଶୀଘ୍ର ନିଷ୍ପତ୍ତି ନେବ। କୋର୍ କମିଟି ବୈଠକ ପରେ ନାଁ ଗୁଡ଼ିକ ପାର୍ଲିଆମେଣ୍ଟାରୀ ବୋର୍ଡ ନିକଟକୁ ପଠାଯାଇଛି ବୋଲି ସେ କହିଛନ୍ତି।

## ଅଯୋଧ୍ୟା, ବେଙ୍ଗାଲୁରୁ ...

କୋଲକତା, ଚେନ୍ନାଇ ଓ ମୁମ୍ବାଇରେ ଓଡିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି। ଏହି ସବୁ ଭବନ ଓ ସଦନ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ପୁଣି କହିଥିଲେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରୀ କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍, ଓଡିଶା ସରକାରଙ୍କ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ପୂର୍ବ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## କାନାଡା ପ୍ରଧାନମନ୍ତ୍ରୀଙ୍କ ...

ବିଭିନ୍ନ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ତଥା ଭାରତୀୟ ଏବଂ କାନାଡାର ସିଇଓ, ଉଦ୍ୟୋଗ ଏବଂ ଆର୍ଥିକ ବିଶେଷଜ୍ଞ, ନବସୃଜନକାରୀ, ଶିକ୍ଷାବିତ୍‌ଙ୍କ ସହ ଭାରତରେ ଅବସ୍ଥିତ କାନାଡିଆନ୍ ପେନସନ୍ ପାଣ୍ଠି ସହିତ ଆଲୋଚନା କରିବେ।

## ସାରା ଦେଶରେ...

ପରିସର ଭିତରେ ଭିଡ଼କୁ ରୋକିବା ପାଇଁ ଡିଜାଇନ୍ କରାଯାଉଛି। ଏସବୁ କାମକୁ ଧାର୍ଯ୍ୟ ସମୟସୀମା ମଧରେ ସମାପ୍ତ କରିବା ଏବଂ କାର୍ଯ୍ୟର କଡ଼ା ତଦାରଖ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ପଦକ୍ଷେପଗୁଡ଼ିକ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ସମନ୍ୱିତ ଯାହା ଅଧୀନରେ ରେଳ ଷ୍ଟେସନଗୁଡ଼ିକୁ ଦକ୍ଷ ଯାତ୍ରୀ ପରିଚାଳନା ପ୍ରଣାଳୀ ଏବଂ ଉନ୍ନତ ଭିତ୍ତିଭୂମି ସହିତ ଆଧୁନିକ, ସୁଚିନ୍ତିତ ପରିବହନ କେନ୍ଦ୍ର ଭାବରେ ବିକଶିତ କରାଯାଉଛି।

## ଘୋଡ଼ାନାଚ କଳାକାର...

ପରେ ଦିନ ୨ଟାରେ ପାନ ଦୋକାନ ଖୋଲୁଥିଲେ। ସେଥିରୁ ଯାହା ମିଳୁଥିଲା, କିଛି ଘୋଡ଼ାନାଚ ଶିଖିବାରେ ଖର୍ଚ୍ଚ କରୁଥିଲେ। ପଢ଼ାପରେ ଚାକିରିର ସୁଯୋଗ ଆସିଥିଲେ ବି ଘୋଡ଼ାନାଚ ପାଇଁ ଏହାକୁ ପାଦରେ ଆଡ଼େଇ ଦେଇଥିଲେ। ଘୋଡ଼ାନାଚ ଶିଖାଇବା ସହ ବିଭିନ୍ନ ଜିଲ୍ଲା ତଥା ରାଜ୍ୟ ବାହାରେ, ଯେଉଁଠି ବି ଘୋଡ଼ାନାଚ ପ୍ରଦର୍ଶନ କରିବାର ସୁଯୋଗ ମିଳୁଥିଲା, ସେଠିକୁ ଚାଲିଯାଉଥିଲେ। ସ୍ୱାସ୍ଥ୍ୟ ସଚେତନତା ହେଉ କି ଅନ୍ୟାନ୍ୟ ଉପାଦେୟ କଥାବସ୍ତୁ, ସବୁବେଳେ ଘୋଡ଼ାନାଚ ଜରିଆରେ ଜନସଚେତନତା ସୃଷ୍ଟି କରିବାର ସଦିଚ୍ଛା ରଖୁଥିଲେ। ଘୋଡାନାଚ କଳାକାର ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଭୀର ଦୁଃଖପ୍ରକାଶ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ଡ. ଦାସଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ ଲେଖିଛନ୍ତି ଯେ, ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଘୋଡ଼ାନାଚ କଳାକାର ଉତ୍ସବ ଚରଣ ଦାସଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ସମୃଦ୍ଧ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ।

ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ପଦ୍ମଶ୍ରୀ ଗୁରୁ ଉଚ୍ଛବ ଚରଣ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ବିଶିଷ୍ଟ ଲୋକ ନୃତ୍ୟଶିଳ୍ପୀ ତଥା ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଗୁରୁ ଉଚ୍ଛବ ଚରଣ ଦାସଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଓଡ଼ିଶାର ଲୋକନୃତ୍ୟ 'ଘୋଡ଼ା ନାଚ'କୁ ସମୃଦ୍ଧ କରିବା ସହ ଏହାର ପ୍ରସାରରେ ତାଙ୍କର ସମର୍ପିତ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

## ଓଡ଼ିଶା ସୂଚନା...

ପ୍ରତ୍ୟେକ ପ୍ରାର୍ଥୀଙ୍କ ସାକ୍ଷାତକାର ମାର୍କ ସାର୍ବଜନୀନ କରିବା ପାଇଁ ଓଡ଼ିଶା ଲୋକସେବା କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି। ସଫଳ ଏବଂ ବିଫଳ ପ୍ରାର୍ଥୀମାନଙ୍କୁ ଦକ୍ଷତା ପରୀକ୍ଷା ଏବଂ କମ୍ପ୍ୟୁଟର ପରୀକ୍ଷା ମାର୍କ ପ୍ରଦାନ କରିବାକୁ ଓଡ଼ିଶା କର୍ମଚାରୀ ଚୟନ କମିଶନକୁ ନିର୍ଦ୍ଦେଶ ଦିଆଯାଇଛି। ଅନେକ କ୍ଷେତ୍ରରେ ଜନସୂଚନା ଅଧିକାରୀମାନେ ସୂଚନା ଉପଲବ୍ଧ ନ ଥିବା ଦର୍ଶାଇ ଆବେଦନକାରୀଙ୍କୁ ସୂଚନା ଦେବାରୁ ବଞ୍ଚିତ କରୁଥିଲେ। କମିଶନ ଏହାକୁ ଗମ୍ଭୀର ଭାବରେ ବିଚାର କରି ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିଛନ୍ତି ଏବଂ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇ ଦୋଷୀମାନଙ୍କୁ ଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

କିଛି ଅଭ୍ୟାସଗତ ଆବେଦନକାରୀ ନକଲି ବିପିଏଲ୍ କାର୍ଡ ବ୍ୟବହାର କରି ସରକାରଙ୍କଠାରୁ ମାଗଣାରେ ସୂଚନା ଦାବି କରୁଥିଲେ ତଥା ଶହ ଶହ ଆବେଦନ ଦାଖଲ କରି ସରକାରଙ୍କୁ ହଇରାଣ କରୁଥିଲେ। କମିଶନ ଏପରି ମାମଲାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ମାମଲାରେ ଯେଉଁଠାରେ ବଲାଙ୍ଗୀରର ଜଣେ ବ୍ୟକ୍ତି ସୂଚନା ଅଧିକାର ଆବେଦନ ପ୍ରତ୍ୟାହାର କରିବା ପାଇଁ ପିଆଇଓଙ୍କଠାରୁ ଲାଞ୍ଚ ମାଗୁଥିବାର ଜଣାପଡ଼ିଥିଲା, ତାହାକୁ ତଦନ୍ତ ପାଇଁ ପୋଲିସକୁ ପଠାଯାଇଛି। ସୂଚନା ଯୋଗାଣରେ ଅହେତୁକ ବିଳମ୍ବ ପାଇଁ କମିଶନ ଦୋଷୀ ଅଧିକାରୀମାନଙ୍କ ଉପରେ ୧,୪୭,୭୬,୨୫୦/- ଟଙ୍କା ଜରିମାନା ଲଗାଇଛନ୍ତି। ଏକ ସାମ୍ପ୍ରତିକ ମାମଲାରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡା ସୂଚନା ଅଧିକାର ଆଇନ ଉଲ୍ଲଂଘନ ପାଇଁ ଗଞ୍ଜାମ ଜିଲ୍ଲାର ପୋଲିସ ଅଧିକାରୀଙ୍କ ଉପରେ ୨୫,୦୦୦/- ଟଙ୍କା ଜରିମାନା ଲଗାଇଛନ୍ତି। ସମାନ ବିଷୟ ଉପରେ ଏକାଧିକ ଆବେଦନ ମାଧମରେ ଦାଖଲ ହେଉଥିବା ଆରଟିଆଇ ଆବେଦନଗୁଡ଼ିକୁ ତନଖି କରିବା ପାଇଁ କମିଶନ ଆବେଦନଗୁଡ଼ିକର ଯାଞ୍ଚ ମଧ ଆରମ୍ଭ କରିଛନ୍ତି। ନିୟମିତ କର୍ମଚାରୀ ଅଭାବ ସତ୍ତ୍ୱେ କମିଶନ ପ୍ରତି ମାସରେ ୧୫୦୦ ମାମଲା ସମାଧାନ କରୁଛନ୍ତି। ପ୍ରତି ମାସରେ ଆବେଦନକାରୀଙ୍କ ଦ୍ୱାରା ହାରାହାରି ୫୦୦ ମାମଲା ଦାଖଲ ହେଉଛି।

କମିଶନଙ୍କ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ବର୍ଦ୍ଧିତ ଅଭିଯୋଗଗୁଡିକର ନିରୀକ୍ଷଣ ନିମନ୍ତେ କମିଶନରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହା ରାଜ୍ୟ ସରକାରଙ୍କୁ ଏ ସମ୍ବନ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଉଛି।

## ୨୦୨୬ର ପ୍ରଥମ...

କ୍ୟାଣ୍ଟନମେଣ୍ଟ ଏବଂ ଅଲୱାଲ ଭଳି ସ୍ଥାନରେ ହାଲୁକା ଧରଣର ବର୍ଷା ହୋଇପାରେ। କୁହାଯାଉଛି, ଏହି ବାତ୍ୟାକୁ ୨୦୨୬ର ଭୀଷଣ ବାତ୍ୟା କୁହାଯାଉଛି। ୧୯୯୯ରେ ଓଡ଼ିଶାରେ ହୋଇଥିବା ବାତ୍ୟା ପରି ଏହି ବାତ୍ୟା ହେବ। ତେବେ ଓଡ଼ିଶାରେ ଏହାର କୌଣସି ପ୍ରଭାବ ପକାଇବ ନାହିଁ।

### ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଦ୍ୱାରା

# ବୋମାଲୋଇ ଗ୍ରାମପଞ୍ଚାୟତର ଶିକ୍ଷା ଅନୁଷ୍ଠାନର ଭିତ୍ତିଭୂମିକୁ ସୁଦୃଢ ଏକ ଅନନ୍ୟ ପଦକ୍ଷେପ

**ରେଙ୍ଗାଲି, ନ୍ୟୁଜ ବ୍ୟୁରୋ**



ଶିକ୍ଷାର ବିକାଶ କହିଲେ ଏହାର ଭିତିଭୂମି ଏବଂ ଗୁଣାତ୍ମକ ଶିକ୍ଷାକୁ ସୁଦୃଢ କରିବା ଆଦିତ୍ୟ ଆଲୁମିନିୟମ ସଦା ସର୍ବଦା ପ୍ରୟାସରତ। ଏଥିରେ ଗ୍ରାମୀଣ କ୍ଷେତ୍ରରେ ଥିବା ସମସ୍ତ ଶିକ୍ଷା ଅନୁଷ୍ଠାନ ଗୁଡ଼ିକ କିଭଳି ନିରନ୍ତନ ଶିକ୍ଷା ଦାନ ପ୍ରଦାନ କରିବା ଆଦିତ୍ୟ ଆଲୁମିନିୟମ ସି.ଏସ.ଆର୍ କର୍ତ୍ତବ୍ୟରତ। ପ୍ରକଳ୍ପ ଅଧ୍ୟନର ଯୁଗାନ୍ତକାରି ପ୍ରୟାସ ଦ୍ୱାରା ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ବିଶେଷ ଉପକୃତ ହେଉଛନ୍ତି। ବିଞ୍ଜିପାଲି ଗ୍ରାମରେ ଥିବା ବିଦ୍ୟାଳୟର ପାଚେରୀ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ଅବସରରେ ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ସମସ୍ତେ ଭଲ ପାଠ ପଢି ଭଲ ନାଗରିକ ଟିଏ ହେବା ପାଇଁ ଉପଦେଶ ଦେଇଥିଲେ, ମାନବ ସମ୍ବଳ ମୁଖ୍ୟ ବିନୋଦ ନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲଶନ ତିୱାରୀ, ସି.ଏସ.ଆର ଟିମ୍‌ର ଶିବ ମହାପାତ୍ର, ରବି ନିୱାସ, ସୁକାନ୍ତ ମହାପାତ୍ର, ମନୋରଞ୍ଜନ ବେହେରା, ସିଭିଲର ରଞ୍ଜିତ କୁମାର, ମନୋଜ ଶର୍ମା ଓ ନିଳମାଧବ ପତି, ମାନବ ସମ୍ବଳ ବିଭାଗର ପୀୟୁଶ ରାଜଗୁରୁ, ସ୍ନେହା ନାୟକ ଓ ରମେଶ ରଜାକ୍ ଉପସ୍ଥିତ ରହିଥିଲେ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷ ଦେବ ପଧାନ, ରଞ୍ଜିତ କିଶାନ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ଓ ସହଯୋଗ କରିଥିଲେ ଏବଂ ବିଦ୍ୟାଳୟର ନିର୍ମାଣ କାର୍ଯକୁ ହୃଦୟ ଭରା ପ୍ରସଂଶା ଜଣାଇଥିଲେ। ପ୍ରକଳ୍ପ ଅଧ୍ୟୟନ ସ୍ଥାନୀୟ ୪୩ଟି ବିଦ୍ୟାଳୟରେ ଭିତ୍ତିଭୂମିର ଓ ଗୁଣାତ୍ମକ ଶିକ୍ଷାର ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇଛି। ଏଥିରେ ୮ ବିଦ୍ୟାଳୟରେ ପାଚେରୀ ନିର୍ମାଣ, ମଧାହ୍ନ ଭୋଜନ ଆସ୍ଥାନ, ଯାହାକି ପାଞ୍ଚଟି ଗ୍ରାମପଞ୍ଚାୟତ ଅଧୀନରେ ଅଛି। କେବଳ ସେତିକି ନୁହେଁ ଏହି ପ୍ରୟାସ ଦ୍ୱାରା ୧୧୦୦ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ଶିକ୍ଷାର ଆଦାନ ପ୍ରଦାନ ଓ ସୁରକ୍ଷା ବ୍ୟବସ୍ଥାର ଉତ୍ତରତର ଉନ୍ନତି ପାଇଁ କାରଖାନା ବଦ୍ଧ ପରିକର। ଏଭଳି ଉନ୍ନତି ମୂଳକ କାର୍ଯ୍ୟକ୍ରମ ପାଇଁ ଅଭିଭାବକ ଓ ଛାତ୍ର ଛାତ୍ରୀ ଆଦିତ୍ୟ ଆଲୁମିନିୟମ କାରଖାନାକୁ ପ୍ରସଂଶା ଓ ସାଧୁବାଦ୍ ଜ୍ଞାପନ କରିଥିଲେ।

# ଜୁନ୍ ସୁଦ୍ଧା ୩ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପ ଉଦ୍‌ଘାଟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଲେ ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅଣ୍ଟା ଭିଡ଼ିଛି ଶିଳ୍ପ ବିଭାଗ। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବିଭାଗୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇଡ୍‌କୋ ଏବଂ ଇପିକଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଉଚ୍ଚସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ ଏବଂ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦିତ ଶିଳ୍ପ ପ୍ରକଳ୍ପ ଗୁଡ଼ିକର କିପରି ଶୀଘ୍ର ବାସ୍ତବ ରୂପାୟନ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀ ଏକ ଟିମ୍ ହୋଇ ଏବଂ ସମୟ ବଦ୍ଧ ଭାବେ କାର୍ଯ୍ୟ କରି ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିବାକୁ ଏଥିରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ୨ବର୍ଷ ପୂର୍ତ୍ତି ତଥା ଜୁନ୍ ୨୦୨୬ ସୁଦ୍ଧା ୩ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶର ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପାଇଁ ସେ ଶିଳ୍ପ ବିଭାଗକୁ ଟାର୍ଗେଟ୍ ଦେଇଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର,୨୭ ଫେବୃୟାରୀ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି : ଫଗୁ ଦଶମୀ ଅବସରରେ ମହାପ୍ରଭୁଙ୍କ ଚାଟେରୀ ବେଶ ନୀତି ସମ୍ପନ୍ନ



**ପୁରୀ ୨୬/୦୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ଫଗୁ ଦଶମୀ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଯାଇଛି । ଗୁରୁବାରଠାରୁ ଶ୍ରୀମନ୍ଦିରରେ ଏକ ସପ୍ତାହ ଧରି ଦୋଳଉତ୍ସବ ମଧ୍ୟ ଆରମ୍ଭ ହୋଇଛି। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ ପ୍ରମୁଖ ଯାତ୍ରା। ଫଗୁ ଦଶମୀରେ ଶ୍ରୀମନ୍ଦିରରେ ଗୁରୁବାର ମଧ୍ୟାହ୍ନ ଧୂପ ଶେଷ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ସ୍ୱତନ୍ତ୍ର ବିମାନରେ ବସି ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ । ସେଠାରେ ଅବିର ଓ ଫଗୁ ଲାଗି କରାଯାଇଥିଲା । ବିଶ୍ୱାସ ରହିଛି, ଫାଲଗୁନ ଶୁକ୍ଳ ଦଶମୀରୁ ଚୈତ୍ର କୃଷ୍ଣ ପ୍ରତିପଦା ପର୍ଯ୍ୟନ୍ତ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳିଥାଏ । ଗୁରୁବାର ଫଗୁ ଦଶମୀ ଅବସରରେ ମହାପ୍ରଭୁଙ୍କର ଚାଟେରୀ ବେଶ ଓ ଚାଟେରୀ ଭୋଗ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଚତୁର୍ଦ୍ଦଶୀ ତିଥି ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଚାଟେରୀ ବେଶରେ ମହାପ୍ରଭୁ ରକ୍ତବସ୍ତ୍ର ପରିଧାନ କରିବା ସହିତ ବିଭିନ୍ନ ଅଳଙ୍କାରରେ ସଜ୍ଜିତ ହୋଇଛନ୍ତି। ପ୍ରତିଦିନ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାପ୍ରଭୁଙ୍କୁ ଏହି ବେଶରେ ସଜ୍ଜିତ କରାଯାଇଛି । ଗୁରୁବାର ମଧ ଠାକୁର ଠାକୁରାଣୀଙ୍କୁ ଝିମିରି ଫଗୁ ଲାଗି କରାଯାଇଛି। ସେପଟେ ଆସନ୍ତା ୨ ତାରିଖରେ ମେଣ୍ଢା ପୋଡ଼ି ଉତ୍ସବ ଅନୁଷ୍ଠିତ ହେବା ସହ ୩ ତାରିଖରେ ଦୋଳପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧା ବିଗ୍ରହ ସୁନାବେଶରେ ଦର୍ଶନ ଦେବେ। ଦୋଳପୂର୍ଣ୍ଣିମା ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ନୀତି କାନ୍ତି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ଗ୍ରହଣରେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ

# ୩ ତାରିଖ ମଧ୍ୟରାତ୍ରୀ ୨ଟାରେ ପହୁଡ ଖୋଲିବ



**ଭୁବନେଶ୍ୱର,୨୬/୦୨ ନ୍ୟୁଜ ବ୍ୟୁରୋ**

ଗ୍ରହଣରେ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଯାଇଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ହୋଇଛି। ମାର୍ଚ୍ଚ ୨ ତାରିଖ ରାତି ୧୨ଟା ସୁଦ୍ଧା ସନ୍ଧ୍ୟା ଧୂପ ବଢ଼ି ପହୁଡ଼ ପଡ଼ିବ। ୩ ତାରିଖ ମଧ୍ୟରାତ୍ରୀ ୨ଟାରେ ପହୁଡ ଖୋଲି ମଙ୍ଗଳ ଆଳତିଠାରୁ ଭୋଗ ମଣ୍ଡପ ପର୍ଯ୍ୟନ୍ତ ନୀତି ଭୋର ୬ଟା ୧୫ରେ ବଢ଼ିବ । ଗ୍ରହଣ ସ୍ନାନ ନିମନ୍ତେ ବିନ୍ଦୁ ସାଗରକୁ ସନ୍ଧ୍ୟା ୫ଟାରେ ବିଜେ କରିବେ । ସନ୍ଧ୍ୟା ସାଢେ ୬ଟା ମଧ୍ୟରେ ଗ୍ରହଣ ଭୋଗ ଲାଗି ହେବ । ରାତି ୮ଟାରେ ଦୋଳ ବେଦୀକୁ ବିଜେ କରିବେ ।

## ସୋମବାର ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ ୨୬।୦୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨ ତାରିଖରେ ବସିବ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସପିଙ୍କ ସହିତ ପରିଚାଳନା କମିଟି ସଦସ୍ୟମାନେ ଭାଗ ନେବେ। ତେବେ ରତ୍ନଭଣ୍ଡାର ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହୋଇଥିବା ବେଳେ ତାରିଖ ଓ ଶୁଭ ବେଳା ସ୍ଥିର କରାଯିବ। ଏଥିସହ ଗୁଣ୍ଡିଚା ମନ୍ଦିର କେବେ ଖୋଲିବ ତାହା ମଧ୍ୟ ଚୂଡ଼ାନ୍ତ ହେବ। ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୂଳ ସମ୍ପର୍କରେ ମଧ୍ୟ ଆଲୋଚନା ହେବ। ମହାପ୍ରଭୁଙ୍କୁ ନୂତନ ରତ୍ନ ପଲଙ୍କ ସେଟ୍ କେବେ ବ୍ୟବହାର ହେବ ସେନେଇ ଆଲୋଚନା ହେବ।

## ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିଲା କୋରାପୁଟ ପୋଲିସ

# ୨୦୦ କୋଟିର ତେଲ ଓ ୫ କୋଟିର ଗଞ୍ଜେଇ ଜବତ : ୪ ଅଟକ



**କୋରାପୁଟ, ୨୬/୦୨ ନ୍ୟୁଜ ବ୍ୟୁରୋ**

ନିଶା କାରବାର ଉପରେ କୋରାପୁଟ ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ । ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାନ୍ତ ଜଲାପୁଟ ଜଳଭଣ୍ଡାର ନିକଟରୁ କୋଟି କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ । ଜିଲ୍ଲାର ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଚାଲିଥିବା ଏକ ଆନ୍ତଃରାଜ୍ୟ ବେଆଇନ ଉତ୍ପାଦନ ୟୁନିଟ୍ ଠାବ କରିଛି କୋରାପୁଟ ପୋଲିସ । ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ଅନେକ ଅସ୍ଥାୟୀ ଉତ୍ପାଦନ ସେଟଅପ୍, ଉପକରଣ ଏବଂ ସାମଗ୍ରୀ ମଧ୍ୟ ଜବତ କରିବା ସହ ନଷ୍ଟ କରାଯାଇଛି। ଅନ୍ୟପଟେ କୋରାପୁଟରୁ ୧୧୪୪ କିଲୋ ଗଞ୍ଜେଇ ଜବତ ସହ ୪ ଜଣଙ୍କୁ ପୋଲିସ ଅଟକ ରଖିଛି । ଜଲାପୁଟ ଜଳଭଣ୍ଡାର ନିକଟବର୍ତ୍ତୀ ଏକ ଅତ୍ୟନ୍ତ ଦୁର୍ଗମ ଏବଂ ଘନ ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବରେ ଗଞ୍ଜେଇ ତେଲ ପ୍ରସ୍ତୁତ ହେଉଥିବା ଅସ୍ଥାୟୀ ପ୍ରୋସେସିଂ ୟୁନିଟ୍ ଠାବ କରିବା ସହିତ ୧୮୦୦ ଲିଟର ତେଲ ଜବତ କରିଛି କୋରାପୁଟ ପୋଲିସ। ଯାହାର ଆନୁମାନିକ ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ରହିଛି। ଗୁଇନ୍ଦା ସୂଚନା ଆଧାରରେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏହି ଅପରେସନ କରାଯାଇଥିଲା। କର୍ତ୍ତୃପକ୍ଷ କହିଛନ୍ତି ଯେ, ଆନ୍ତଃରାଜ୍ୟ ନିଶା କାରବାରରେ ସମ୍ପୃକ୍ତ ନେଟୱାର୍କକୁ ଠାବ କରିବା ପାଇଁ ଅଧିକ ତଦନ୍ତ ଚାଲିଛି । ସେହିପରି ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ନନ୍ଦପୁର ପୋଲିସ ୨ଟି ପିକଅପ୍ ଗାଡି ସହିତ ୧୧୪୪ କିଲୋ ଗଞ୍ଜେଇ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କାରୁ ଅଧିକ ହେବ। ଗଞ୍ଜେଇ ଚୋରା ଚଲାଣରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ପୋଲିସ ଅଟକ ରଖି ଅଧିକ ପଚାରଉଚରା କରୁଛି । ଏବେ ବି ଚଢ଼ାଉ ଜାରି ରହିଛି ବୋଲି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ସୁନାବେଡା ଏସଡିପିଓ ସୁମିତ୍ରା ଜେନା କହିଛନ୍ତି, ‘୪୬ଟି ବସ୍ତାରୁ ୧୧୪୪ କେଜିର ଗଞ୍ଜେଇ ଜବତ କରାଯାଇଛି । ଗଞ୍ଜେଇ ୨ଟି ପିକଅପ୍ ଭ୍ୟାନରେ ହରିୟାଣାକୁ ଚାଲାଣ କରାଯାଉଥିଲା। ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ୨ ଜଣ ଡ୍ରାଇଭର ଲୋକନାଥ ବେହେରା ଓ କୁମାର ସୋନି ବେହେରା ଓ ହରିୟାଣାର ଦୁଇ ଜଣ ଗିରଫ ହୋଇଛନ୍ତି ।‘

## ଏଥର ମାସକୁ ଗୋଟେ ଶନିବାର ହେବ କୋର୍ଟ କାର୍ଯ୍ୟ

# ବହୁ ବର୍ଷ ଧରି ସରକାରୀ ଜମି ଦଖଲରେ ରଖିଲେ ବି ମିଳିବନି ଅଧିକାର : ହାଇକୋର୍ଟ



**କଟକ, ୨୬/୦୨ ନ୍ୟୁଜ ବ୍ୟୁରୋ**

ପୁରୁଣା ମାମଲା ଏବେ ଅଦାଲତଙ୍କ ପାଇଁ ବୋଝ ହୋଇପଡ଼ିଛି । ୨୦/୩୦ବର୍ଷ ତଳର ମାମଲା ଫଏସଲା ନହୋଇ ଏବେ ବି ଗଡୁଛି। ଏହା ଦ୍ୱାରା ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ହେବା ସହ ବେଳେବେଳେ ଜଣେ ନିର୍ଦ୍ଦୋଷ ବି ଜେଲ୍‌ର ଚାରି କାନ୍ଥ ମଧ୍ୟରେ ରହିଯାଉଛି । ଏହିଭଳି ପୁରୁଣା ଫୌଜଦାରୀ ମାମଲାଗୁଡ଼ିକ ବିଚାର ବ୍ୟବସ୍ଥା ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରୁଛି । ଏହି ସମସ୍ୟାର ସମାଧାନ ପାଇଁ ହାଇକୋର୍ଟରେ ଶନିବାର ବି କୋର୍ଟ କାର୍ଯ୍ୟ ପାଇଁ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଥିଲେ। ଏହି ପରାମର୍ଶକୁ ଆଧାର କରି ହାଇକୋର୍ଟ ବାର୍ ଆସୋସିଏସନ୍ ଏବଂ ବରିଷ୍ଠ ଆଇନଜୀବୀଙ୍କ ସହ ହାଇକୋର୍ଟର ବିଚାରପତିମାନେ ବିଚାର ଆଲୋଚନା କରିଛନ୍ତି। ମାସର ଗୋଟିଏ ଶନିବାର ହାଇକୋର୍ଟ ବସିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ଯେଉଁଥିରେ କେବଳ ପୁରୁଣା ଫୌଜଦାରୀ ମାମଲାର ଶୁଣାଣି କରାଯିବ । ବିଶେଷକରି ୨୦ବର୍ଷ ପୁରୁଣା ମାମଲାର ଶୁଣାଣି ଉପରେ ଗୁରୁତ୍ୱାରୋପ କରାଯିବ। ଯେଉଁ ଆଇନଜୀବୀମାନେ ଆଗ୍ରହ ଦେଖାଇବେ ସେହିମାନଙ୍କ ମାମଲାର ମଧ୍ୟ ଶନିବାର ଶୁଣାଣି କରାଯିବ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦିକ୍ଷୀତ କେ.ଏସ୍, ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏବଂ ଜଷ୍ଟିସ୍ ଭି. ନରସିଂହ, ହାଇକୋର୍ଟ ବାର ଆସୋସିଏସନ୍‌ର ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ୍ ପଟ୍ଟନାୟକ, ଅନ୍ୟାନ୍ୟ କର୍ମକର୍ତ୍ତା, ବହୁ ବରିଷ୍ଠ ଆଇନଜୀବୀଙ୍କ ଉପସ୍ଥିତିରେ ବୁଧବାର ହାଇକୋର୍ଟ ସମ୍ମିଳନୀ କକ୍ଷରେ ଏନେଇ ଏକ ବୈଠକ ବସିଥିଲା । ହାଇକୋର୍ଟର ବିଚାରପତିମାନେ ମାସର ଯେକୌଣସି ଗୋଟେ ଶନିବାର କୋର୍ଟ ବସିବା ପ୍ରସ୍ତାବ ବାର ଆସୋସିଏସନ୍‌କୁ ଜଣାଇଥିଲେ। ସୁପ୍ରିମ୍‌କୋର୍ଟ ପ୍ରତ୍ୟେକ ଶନିବାର କୋର୍ଟ କରିବା ଲାଗି ହାଇକୋର୍ଟଙ୍କୁ ପ୍ରସ୍ତାବ ଦେଇଛନ୍ତି । କିନ୍ତୁ ମାସର ଦୁଇଟି ଶନିବାର କୋର୍ଟ କାର୍ଯ୍ୟାଳୟ ଛୁଟି ରହିବ। ଅନ୍ୟ ଦୁଇଟି ଶନିବାର ମଧ୍ୟରୁ ଗୋଟିଏ ଶନିବାର କୋର୍ଟ ବସିବା କଥା ଚିନ୍ତା କରାଯିବାକୁ କୁହାଯାଇଥିଲା। ପୁରୁଣା ମାମଲାର ଫଏସଲା କରିବା ଲାଗି ଏଭଳି ଏକ ପଦକ୍ଷେପ ନେବାକୁ ବିଚାରପତିମାନେ ହାଇକୋର୍ଟ ବାରକୁ କହିଥିଲେ। ଏହା ଉପରେ ବାର୍ ଅନ୍ୟ ଆଇନଜୀବୀମାନଙ୍କ ସହ ଆଲୋଚନା କରି ହାଇକୋର୍ଟଙ୍କୁ ଜଣାଇବା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି । ସେହିପରି ବହୁ ବର୍ଷଧରି ସରକାରୀ ଜମିକୁ ଅନଧିକୃତ ଭାବେ ଦଖଲରେ ରଖିଥିଲେ ବି ଜବରଦଖଲକାରୀ ଏହା ଉପରେ ଆଇନଗତ ଅଧିକାର ପାଇ ପାରିବେ ନାହିଁ। ସରକାରୀ ଜମିରୁ ଜବରଦଖଲ ନିଶ୍ଚିତ ଭାବେ ଉଚ୍ଛେଦ କରାଯିବ। ଏଭଳି ବେଆଇନ ଦଖଲ ପ୍ରସଙ୍ଗରେ ସହଯୋଗ କରୁଥିବା ଓ ପ୍ରଶ୍ରୟ ଦେଉଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ସ୍ଥଳେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜବରଦଖଲ ବିଶେଷ କରି ବହୁ ଅବଧି ପାଇଁ ଅନୁମତି ଦିଆଯିବା ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରାଯିବା ଉଚିତ। ଅତୀତରେ ହୋଇଥିବା ତ୍ରୁଟି ପାଇଁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ବହୁ ସମୟରେ ପ୍ରାରମ୍ଭିକ ସ୍ତରରେ ଜବରଦଖଲ ରୋକିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପ୍ରସଙ୍ଗରେ ରାଜସ୍ୱ ନିରୀକ୍ଷକ ଓ କ୍ଷେତ୍ରସ୍ତରର ଅଧିକାରୀ ବିଫଳ ହେଉଛନ୍ତି। ସଂଶୋଧନ କରିବା କଷ୍ଟକର ଭଳି ସ୍ଥିତି ଆସିବା ପରେ ପଦକ୍ଷେପ ଗ୍ରହଣ କରାଯାଉଛି। ସରକାରଙ୍କ ମାଲିକାନାରେ ଥିବା ଜମିର ସୁରକ୍ଷା ସଂପୃକ୍ତ ସରକାରୀ ଅଧିକାରୀଙ୍କ କର୍ତ୍ତବ୍ୟ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ଜୟପୁର ପୁରୁଣା ବସଷ୍ଟାଣ୍ଡ ନିକଟ ତଥା ଏସ୍‌ଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଜମିରୁ ଉଚ୍ଛେଦ ସପକ୍ଷରେ ଜଣିକିଆ ଖଣ୍ଡପୀଠ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଣିକିଆ ଖଣ୍ଡପୀଠଙ୍କ ୨୦୨୫ ଅକ୍ଟୋବର ୩୧ର ରାୟ ବିରୋଧରେ କୋରାପୁଟ ଜିଲ୍ଲା ଘରୋଇ ବସ୍ କର୍ମଚାରୀ ୟୁନିୟନ୍ ପକ୍ଷରୁ ଦାୟର ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ୧୦ ଦିନ ଭିତରେ ସଂପୃକ୍ତ ଜମିକୁ ଖାଲି କରି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥିରେ ଅବହେଳା ହୁଏ ତେବେ ସଂପୃକ୍ତ ଜମିରୁ ଉଚ୍ଛେଦ ସୁନିଶ୍ଚିତ ପାଇଁ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ କୋରାପୁଟ ଏସ୍‌ପି ଆବଶ୍ୟକ ସହାୟତା ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ କୋରାପୁଟ ଜିଲ୍ଲା ଘରୋଇ ବସ୍ କର୍ମଚାରୀ ୟୁନିୟନ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ସଂପୃକ୍ତ ସରକାରୀ ଜମି ଖାଲି କରିବାକୁ ଜୟପୁର ତହସିଲଦାର ୨୦୨୨ ମେ ୧୮ରେ ନୋଟିସ୍ ଜାରି କରିଥିଲେ। ଏହି ନୋଟିସ୍‌କୁ ଚ୍ୟାଲେଞ୍ଜ କରି ସଂପୃକ୍ତ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। କିନ୍ତୁ ଜମିକୁ ୧୫ ଦିନ ଭିତରେ ଖାଲି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ସହିତ ଆବେଦନକାରୀଙ୍କୁ ନୂଆ ବସଷ୍ଟାଣ୍ଡ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜାଗା ପ୍ରଦାନ ପ୍ରସଙ୍ଗରେ କୋରାପୁଟ ଜିଲ୍ଲାପାଳ ବିଚାର କରିବେ ବୋଲି କହିଥିଲେ। ଜଣିକିଆ ଖଣ୍ଡପୀଠଙ୍କ ୨୦୨୫ ଅକ୍ଟୋବର ୩୧ର ଏହି ରାୟକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ ଦାୟର କରିଥିଲେ।

## ତୋଷାଳି ଭବନର ରେକର୍ଡ ରୁମ୍‌ରେ ଅଗ୍ନିକାଣ୍ଡ : ଜଳିଗଲା ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

**ଭୁବନେଶ୍ୱର ୨୬/୦୨ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ନିଆଁ ଭୟ। ଲିଙ୍ଗପୁର ସୁପର ମାର୍ଟ ଅଗ୍ନିକାଣ୍ଡ ମନରୁ ନଲିଭୁଣୁ ସତ୍ୟନଗର ତୋଷାଳି ଭବନରେ ଘଟିଛି ଅଘଟଣ। ତୋଷାଳି ଭବନର ତଳ ମହଲାରେ ଲାଗିଛି ନିଆଁ।ଲୋକାୟୁକ୍ତ କାର୍ଯ୍ୟାଳୟର ରେକର୍ଡରୁ ଅଗ୍ନିକାଣ୍ଡ ଘଟିଥିବା ବେଳେ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଛି। ଘଟଣାସ୍ଥଳରେ ଫାୟାର ଫାଇଟ୍ ଟିମ୍ ନିଆଁକୁ ଆୟତ୍ତ ପାଇଁ ପହଞ୍ଚି ଉଦ୍ୟମ କରାଯାଇଥିଲା।

## ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲେ ମେୟର

**କଟକ ୨୬।୨ ନ୍ୟୁଜ ବ୍ୟୁରୋ**

ଶୈଳବାଳା ମହିଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ରାଜ୍ୟପାଳଙ୍କୁ ଚିଠି ଲେଖିଲେ କଟକ ମେୟର ସୁବାଷ ସିଂ। ଚିଠି ମାଧ୍ୟମରେ ଏ ବିଷୟରେ ହସ୍ତକ୍ଷେପ କରିବାକୁ ମେୟର ଅନୁରୋଧ କରିଛନ୍ତି ।

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଆନ୍ଦୋଳନରତ ଛାତ୍ରୀ ମାନଙ୍କୁ ନିଜର ପୂର୍ଣ୍ଣ ସମର୍ଥନ ଜଣାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଗତ ସପ୍ତାହରେ ଚିଠି ଲେଖିବା ପରେ ଯଦିଓ ପ୍ରଶାସନିକ ସ୍ତରରେ କିଛି ଆଲୋଚନା ହୋଇଥିଲା । କିନ୍ତୁ କୌଣସି ସମାଧାନର ରାସ୍ତା ନ ବାହାରିବାରୁ ପୁଣି ଥରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଚିଠି ଲେଖି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ବିଷୟରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ କଟକ ତଥା ରାଜ୍ୟର ସର୍ବପୁରାତନ ତଥା ମହିଳା କଲେଜ । ୨୦୦୬ ଏବଂ ୨୦୧୭ ମସିହାରେ ୟୁଜିସି ଏନ୍‌ଏଏସି ଟିମ୍ ଦ୍ୱାରା ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳକୁ ‘ଏ’ ଗ୍ରେଡ୍ ପ୍ରଦାନ କରାଯାଇଥିଲା । ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଦୀର୍ଘ ୧୧୩ ବର୍ଷ ଧରି ଉତ୍ସର୍ଗୀକୃତ ଭାବେ ନିଜର କାର୍ଯ୍ୟ ସମ୍ପାଦନା କରିଆସୁଛି । ଉଚ୍ଚଶିକ୍ଷା ପ୍ରତି ଏହି ଅନୁଷ୍ଠାନର ସ୍ଥାୟୀ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଶୈଳବାଳା ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ଘୋଷଣା କରିବା ପାଇଁ ଅନୁରୋଧ କରିଛନ୍ତି ମେୟର ।

# ପ୍ରଥମ ବିଶ୍ୱନେତା ଭାବେ ଇତିହାସ ରଚିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୬/୦୨**

ଇନଷ୍ଟାଗ୍ରାମରେ ମୋଦିଙ୍କ ରେକର୍ଡ । ୧୦୦ ମିଲିୟନ ଛୁଇଁଲା ଫଲୋଅର୍ସ ସଂଖ୍ୟା। ପ୍ରଥମ ବିଶ୍ୱନେତା ଭାବେ ରଚିଲେ ଇତିହାସ। ଇନଷ୍ଟାରେ ସବୁଠୁ ଲୋକପ୍ରିୟ ନେତା ଭାବେ ସେ ରେକର୍ଡ କରିଛନ୍ତି। ପଛରେ ପଡିଗଲେ ବିଶ୍ୱର ଟପ୍ ନେତା ।

ଗତ ୧୨ ବର୍ଷ ହେଲା ତାଙ୍କ ପ୍ରୋଫାଇଲ୍ ଏବଂ ଆକାଉଣ୍ଟ ବିଶ୍ୱରେ ଏକ ସବୁଠୁ ଏନଗେଜିଂ ଆକାଉଣ୍ଟ ଭାବେ ପ୍ରତିଷ୍ଠା ଅର୍ଜନ କରିଛି । ୨୦୧୪ରେ ପ୍ରଧାନମନ୍ତ୍ରୀ ଇନଷ୍ଟାଗ୍ରାମରେ ଯୋଗ ଦେଇଥିଲେ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠୁ ମୋଦୀଙ୍କ ଦୁଇଗୁଣା ଅଧିକ ଫଲୋଅର୍ସ ଅଛନ୍ତି । ବିଶ୍ୱର ଟପ୍ ୫ ବଡ ନେତାଙ୍କ ଇନଷ୍ଟା ଫଲୋଅର୍ସଙ୍କ ସଂଖ୍ୟା ଠାରୁ ଅଧିକ ମୋଦିଙ୍କ ଫଲୋଅର୍ସ।

ସେହିପରି ଫଲୋଅର୍ସ ତାଲିକାରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ତାଙ୍କର ମୋଟ୍ ଫଲୋଅର୍ସ ହେଲେ ୪୩.୨ ମିଲିୟନ। ସେହିପରି ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରାବୋୱୋ ସୁବାୟାନଟୋଙ୍କ ଫଲୋଅର୍ସ ସଂଖ୍ୟା ୧୫ ମିଲିୟନ।



ବ୍ରାଜିଲ ରାଷ୍ଟ୍ରପତିଙ୍କ ଫଲୋଅର୍ସ ସଂଖ୍ୟା ୧୪.୪ ମିଲିୟନ ହୋଇଥିବା ବେଳେ ତୁର୍କୀ ରାଷ୍ଟ୍ରପତି ତେୟିପ୍ ଏଡ୍ରୋଗାନଙ୍କ ଫଲୋଅର୍ସ ସଂଖ୍ୟା ୧୧.୬ ମିଲିୟନ। ଏତଦ୍ ବ୍ୟତୀତ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଏର୍ ମିଲେଇଙ୍କ ମୋଟ୍ ୬.୪ ମିଲିୟନ ଫଲୋଅର୍ସ ରହିଛନ୍ତି । ଭାରତରେ ମଧ୍ୟ ମୋଦିଙ୍କ ଫଲୋଅର୍ସ ଏବଂ ଅନ୍ୟ ନେତାଙ୍କ ଫଲୋଅର୍ସ ଅନେକ ଫରକ ରହିଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଅପରେସନ ସାଇବର କବଚ: ୧୩୯୭୬ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୫୫ଜଣ ଅଭିଯୁକ୍ତ ଗିରଫ

# ଗଠନ ହେବ ସାଇବର ଅପରାଧ ମୁକ୍ତ ଓଡ଼ିଶା : ଡିଜିପି






**ଭୁବନେଶ୍ୱର, ୨୬/୦୨ ନ୍ୟୁଜ ବ୍ୟୁରୋ**

ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ ‘ଅପରେସନ ସାଇବର କବଚ’ ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ ‘ଅପରେସନ ସାଇବର କବଚ’ ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୧୩୯୭୬ଟି ମ୍ୟୁଲ/ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୫୩୧ଟି ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୨୦ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୨୦ଟି ଏବଂ ନକଲି ସିମ୍/ଚକ୍ଷୁ ସମ୍ପର୍କିତ ୧୨ଟି ମାମଲା ରୁଜୁ ହୋଇଛି। ଏହାସହ ୨୫୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ନୂଆ ମାମଲା ଓ ୧୩୦ଟି ପୁରୁଣା ଏଫ୍.ଆଇ.ଆର ସହ ସଂପୃକ୍ତ ୩୪୫୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ବିଶେଷ ଅଭିଯାନରେ କଟକ ଜିଲ୍ଲା ପୋଲିସ ୭୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି ଏବଂ ନୂଆ ମାମଲା ଓ ପୁରୁଣା ୬ଟି ଏଫ୍‌ଆଇଆର ସଂପୃକ୍ତ ୧୩ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ଜଗତସିଂହପୁର ଜିଲ୍ଲା ପୋଲିସ ୧୧୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୫ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଯାଜପୁର ଜିଲ୍ଲା ପୋଲିସ ୨୦୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୩ଟି ଏବଂ ନକଲି ସିମ୍/ ଚକ୍ଷୁ ସଂପୃକ୍ତ ୧ଟି ମାମଲା ରୁଜୁ କରି ୨୩ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୧୦୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୨ଟି ଏବଂ ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସଂପୃକ୍ତ ୨ଟି ମାମଲା ରୁଜୁ କରି ୪୮ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଖୋର୍ଦ୍ଧା ଜିଲ୍ଲା ପୋଲିସ ୩୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୩ଟି, ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୭ଟି ଏବଂ ନକଲି ସିମ୍/ପିଓଏସ୍ ସଂପୃକ୍ତ ୨ଟି ମାମଲା ରୁଜୁ କରି ୧୨ଜଣଙ୍କୁ ନୋଟିସ୍ ଜାରି କରିଛି। ପୁରୀ ଜିଲ୍ଲା ପୋଲିସ ୫୮୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ଟି ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ୩ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ବରଗଡ଼ ଜିଲ୍ଲା ପୋଲିସ ୫୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଝାରସୁଗୁଡ଼ା ଜିଲ୍ଲା ପୋଲିସ ୬୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୨ଟି ଏବଂ ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୧୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସମ୍ବଲପୁର ଜିଲ୍ଲା ପୋଲିସ ୪୪୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୬ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦୁଝର ଜିଲ୍ଲା ପୋଲିସ ୭୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩ଟି ମାମଲା ରୁଜୁ କରି ୩ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ରାଉରକେଲା ଜିଲ୍ଲା ପୋଲିସ ୫୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୫ଟି ମାମଲା ରୁଜୁ କରି ୭ଜଣଙ୍କୁ ନୋଟିସ୍ ଜାରି କରିଛି। ବାଲେଶ୍ୱର ଜିଲ୍ଲା ପୋଲିସ ୧୭୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୫ଟି ମାମଲା ରୁଜୁ କରି ୧୯ଜଣଙ୍କୁ ନୋଟିସ୍ ଜାରି କରିଛି। ମୟୂରଭଞ୍ଜ ଜିଲ୍ଲା ପୋଲିସ ୨୩୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ଟି ମାମଲା ରୁଜୁ କରି ୩୮ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଭୁବନେଶ୍ୱର ଜିଲ୍ଲା ପୋଲିସ ୧୧୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ୧୩ଜଣଙ୍କୁ ନୋଟିସ୍ ଜାରି କରିଛି। ଗଜପତି ଜିଲ୍ଲା ପୋଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି। ଗଞ୍ଜାମ ଜିଲ୍ଲା ପୋଲିସ ୬୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୩ଟି ଏବଂ ଏଟିଏମ୍ ଟଙ୍କା ଉଠାଣ ସଂପୃକ୍ତ ୧ଟି ମାମଲା ରୁଜୁ କରି ୧୩ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ଦେବଗଡ଼ ଜିଲ୍ଲା ପୋଲିସ ୧୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ସଂପୃକ୍ତ ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି ନୟାଗଡ଼ ଜିଲ୍ଲା ପୋଲିସ ୨୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ପୁରୁଣା ଏଫ୍‌ଆଇଆର ସଂପୃକ୍ତ ୨୯ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ବଲାଙ୍ଗିର ୯ଟି, ସୁବର୍ଣ୍ଣପୁର ୪ଟି, ଭଦ୍ରକ ୫୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। କଟକ ଜିଲ୍ଲା ପୋଲିସ ୬୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୬ଜଣଙ୍କୁ ନୋଟିସ୍ ଜାରି କରିଛି। ବ୍ରହ୍ମପୁର ଜିଲ୍ଲା ପୋଲିସ ୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ପୁରୁଣା ୩ଟି ଏଫ୍‌ଆଇଆର ସଂପୃକ୍ତ ୯ଜଣଙ୍କୁ ନୋଟିସ୍ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। କନ୍ଧମାଳ ଜିଲ୍ଲା ପୋଲିସ ୨୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୩ଜଣଙ୍କୁ ନୋଟିସ୍ ଜାରି କରିଛି। ଢେଙ୍କାନାଳ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। କଳାହାଣ୍ଡି ଜିଲ୍ଲା ପୋଲିସ ୨୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ୧୮ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। କୋରାପୁଟ ୪ଟି, ମାଲକାନଗିରି ୪ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇଛି। ମାଲକାନଗିରିରେ ୧ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ନବରଙ୍ଗପୁର ଜିଲ୍ଲା ପୋଲିସ ୫୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଏବଂ ୪୬ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ନୂଆପଡ଼ା ଓ ରାୟଗଡ଼ା ଜିଲ୍ଲା ପୋଲିସ ପ୍ରତ୍ୟେକ ୧୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛନ୍ତି। ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।